୬ ନିଜ ମାଟିରେ ଲଜ୍ଜାଜନକ ପରାଜୟ ୪୦୮ ରନ୍‌ରେ ହାରିଲା ଟିମ୍ ଇଣ୍ଡିଆ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
ଧର୍ମଶୋ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୨୯୯ ● ୨୭ ନଭେମ୍ବର ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-299 ● 27th November 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ।। ଐତିହାସିକ ହେବ ଶୀତ ଅଧିବେଶନର ପ୍ରଥମ ଦିନ ।।

# ବିଧାନସଭାରୁ ଜାତିକୁ ସମ୍ବୋଧନ କରିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୨୬।୧୧
ନ୍ୟୁଜ୍ ବ୍ୟୁରୋ





ଐତିହାସିକ ହେବ ଶୀତକାଳୀନ ଓଡ଼ିଶା ବିଧାନସଭାର ପ୍ରଥମ ଦିନ। ଗୁରୁବାର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଥିଲା ବେଳେ ଗୁରୁବାର ଅପରାହ୍ଣ ସାଢ଼େ ୪ଟାରେ ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରିବେ। ଏଠାରେ ଉଲ୍ଲେଖଯୋଗ୍ୟ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୦୦୦-୦୪ ଏବଂ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟରେ ଚାଲିଥିବା ବିଜେଡି ବିଜେପି ମେଣ୍ଟ ସରକାର ସମୟରେ ଶ୍ରୀମତୀ ମୁର୍ମୁ ଲଗାତାର ଦୁଇ ଥର ବିଧାନସଭାକୁ ନିର୍ବାଚିତ ହୋଇ ଆସିଥିଲେ ଏବଂ ବାଣିଜ୍ୟ ପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ମଧ୍ୟ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହି ସମୟରେ ମନ୍ତ୍ରୀ ଭାବେ ଯେଉଁ କକ୍ଷକୁ ନିଜ କାର୍ଯ୍ୟାଳୟ (ରୁମ୍ ନଂ-୧୧) ଭାବେ ବ୍ୟବହାର କରୁଥିଲେ। ତାହାକୁ ନୂଆ ରୂପରେ ସଜାଇ ଏହି ବିଶେଷ ମୁହୂର୍ତ୍ତ ପାଇଁ ପ୍ରସ୍ତୁତ କରାଯାଇଛି। ନୂଆ ଟେବୁଲ, ଚେୟାର ଓ ଅନ୍ୟାନ୍ୟ ଆସବାବ ପତ୍ର ରଖାଯାଇଛି। ନୂଆ କାର୍ପେଟ ମଧ୍ୟ ଏହି ରୁମ୍‌ରେ ବିଛା ଯାଇଛି।

ସେହି ସମୟରେ ଶ୍ରୀମତୀ ମୁର୍ମୁ ବିଧାନସଭାରେ ବିଧାୟିକା ଏବଂ ମନ୍ତ୍ରୀ ଭାବେ ସେ ଯେଉଁ ଅନୁଭୂତି ସାଉଁଟିଥିଲେ ତା' ଉପରେ ଆଲୋଚନା କରିବା ସହ ସ୍ମୃତି ବଖାଣିବେ ବୋଲି ସୂଚନା ମିଳିଛି। ସେହିପରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବିଧାନସଭାରେ ଦୀର୍ଘ ୧ ଘଣ୍ଟା କାଳ ପର୍ଯ୍ୟନ୍ତ ବିଧାୟକମାନଙ୍କୁ ଦେଶ ଓ ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋକପାତ କରିବାର କାର୍ଯ୍ୟକ୍ରମ ରହିଛି।

ବିଧାନସଭା ପରିସରରେ ରାଷ୍ଟ୍ରପତି ପହଞ୍ଚିବା ପରେ ସେଠାରେ ତାଙ୍କୁ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଦୁଇ ଉପମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ-ମଣ୍ଡଳର ସଦସ୍ୟଗଣ ଓ ବିଧାନସଭା ସଚିବ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବେ। ଏହାପରେ ପୋଲିସ ବାହିନୀ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯିବ। ବିଧାନସଭାରେ ରାଷ୍ଟ୍ରପତି ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରିବା ପରେ ସିଧାସଳଖ ରାଜଭବନ ଅଭିମୁଖେ ଯାତ୍ରା କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ୭୨୮୦ କୋଟି ଟଙ୍କାର ଆରଇପିଏମ୍ ଯୋଜନାକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ

# ଆମଦାନୀ ଉପରେ ହ୍ରାସ ପାଇବ ନିର୍ଭରତା



ନୂଆଦିଲ୍ଲୀ, ୨୬।୧୧

କେନ୍ଦ୍ର ସରକାର ୭୨୮୦ କୋଟି ଟଙ୍କାର ଏକ ନୂଆ ପ୍ରୋଜେକ୍ଟକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାର ଉଦ୍ଦେଶ୍ୟ ଭାରତରେ ସିଣ୍ଟର୍ଡ ରେୟାର ଆର୍ଥ ପରମାନେଣ୍ଟ ମ୍ୟାଗନେଟ (ଆରଇପିଏମ)ର ଉତ୍ପାଦନ ବଢାଇବ। ଏହା ଏଭଳି ଏକ କାର୍ଯ୍ୟକ୍ରମ, ଯାହାକି ଦେଶରେ ଆରଇପିଏମ୍ ତିଆରି କରିବା ପାଇଁ ଏକ ମଜଭୁତ ଇକୋସିଷ୍ଟମ ତିଆରି କରିବ। ସରକାରଙ୍କ କହିବା ଅନୁସାରେ, ଏହାଦ୍ୱାରା ଭାରତ ଆତ୍ମନିର୍ଭର ହେବ ଓ ଦୁନିଆରେ ଆରଇପିଏମ୍ ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିବ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, 'କ୍ୟାବିନେଟ୍ ପରମାନେଣ୍ଟ ମ୍ୟାଗନେଟସ୍ ତିଆରିରେ ଆତ୍ମନିର୍ଭରତା ପାଇବା ପାଇଁ ନିଜ ଭଳି ପ୍ରଥମ ରେୟାର ଆର୍ଥ ପରମାନେଣ୍ଟ ମ୍ୟାଗନେଣ୍ଟସ୍ ସ୍କିମ୍‌କୁ ମଞ୍ଜୁରୀ ଦେଇଛି। ସରକାର ଏହି ଯୋଜନା ଅନୁସାରେ, ସରକାର ଦେଶରେ ବାର୍ଷିକ ୬୦୦୦ ମେଟ୍ରିକ୍ ଟନ୍ କ୍ଷମତା ଥିବା ଆରଇପିଏମ୍ ମ୍ୟାନୁଫାକ୍‌ଚରିଂ ୟୁନିଟ୍ ସ୍ଥାପନ କରିବେ। ଏହି ମ୍ୟାଗନେଟ୍ ଇଲେକ୍ଟ୍ରିକ୍ ବାହାନ, ପବନ ଶକ୍ତି ଉପକରଣ, ଇଲେକ୍ଟ୍ରୋନିକ୍ସ, ଏରୋସ୍ପେସ୍ ଓ ପ୍ରତିରକ୍ଷା କ୍ଷେତ୍ରରେ ଖୁବ୍ ଜରୁରୀ ହେବ। ଏହା ଦୁନିଆର ସବୁଠାରୁ ମଜଭୁତ ମ୍ୟାଗନେଟ୍ ଭିତରେ ଆସିଥାଏ।

## ବରିଷ୍ଠ ଓଏଏସ୍ ଅଧିକାରୀଙ୍କ ସ୍ତରରେ ବଡ଼ଧରଣର ଅଦଳବଦଳ

ଭୁବନେଶ୍ୱର, ୨୬।୧୧
ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ଓଏଏସ୍ ଅଧିକାରୀ ସ୍ତରରେ ରାଜ୍ୟ ସରକାର ଏକ ବଡ଼ଧରଣର ଅଦଳ ବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରୀ ବିଜ୍ଞପ୍ତି ଅନୁସାରେ ଉଷାରାଣୀ ସାହୁ ପଞ୍ଚାୟତିରାଜ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଭାରତ ଦୁର୍ଲଭ ଧାତୁ ଆଧାରିତ ଚୁମ୍ବକ ଉତ୍ପାଦନ ପାଇଁ ବହୁ ବିଲିୟନ୍ ଟଙ୍କାର ଯୋଜନାକୁ ଅନୁମୋଦନ କଲା।
- ଶାଂଘାଇ ବିମାନବନ୍ଦରେ ଭାରତୀୟ ମହିଳାଙ୍କୁ ଅବରୋଧ କରିବାକୁ ଭାରତ ଚୀନକୁ କଡ଼ା ଆପତ୍ତି ଜଣାଇଲା।
- ରୁଷିଆରୁ ଭାରତକୁ ତେଲ ଆମଦାନୀ ପୁଣି ବଢ଼ିଲା।
- ରୁଷ୍ ତେଲ ଚାହିଦା ବଢ଼ିବାରେ ଭାରତର ଉର୍ଜା ବ୍ୟବସାୟ ଚଞ୍ଚଳ।
- ବିଶ୍ୱ ଉର୍ଜା ବାଜାରର ପରିବର୍ତ୍ତନ ଭାରତର ବ୍ୟାପାର ଓ ମୁଦ୍ରା ଚାଳକକୁ ପ୍ରଭାବିତ କରୁଛି।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୭୯୧ (+୮୭)
୨. ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୨୫ (+୮୦)
୩. ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୫୯୩ (+୬୫)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୭୬ (+୨)

# ସର୍ବଦଳୀୟ ବୈଠକରେ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ବାଚସ୍ପତି

ଭୁବନେଶ୍ୱର, ୨୬।୧୧
ନ୍ୟୁଜ୍ ବ୍ୟୁରୋ



ଗୁରୁବାର ଆରମ୍ଭ ହେଉଥିବା ବିଧାନସଭାର ଶୀତକାଳୀନ ଅଧିବେଶନର ଅବ୍ୟବହିତ ପୂର୍ବରୁ ବୁଧବାର ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ବିଧାନସଭାକୁ ସୁରୁଖୁରୁରେ ଚଳାଇବାକୁ ପାଇଁ ସବୁ ଦଳର ବିଧାୟକ ମାନଙ୍କୁ ଅନୁରୋଧ ଜଣାଇଛନ୍ତି।

ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଅପରାହ୍ଣରେ ବିଧାନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ଥିବାରୁ ଏହାକୁ କିପରି ଶୃଙ୍ଖଳାର ସହ ସମ୍ପନ୍ନ କରାଯିବ ସେଥିରେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ ବାଚସ୍ପତି ଶ୍ରୀମତୀ ପାଢ଼ୀ। ଏହି ଅଧିବେଶନ ପ୍ରଥମ ଦିନ ହୋଇଥିବାରୁ ଗୃହରେ କିଭଳି ଭାବେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ ସେ ନେଇ ମଧ୍ୟ ଆଲୋଚନା ହୋଇଛି। ଜିରୋ ଆୱାର କେତେ ସମୟ ରହିବ, ସରକାରୀ ଦଳ କେତେ ସମୟ କହିବେ, ବିରୋଧୀ କେତେ ସମୟ କହିବେ ସେ ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

ରାଷ୍ଟ୍ରପତି ଗସ୍ତ ଦୃଷ୍ଟିରୁ କମିଶନରେଟ୍ ପୋଲିସ ପକ୍ଷରୁ ବିଧାନସଭା ଭିତରେ ଓ ବାହାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏ ନେଇ ବ୍ଲୁବୁକ୍ ଗାଇଡ଼ ଲାଇନ ମୁତାବକ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଅଧିବେଶନ ସମୟରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା (ପୃଷ୍ଠା ୭ରେ)

## ଜଳସମ୍ପଦ ବିଭାଗୀୟ ବ୍ୟୟ ଯୋଜନାର ସମୀକ୍ଷା କଲେ ଉନ୍ନୟନ କମିଶନର

ଭୁବନେଶ୍ୱର, ୨୬।୧୧
ନ୍ୟୁଜ୍ ବ୍ୟୁରୋ

ଜଳ ସଂପଦ ବିଭାଗରେ ବୁଧବାର ବରିଷ୍ଠ ଅଧିକାରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଜଳ ସମ୍ପଦ ବିଭାଗୀୟ ବ୍ୟୟ ଯୋଜନାର ସମୀକ୍ଷା କରିଥିଲେ। ବଜେଟ୍ ପ୍ରାବଧାନ ଅନୁସାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ହୋଇଥିବା ଖର୍ଚ୍ଚ ସଂପର୍କରେ ଅନୁଧ୍ୟାନ କରିଥିଲେ। ଉନ୍ନୟନ କମିଶନର ଅନୁମୋଦନ ଅପେକ୍ଷାରେ ଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ମଞ୍ଜୁରୀ କରାଯିବା ନେଇ ରହୁଥିବା ସମସ୍ୟାର ତ୍ୱରିତ ସମାଧାନ, ଆବଶ୍ୟକ ଟେଣ୍ଡର ପ୍ରକ୍ରିୟାକୁ ତ୍ୱରିତ ସାରିବା ସହ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ (ପୃଷ୍ଠା ୭ରେ)

# ସରକାର ଏବଂ ୟୁଜିସିକୁ ତଥ୍ୟ ମାଗିଲେ ସର୍ବୋଚ୍ଚ ନ୍ୟାୟାଳୟ

ନୂଆଦିଲ୍ଲୀ, ୨୬।୧୧

ଏବେ ସମସ୍ତ ଘରୋଇ ବିଶ୍ୱବିଦ୍ୟାଳୟ ଉପରେ ରହିବ ସୁପ୍ରିମକୋର୍ଟଙ୍କ ନଜର। ଘରୋଇ ବିଶ୍ୱବିଦ୍ୟାଳୟ ପରିଚାଳନା ସମ୍ବନ୍ଧରେ ସେମାନେ ସମସ୍ତ କାଗଜପତ୍ର ସରକାରଙ୍କୁ ଦାଖଲ କରିବେ। ଦେଶରେ ହୁହୁ ହୋଇ ଗଢି ଉଠୁଥିବା ଘରୋଇ ଶିକ୍ଷାନୁଷ୍ଠାନର କାର୍ଯ୍ୟପ୍ରଣାଳୀ, ନିୟମ ଏବଂ ଏହାର ଢାଞ୍ଚାର ଯାଞ୍ଚ କରିବା ପାଇଁ କେନ୍ଦ୍ର ସରକାର, ବିଭିନ୍ନ ରାଜ୍ୟ ସରକାର ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସିକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହାର ରିପୋର୍ଟ କୋର୍ଟଙ୍କୁ ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସୁପ୍ରିମକୋର୍ଟ କହିଛନ୍ତି ଯେ, ତଥ୍ୟକୁ ଲୁଚାଯାଇ ପାରିବ ନାହିଁ। ଏଥିରେ କିଛି ଟ୍ୟାମ୍ପରିଂ କରିବା ଠିକ୍ ନୁହେଁ। ସମସ୍ତ ଘରୋଇ ବିଶ୍ୱବିଦ୍ୟାଳର ନୀତି, ନିୟମ, କର୍ତ୍ତବ୍ୟ, ପ୍ରତିଷ୍ଠାର ଢାଞ୍ଚାକୁ ୟୁଜିସି ଯାଞ୍ଚ୍ କରିବା ଦରକାର। ଘରୋଇ ବିଶ୍ୱବିଦ୍ୟାଳୟର ବାସ୍ତବିକ ସ୍ଥିତି ଏବଂ ବ୍ୟବସ୍ଥା ସମସ୍ତେ ଜାଣିବା ଜରୁରୀ।

ଜଷ୍ଟିସ ଅହସାନୁଦ୍ଦିନ ଅମାନୁଲ୍ଲାହ ଏବଂ ଜଷ୍ଟିସ ଏନବି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ୟୁଜିସି ଅଧିକ ତତ୍ପରତାର ସହ କାମ କରିବା ଆବଶ୍ୟକ। ବିଶ୍ୱବିଦ୍ୟାଳୟର ଛାତ୍ର ପ୍ରବେଶ ନୀତି ବା ନାମଲେଖା, ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟା, ନିୟାମକ ଯାଞ୍ଚ ଓ ସରକାରଙ୍କଠୁ ମିଳୁଥିବା ସୁବିଧା ସୁଯୋଗର ଅନୁପାଳନ ହେଉଛି ନା ନାହିଁ ସେନେଇ ୟୁଜିସି ଦୃଷ୍ଟି ଦେବା ଉଚିତ। ଏନଜିଓ ଏବଂ ଟ୍ରଷ୍ଟ ଦ୍ୱାରା ଏହା ପରିଚାଳିତ ହେଉଛି ନା ନାହିଁ ତାହାର ଯାଞ୍ଚ ହେବା ଦରକାର। ସରକାରଙ୍କ ପାଖରେ ଏନେଇ ସ୍ପଷ୍ଟ ତଥ୍ୟ ରହିବା ଜରୁରୀ। ପାଠ ପଢୁଥିବା ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ପାଇଁ ୟୁନିଭର୍ସିଟିରେ ଅଭିଯୋଗ (ପୃଷ୍ଠା ୭ରେ)

# ୩ ବର୍ଷ ପାଇଁ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସର୍ବୋଚ୍ଚ ସମ୍ମାନ ପ୍ରଦାନ

ଭୁବନେଶ୍ୱର, ୨୬।୧୧
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସର୍ବୋଚ୍ଚ ସମ୍ମାନ – କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ଏକାଡେମୀ ପୁରସ୍କାର ଉପାୟନ ଏବଂ କବି ଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ୩ ବର୍ଷ ପାଇଁ ଏହି ପୁରସ୍କାର ଦିଆଯାଇଛି। ନୃତ୍ୟ, କଣ୍ଠ ସଙ୍ଗୀତ, ଯନ୍ତ୍ର ସଙ୍ଗୀତ, ନାଟ୍ୟକଳା ଓ ଲୋକକଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଓ ସଂସ୍କୃତି କ୍ଷେତ୍ରରେ ଥିବା ବିଶେଷ ଅବଦାନକୁ ଆଧାର କରି ଏହି ସମ୍ମାନ ପ୍ରଦାନ କରାଯାଇଛି। ୨୦୨୩ ବର୍ଷ ପାଇଁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ଡ. ପ୍ରଣବ କିଶୋର ପଟ୍ଟନାୟକ, ବାଦଲ ଶିକଦାରଙ୍କୁ ପ୍ରଦାନ କରାଯାଇଛି। ସେହିପରି ୨୦୨୪ ବର୍ଷ ପାଇଁ ପ୍ରଫେସର ମୋହିନୀ ମୋହନ ପଟ୍ଟନାୟକ (ବଂଶୀ) ଏବଂ ଓଡ଼ିଶୀ ନୃତ୍ୟରେ ସୁଧାକର ସାହୁଙ୍କୁ ପୁରସ୍କୃତ କରାଯାଇଛି। ୨୦୨୫ ବର୍ଷ ପାଇଁ ଓଡ଼ିଶୀ କଣ୍ଠ ସଙ୍ଗୀତରେ ଘନଶ୍ୟାମ ପଣ୍ଡା ଓ ଶବ୍ଦ ନୃତ୍ୟରେ ଭାଗବତ ପ୍ରଧାନଙ୍କୁ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପୁରସ୍କାର ରାଶି ବାବଦକୁ ୫ ଲକ୍ଷ ଟଙ୍କା ଦିଆଯାଇଛି। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ (ପୃଷ୍ଠା ୭ରେ)

## ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

# ଓଡ଼ିଶା ପାଭିଲିୟନ୍ ଶ୍ରେଷ୍ଠ ପୁରସ୍କାର ପାଇଁ ମନୋନୀତ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୬।୧୧
ନ୍ୟୁଜ୍ ବ୍ୟୁରୋ



ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ପରିସରରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ରେ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛି ଓଡ଼ିଶା ପାଭିଲିୟନ୍। ଗତ ୩ ବର୍ଷ ଧରି ଓଡ଼ିଶା ମଣ୍ଡପ ପୁରସ୍କୃତ ହୋଇଆସୁଛି। ଏ ସମ୍ପର୍କରେ ବାଣିଜ୍ୟ ମେଳାର ଆୟୋଜକ ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନ ସୂଚନା ଦେବା ପରେ ଓଡ଼ିଶା ପାଭିଲିୟନରେ ଆନନ୍ଦର ଲହରୀ ଖେଳି ଯାଇଛି। ଚଳିତ ବର୍ଷ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫ର ବିଷୟବସ୍ତୁ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଆଧାରରେ ଓଡ଼ିଶା ମଣ୍ଡପ ପ୍ରସ୍ତୁତ କରାଯାଇଛି। ମଣ୍ଡପ (ପୃଷ୍ଠା ୭ରେ)

## ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଦେଶ ଶିକ୍ଷାବୃତ୍ତି ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର, ୨୬।୧୧
ନ୍ୟୁଜ୍ ବ୍ୟୁରୋ

ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ବୁଧବାର ଦିନ ବିଦେଶ ଶିକ୍ଷାବୃତ୍ତି ଯୋଜନାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁଭାରମ୍ଭ କରିଛନ୍ତି। ବିଦେଶ ଶିକ୍ଷାବୃତ୍ତି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରୁ ଲାଗୁ କରାଯିବ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନେ ବିଦେଶରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ଏହି ଛାତ୍ରବୃତ୍ତି ନିମନ୍ତେ ଆବେଦନ କରିପାରିବେ। ଯେଉଁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପରିବାରର ବାର୍ଷିକ ଆୟ ୧୨ଲକ୍ଷ କିମ୍ବା ୧୨ଲକ୍ଷ ଟଙ୍କାରୁ କମ୍ ହୋଇଥିବା ସେହିମାନେ ଏହି ଛାତ୍ରବୃତି ନିମନ୍ତେ ଆବେଦନ କରିପାରିବେ।

## ଏକାଳ ପଖାଳ



ମହାମହିମ ଭାଷଣ ଦେବେ
ଶୁଣିବ ଦେଇକି ମନ
ଖପୁରୀ ଭିତର ଶୁଷ୍କ ମସ୍ତିଷ୍କଟା
ପାଣି ପାଇବରେ ଧନ
ମିଳିଗଲେ ଟିକେ ଜ୍ଞାନ
ସେଇ ଜ୍ଞାନେ ତୁମେ ଜନପ୍ରିୟ ହେବ
ଶୁଣିବ ପ୍ରଶସ୍ତି ଗାନ।

# ୨୬/୧୧ ଆକ୍ରମଣକୁ ପୂରିଲା ୧୭ ବର୍ଷ



ମୁମ୍ବାଇ, ୨୬।୧୧

ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ ୨୬/୧୧ ଆତଙ୍କବାଦୀ ଆକ୍ରମଣର ୧୭ତମ ବାର୍ଷିକୀ ଅବସରରେ ମୁମ୍ବାଇ ପୁଲିସ ୧ ନଭେମ୍ବରରୁ ୨୯ ନଭେମ୍ବର ପର୍ଯ୍ୟନ୍ତ ଡ୍ରୋନ୍, ପାରାଗ୍ଲାଇଡର, ହଟ୍ ଏୟାର ବେଲୁନ ଓ ରିମୋଟ କଣ୍ଟ୍ରୋଲ ମାଇକ୍ରୋଲାଇଟ ଏୟାରକ୍ରାଫ୍ଟ ଉପରେ ସମ୍ପୂର୍ଣ୍ଣ ଭାବରେ କଟକଣା ଲଗାଇଦେଇଛି। ଏହି ପଦକ୍ଷେପ ୨୬/୧୧ ବାର୍ଷିକୀ ଅବସରରେ ୧୦ ନଭେମ୍ବରରେ ଦିଲ୍ଲୀ ଲାଲ କିଲ୍ଲା ମେଟ୍ରୋ ଷ୍ଟେସନ୍ ନିକଟରେ ହୋଇଥିବା ବିସ୍ଫୋରଣ ପରେ ନିଆଯାଇଛି। ଏହି ବିସ୍ଫୋରଣ ପରେ ଗୁଇନ୍ଦା ଏଜେନ୍ସି ଦ୍ୱାରା, ଡ୍ରୋନ୍ ଆକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯାଇଛି।

ମୁମ୍ବାଇର ଅତି ସମ୍ବେଦନଶୀଳ ସ୍ଥାନ ଯେପରିକି ତାଜ ମହଲ ପ୍ୟାଲେସ୍, ଗେଟୱେ ଅଫ୍ ଇଣ୍ଡିଆ, ସିଏସ୍ଏମଟି ରେଲୱେ ଷ୍ଟେସନ୍, ନରିମନ୍ ହାଉସ, ସିଦ୍ଧିବିନାୟକ ମନ୍ଦିର, ହାଜି ଅଲ୍ଲୀ ଦରଗା, ମହିମ ଦରଘା, ଚେମ୍ବୁର ସ୍ଥିତ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ଏଚପିସିଏଲ) ଓ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ) ରିଫାଇନାରୀ, ଭାବା ପରମାଣୁ ଅନୁସନ୍ଧାନ କେନ୍ଦ୍ର ଆଦି ସ୍ଥାନରେ ପାଟ୍ରୋଲିଂ, ଚେକିଂ ଏବଂ ବ୍ଲକିଂ ଚାଲିଛି। (ପୃଷ୍ଠା ୭ରେ)

# ଏକାସଙ୍ଗେ ଆତ୍ମସମର୍ପଣ କଲେ ୬୯ ନକ୍ସଲ

ବିଜାପୁର/ମାଲକାନଗିରି, ୨୬।୧୧
ନ୍ୟୁଜ୍ ବ୍ୟୁରୋ

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସୁରକ୍ଷା ବାହିନୀକୁ ଏକ ବଡ଼ ସଫଳତା ମିଳିଛି। ବୁଧବାର ଏଠାରେ ୪୧ ଜଣ ନକ୍ସଲ ଏକାସଙ୍ଗେ ସୁରକ୍ଷା ବାହିନୀ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ଏହି ନକ୍ସଲମାନଙ୍କ ମଧ୍ୟରୁ ୩୨ ଜଣଙ୍କ ମୁଣ୍ଡରେ ବଡଧରଣର ପୁରସ୍କାର ରାଶି ଥିଲା, ଯାହାର ସମୁଦାୟ ପରିମାଣ ୧ କୋଟି ୧୯ ଲକ୍ଷ ଟଙ୍କା। ଆତ୍ମସମର୍ପଣ କରିଥିବା ନକ୍ସଲ ମାନଙ୍କ ମଧ୍ୟରେ କେତେକ ଶୀର୍ଷ ଏବଂ ମଧ୍ୟମ ସ୍ତରୀୟ ନକ୍ସଲ ସାମିଲ ଅଛନ୍ତି।

ସେହିପରି ଛତିଶଗଡ଼ରେ ପୁଣି ୨୮ ମାଓବାଦୀଙ୍କ ଆତ୍ମସମର୍ପଣ କରିଛନ୍ତି। ନାରାୟଣପୁର ଏସପି ଓ ବସ୍ତର ଆଇଜି ପି.ସୁନ୍ଦର ରାଜଙ୍କ ସମ୍ମୁଖରେ ଏମାନେ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୯ ଜଣ ମହିଳା ମାଓବାଦୀ ରହିଛନ୍ତି। ସମସ୍ତଙ୍କ ନାମରେ ୮୯ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ଏସଏଲଆର, ଇନସାସ ଏବଂ ୩୦୩ ବନ୍ଧୁକ ସହ ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆତ୍ମନିର୍ଭରଶୀଳ ନୀତି ଏବଂ ଘରକୁ ଫେରିଆସ ଯୋଜନାରେ ନକ୍ସଲ ଲଗାତାର ଆତ୍ମସମର୍ପଣ କରୁଛନ୍ତି। ଦୁର୍ଦ୍ଦାନ୍ତ ମାଓନେତା ହିଡମାର ମୃତ୍ୟୁ ସଂଗଠନକୁ ଏକ ପ୍ରକାର ବ୍ୟାକଫୁଟକୁ ନେଇଯାଇଛି। ସଂଗଠନରେ ଦୁଇ ଗୋଷ୍ଠୀ ହେବା ସହ କିଏ କାହାକୁ ଆଉ ମାନୁନଥିବା ଜଣାପଡିଛି। ନେତୃତ୍ୱ ବିହୀନ ସଂଗଠନ ହୋଇଥିବାରୁ ତଳସ୍ତରର ନକ୍ସଲ ସରକାରଙ୍କ ସହ ଯୋଗାଯୋଗ କରି ଆତ୍ମସମର୍ପଣ କରୁଛନ୍ତି।





# ଅବ୍ୟବସ୍ଥା ଘେରରେ କୋଦଳା ନୋଡ଼ାଲ ହାଇସ୍କୁଲ : ଶିକ୍ଷକ ଅଭାବ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

କୋଦଳା ସ୍ଥିତ ନୋଡାଲ ହାଇସ୍କୁଲ ଏବେ ବ୍ୟାପକ ଅସୁବିଧାରେ ଗତି କରିବା ସହ ଶିକ୍ଷକ ଅଭାବ ସାଙ୍ଗକୁ ମଧ୍ୟାହ୍ନ ଭୋଜନ ପରିଚାଳନାରେ ବ୍ୟାପକ ଅନିୟମିତତା ନେଇ ଅସନ୍ତୋଷ ଜାତ ହୋଇଛି । ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୮୦୦ ପିଲା ପଢୁଥିବା ବେଳେ ଏବେ ଏହି ନୋଡ଼ାଲ ବାଳିକା ହାଇସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ଓ ଗଣିତ ଶିକ୍ଷକ ନାହାନ୍ତି । ତା ସହିତ ହିନ୍ଦୀ ଶିକ୍ଷକ କୁମାରୀପାରି ସ୍କୁଲରୁ ଡେପୁଟେସନ ହେଇଛି ଓ ସଂସ୍କୃତ ଶିକ୍ଷକ ମ୍ୟାଟରନିଟି ଲିଭ୍‌ରେ ଥିବା ଯୋଗୁଁ ସେହି ଜାଗାରେ ସ୍ୱର୍ଣ୍ଣମୟୀ ହାଇସ୍କୁଲରୁ ସଂସ୍କୃତ ଶିକ୍ଷକଙ୍କୁ ଡେପୁଟେସନ ହେଇଛି । ସେପଟେ ଏହି ବିଦ୍ୟାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନାଙ୍କୁ କାଲିମେଘି ଜାଗିଲିପଦର ହାଇସ୍କୁଲକୁ ଡିଇଓଙ୍କ ଗତ ଅକ୍ଟୋବର ୬ ତାରିଖରୁ ବଦଳି ହୋଇଥିବା ବେଳେ ସେ ଆଜିପର୍ଯ୍ୟନ୍ତ ରିଲିଭ ହୋଇନାହାନ୍ତି କି ନୂତନ ଭାବେ ଯୋଗଦେଇଥିବା ବରିଷ୍ଠ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିନଥିବା ଯୋଗୁଁ ଅସନ୍ତୋଷ ସୃଷ୍ଟି ହୋଇଛି । ଖାଲି ସେତିକି ନୁହେଁ ଗତ ସପ୍ତାହରେ ପିଲାଙ୍କୁ ବୁଧ ବାର ଓ ଶୁକ୍ରବାର ଦିନ ଅଣ୍ଡା ଦିଆଯାଇନଥିବା ବେଳେ ବ୍ୟାପକ ଅନିୟମିତତା ଦେଖାଯାଉଛି, ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ଛାତ୍ରଛାତ୍ରୀ । ଏନେଇ ପ୍ରଧାନ ଶିକ୍ଷକ କହିଛନ୍ତି ଯେ ମଧ୍ୟାହ୍ନ ଭୋଜନ ଅନୁଦାନ ଠିକ୍‌ରେ ମିଳୁନଥିବା ଯୋଗୁଁ ଠିକ୍‌ରେ ଅଣ୍ଡା ଦିଆଯାଇପାରୁନି । ଅଣ୍ଡା ଏଠାରେ ବୁଧବାର ଓ ଶୁକ୍ରବାର ମିଳିନଥିବା ଯୋଗୁ ଅଣ୍ଡା ଦିଆହୋଇ ପାରିନଥିଲା, ଶୁକ୍ରବାର ପିଲାଙ୍କୁ ଫଳ ଦେଇଛୁ । ଆମର ଯଦି ଅଣ୍ଡା ମିଳିବାରେ ଅସୁବିଧା ହୁଏ ତାହାହେଲେ ଫଳ ଦେବାକୁ ନିର୍ଦ୍ଦେଶ ଅଛି । କିନ୍ତୁ ବିଇଓ ରୁଦ୍ର ନାରାୟଣ ସାହୁ କହିଛନ୍ତି ଯେ ଏହା ମନ ଗଢ଼ା କାହାଣୀ । ଯଦି କିଛି ପର୍ବପର୍ବାଣି ପଡ଼େ ବିକଳ୍ପ ବ୍ୟବସ୍ଥା କରାଯିବ, ବୁଧବାର କିମ୍ବା ଶୁକ୍ରବାର ସେମିତି କିଛି ପର୍ବପର୍ବାଣି ନ ଥିଲା, ଅଣ୍ଡା ବଣ୍ଟନ ନ ହେବା ଏକ ଅନିୟମିତତାକୁ ସୂଚାଉଛି । ମୁଁ ଛୁଟିରେ ଅଛି ପହଞ୍ଚିଲେ ପଚାରି ବୁଝିବି । ଏମିତି ଅନେକ ଥର ମଧ୍ୟାହ୍ନ ଭୋଜନ ଉପରେ ଛାତ୍ର ଛାତ୍ରୀ ଅସନ୍ତୋଷ ପ୍ରକାଶ କରିବାର ନଜିର ରହିଛି । ସେପଟେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଜେନା ବଦଳି ହୋଇଥିବା ବେଳେ ବିଧାୟକ ତାଙ୍କୁ ପରବର୍ତ୍ତୀ ଚିଠି ନ ଆସିବା ପର୍ଯ୍ୟନ୍ତ ଏଠାରେ ରହିବା ପାଇଁ ପରାମର୍ଶ ଦେଇଛନ୍ତି ବୋଲି ସେ କହିଛନ୍ତି । ସିନିଅର ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ପ୍ରଦାନ ସମ୍ପର୍କରେ ପ୍ରଶ୍ନରେ ସେ କହିଥିଲେ ଯେ ସରକାରଙ୍କ ଉପରେ ମୋର ବକେୟା ଅର୍ଥ ପଡ଼ିରହିଛି, ଉକ୍ତ ଅର୍ଥ ମିଳିଲେ ମୁଁ ଦାୟିତ୍ୱ ହସ୍ତାନ୍ତର କରିବି । ଏଠାରେ ଶିକ୍ଷକ ନିଯୁକ୍ତି ପାଇଁ ଦୀର୍ଘଦିନ ହେବ ଦାବି ହେଉଥିଲେ ବି ଏହା ଉପରେ କୌଣସି ସୁଫଳ ମିଳୁନାହିଁ । ଆଉ କିଛିଦିନ ଗଲେ ବାର୍ଷିକ ପରୀକ୍ଷା ଆସୁଥିବା ବେଳେ ବିଷୟ ଭିତ୍ତିକ ଶିକ୍ଷକ ନଥିବା ଯୋଗୁଁ ପିଲାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ଏହା ଉପରେ ଶିକ୍ଷା ବିଭାଗ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ହୋଇପଡ଼ିଛି ।

# ବୋରିଗାଁରେ ଭାଗବତ ଟୁଙ୍ଗୀ ସୁରକ୍ଷା ସମିତି ପକ୍ଷରୁ ପଦଯାତ୍ରା ଓ ପ୍ରଚାର ପ୍ରସାର

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**




ଗଞ୍ଜାମ ବ୍ଲକ ଅନ୍ତର୍ଗତ ହମ୍ମା ଗ୍ରାମ ପଞ୍ଚାୟତ ଅଧିନସ୍ଥ ବୋରିଗାଁର ଭାଗବତ ଟୁଙ୍ଗି ଘର ପରିସରରେ ଗଞ୍ଜାମ ବ୍ଲକ ଭାଗବତ ଟୁଙ୍ଗୀ ସୁରକ୍ଷା ସମିତି ପକ୍ଷରୁ ଭାଗବତ ପ୍ରଚାର ପ୍ରସାର ପଦଯାତ୍ରା ଓ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ଭାଗବତ ଟୁଙ୍ଗୀ ସୁରକ୍ଷା ସମିତିର ସଂଗଠନ ସମ୍ପାଦକ ଆର୍ ରାମା ରାଓଙ୍କ ନେତୃତ୍ୱରେ ବ୍ଲକ୍ ସ୍ତରୀୟ ଓଁ ନମଃ ଭଗବତେ ବାସୁଦେବାୟ ସଂକୀର୍ତ୍ତନ ମଣ୍ଡଳୀ ପଦଯାତ୍ରା ମାଧ୍ୟମରେ ବୋରିଗାଁର ତିନି ଖଣ୍ଡ ସାହି ପରିକ୍ରମଣ କରିଥିଲା । ଏହା ପରେ ଗଞ୍ଜାମ ବ୍ଲକ ଭାଗବତ ଟୁଙ୍ଗୀର ସଭାପତି ନିରଞ୍ଜନ ସ୍ୱାଇଁ ଅଧ୍ୟକ୍ଷତାରେ ଗଞ୍ଜାମ ବ୍ଲକ୍ ଭାଗବତ ଟୁଙ୍ଗୀର ସୁରକ୍ଷା ନିମିତ୍ତ ସାଂଗଠନିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରତିନିଧି ମାନସ ରଞ୍ଜନ ନାହାକ, ମୁଖ୍ୟ ବକ୍ତା ଭାବେ ଶାନ୍ତି ଆନନ୍ଦ ଆଶ୍ରମର ମଠାଧୀଶ ବାବାଜୀ ରସାନନ୍ଦ ମହାରାଜ, ସମ୍ମାନୀତ ଅତିଥି ଭାବେ ମଣ୍ଡଳ ସଭାପତି ଟୁକୁନା ସାହୁ ଓ ଗଞ୍ଜାମ ବ୍ଲକ ଭାଗବତ ଟୁଙ୍ଗୀ ସୁରକ୍ଷା ସମିତିର ସମ୍ପାଦକ ଶେଷଦେବ ବେହେରା ପ୍ରମୁଖ ଯୋଗ ଦେଇ ଭାଗବତ ଟୁଙ୍ଗୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଏଥିରେ ଉପଦେଷ୍ଟା ରଘୁନାଥ ନାୟକ ଅତିବଡ଼ି ଶ୍ରୀ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତର ଏକାଦଶ ଓ ଦ୍ୱାଦଶ ସ୍କନ୍ଦ ମହିମା ତତ୍ତ୍ୱକୁ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ କବିରାଜ ପ୍ରଧାନ ଓ ବୋରିଗାଁ ଭାଗବତ ଟୁଙ୍ଗୀର କର୍ମ କର୍ତ୍ତା ପରିଚାଳନା କରିଥିଲେ । ବରଦା, ମଲାଡ, ଶ୍ରୀବଣା, ଲୁଂଘୁରି, କରପଡ଼ା, ଆଲିଆବାଦ, ରାମଗଡ଼, କୁଶପଲ୍ଲୀ, ରାଉଳିବନ୍ଧ, ଗଡ଼ ହୁମ୍ମା, ବାହଲପୁର, ବୋରିଗାଁ, ଚୈତନ୍ୟ ପୁର, କାଠଗଡ଼ା, ପାଳିବନ୍ଧ, ପଣିବନ୍ଧ, ଗୌରାଙ୍ଗପାଟଣା, ଶ୍ରିବଣା ଓ ମଧୁରଚୂଆ ଆଦି ଗ୍ରାମର ଭାଗବତ ଟୁଙ୍ଗୀର ବହୁ ଭାଗବତ ପ୍ରେମୀ ଯୋଗ ଦେଇଥିଲେ ।

# ଧର୍ମଶାଳା ମିଡ଼ିଆ କ୍ଲବର ନୂତନ ସଦସ୍ୟ ଗ୍ରହଣ ଓ ବନ୍ଧୁ ମିଳନ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ମିଡ଼ିଆ କ୍ଲବ୍‌ର ସଦସ୍ୟ ଗ୍ରହଣ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଧର୍ମଶାଳା ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ସୁଧାକର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ବସନ୍ତ ନାୟକ ବିବରଣୀ ପାଠ କରିଥିଲେ । ପ୍ରାରମ୍ଭରେ ସଙ୍ଘର ପୂର୍ବ ବିବରଣୀ ପାଠ କରାଯାଇ ଆଗମୀ ଦିନରେ ସଙ୍ଘ ପକ୍ଷରୁ ସାମାଜିକ, ସାଂସ୍କୃତିକ ଓ ସାହିତ୍ୟ ଭିତ୍ତିକ କାର୍ଯକ୍ରମ ହାତକୁ ନେଇ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା । ପୂର୍ବରୁ ବୈଠକରେ ହୋଇଥିବା ଆଲୋଚନା ଏବଂ ସଭ୍ୟମାନଙ୍କ ସହମତିରେ ନୂତନ ସଦସ୍ୟ ଭାବେ ସାମ୍ବାଦିକ ପରମାନନ୍ଦ ସାହୁ, ସୁବ୍ରତ ସାହୁ, ବାବୁଲି ରାଉତ,ସଞ୍ଜୟ କୁମାର ମିଶ୍ର, ସତ୍ୟ ରଞ୍ଜନ ପାଢ଼ୀ, ବାପି ସାହୁଙ୍କୁ ନୂତନ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା । କ୍ଲବର ସଦସ୍ୟତା ଗ୍ରହଣ କରିଥିବା ନୂତନ ସଦସ୍ୟ ମାନଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ସଦସ୍ୟ ମାନଙ୍କ ସହମତି କ୍ରମେ କାର୍ଯ୍ୟକାରୀ ସଭାପତି ଭାବେ ସାମ୍ବାଦିକ ଆନନ୍ଦ ମହାରଣା, କୋଷାଧ୍ୟକ୍ଷ ଭାବେ ପ୍ରଫୁଲ୍ଲ କୁମାର ରାଉତ, ସହ ସଂପାଦକ ଭାବେ ଗୟାଧର ନାୟକ, ସୋସିଆଲ ମିଡ଼ିଆ ସଂଯୋଜକ ଭାବେ ସତ୍ୟ ରଞ୍ଜନ ପାଢ଼ୀଙ୍କୁ ଚୟନ କରା ଯାଇଥିଲା । ସାମ୍ବାଦିକ ପରମାନନ୍ଦ ସାହୁ, ସୁରେଶ ବିଶ୍ୱାଳ, ସୁଶାନ୍ତ ବେହେରା, ଅୟସକାନ୍ତ ରାଉତଙ୍କୁ ଉପଦେଷ୍ଟା ଭାବରେ ମନୋନୀତ କରାଯାଇ କାର୍ଯ୍ୟକାରୀ କମିଟିରେ ସ୍ଥାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ ଅଶୋକ ରାଉତ, ଗଗନ ବିହାରୀ ଦାସ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ । ସାମ୍ବାଦିକ ଶିବପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ୮୫ ବର୍ଷ ବୟସ୍କ ଗନ୍ଧମାର୍ଦ୍ଦନ ଆନ୍ଦୋଳନର ସତ୍ୟାଗ୍ରହୀ ଆଦିବାସୀ ମହିଳା ତୁଳସୀ ବରିହାଙ୍କ ପାଦ ଧୋଇଲେ ସାଂସଦ ପ୍ରଦୀପ ପୁରୋହିତ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ କେନ୍ଦୁଭଟା ଗ୍ରାମରେ ଏକ ଅସଂପୂର୍ଣ୍ଣ କଲ୍ୟାଣ ମଣ୍ଡପକୁ ସଂପୂର୍ଣ୍ଣ କରିବା ପାଇଁ ସାଂସଦ ଉନ୍ନୟନ ପାଣ୍ଠିରୁ ୪ଲକ୍ଷ ଟଙ୍କା ବରଗଡ ସାଂସଦ ପ୍ରଦୀପ ପୁରୋହିତ ପ୍ରଦାନ କରିଛନ୍ତି । ଗ୍ରାମବାସୀଙ୍କ ନିମନ୍ତ୍ରଣ କ୍ରମେ ଉକ୍ତ କଲ୍ୟାଣ ମଣ୍ଡପ କାର୍ଯ୍ୟ ଶୁଭାରମ୍ଭ କରିବା ପାଇଁ ନଡ଼ିଆ ବାଡ଼େଇବା ପାଇଁ ସାଂସଦ ଶ୍ରୀ ପୁରୋହିତ ଗାଁରେ ପହଞ୍ଚିଥିଲେ । ଗ୍ରାମବାସୀ ଶତାଧିକ ମହିଳା, ପୁରୁଷ ସାଂସଦଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ । ସେ ଶୋଭାଯାତ୍ରାରେ ସାମିଲ ଥିବା ଉକ୍ତ ଗ୍ରାମର ଗନ୍ଧମାର୍ଦ୍ଦନ ଆନ୍ଦୋଳନର ସତ୍ୟାଗ୍ରହୀ ୮୫ ବର୍ଷ ବୟସ୍କ ଆଦିବାସୀ ମହିୟସୀ ମହିଳା ତୁଳସୀ ବରିହାଙ୍କୁ ସାଂସଦ ଶ୍ରୀ ପୁରୋହିତ ପାଦଧୋଇ ସମ୍ବର୍ଦ୍ଧିତ କରିଥିଲେ । ୧୯୮୦ ଦଶକ ଗନ୍ଧମାର୍ଦ୍ଦନ ଆନ୍ଦୋଳନରେ ସାମିଲ ଥିବା ବହୁ ଲୋକ ଗାଁ ଗାଁରେ ଅଛନ୍ତି ।

# ବୋଲେରୋ ସହ ୫୦ କେଜି ଗଞ୍ଜେଇ ଜବତ : ୨ ଗିରଫ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ନିକଟସ୍ଥ ବୁଦୁଲି ଛକରୁ ଅବକାରୀ ବିଭାଗ ଏକ ବୋଲେରୋକୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ବୋଲେରୋରୁ ଦୁଇଟି ବସ୍ତାରେ ଥିବା ପ୍ରାୟ ୫୦ କେଜି ଗଞ୍ଜେଇ ଜବତ କରିଛି । ଯାହାର ଅନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ । ଏହି ବୋଲେରୋଟି କନ୍ଧମାଳ ଜିଲ୍ଲା ଟୀକାବାଲିରୁ ଭୁବନେଶ୍ୱର ଯାଉଥିଲା । ଅବକାରୀ ବିଭାଗ ବୋଲେରୋଟିକୁ ଜବତ କରିବା ସହ ଘଟଣାରେ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି ।

# ଉଠାଦୋକାନୀଙ୍କ କବ୍‌ଜାରେ ପୁରୀ ବେଳାଭୂମି : ଅସୁବିଧା ଭୋଗୁଛନ୍ତି ପର୍ଯ୍ୟଟକ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**



ଆଧ୍ୟାମିକ ନଗରୀ ଶ୍ରୀକ୍ଷେତ୍ର ପୁରୀ । ମହାପ୍ରଭୁଙ୍କ ଦର୍ଶନ ସାନିଧ୍ୟ ଆଉ ମହୋଦଧୀ ତୀରରେ ସମୟ ଅତିବାହିତ କରିବାକୁ ପ୍ରତିଦିନ ଶ୍ରୀକ୍ଷେତ୍ରକୁ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟେ । ବେଳାଭୂମିରେ ପରିବାର ସହ ହେଉ ବା ସାଙ୍ଗସାଥୀଙ୍କ ସହ ସମୟ ବିତାଇବାକୁ ଧାଇଁ ଆସନ୍ତି ଲୋକେ । କିନ୍ତୁ ପୁରୀ ବେଳାଭୂମି ଏବେ ଉଠାଦୋକାନୀଙ୍କ କବଜାରେ । ଦିନକୁ ଦିନ ବେଳାଭୂମିକୁ ଜବରଦଖଲ ବୃଦ୍ଧି ପାଇଛି । ଯୁଆଡେ ଆଖି ବୁଲାଇବେ ଉଠା ଦୋକାନୀ । ଫଳରେ ବେଳାଭୂମି ଅପରିଷ୍କାର ହେବା ସହ ପର୍ଯ୍ୟଟକଙ୍କ ପାଇଁ ଜାଗା ସଙ୍କୁଚିତ ହେଉଥିବା ଅଭିଯୋଗ ହେଉଛି । ସେପଟେ ପୁରୀ ଉଠାଦୋକାନୀ ମହାସଂଘ ଉପଦେଷ୍ଟାଙ୍କ ଦାବି ଭେଣ୍ଡିଂ ଜୋନ ବ୍ୟବସ୍ଥା କରୁ ପ୍ରଶାସନ ।

ପୁରୀର ପେଣ୍ଟକଟା ଠାରୁ ଷ୍ଟରଲିଂ ପର୍ଯ୍ୟନ୍ତ ପୁରୀର ବିସ୍ତୀର୍ଣ୍ଣ ବେଳାଭୂମି ରହିଛି । ତେବେ ବର୍ତ୍ତମାନ ଦିଗବାରେଣି ଖୁଣ୍ଟି ଠାରୁ ଲାଇଟ୍ ହାଉସ ବେଳାଭୂମି ପର୍ଯ୍ୟନ୍ତ ବେଳାଭୂମି ଉଠା ଦୋକାନୀଙ୍କ ଜବର ଦଖଲକୁ ଚାଲିଯାଇଥିବା ଦେଖିବାକୁ ମିଳୁଛି । ଦିଗ ବାରେଣି ଠାରେ କିଛି ଅଞ୍ଚଳକୁ ଛାଡ଼ିଦେଲେ ଅନ୍ୟ ସବୁ ସ୍ଥାନରେ ଉଠା ଦୋକାନୀ ବସି ରହିଛନ୍ତି । ସେହିପରି ସ୍ୱର୍ଗଦ୍ୱାର ବେଳାଭୂମି ମଧ ଉଠାଦୋକାନୀଙ୍କ କବ୍‌ଜାକୁ ସମ୍ପୂର୍ଣ୍ଣ ଭାବେ ଚାଲି ଯାଇଛି । ଫଳରେ ସେଠାରେ ପର୍ଯ୍ୟଟକମାନେ ବୁଲାବୁଲି କରିବା ସହ ବସିବା ପାଇଁ ସ୍ଥାନ ଅଭାବ ଦେଖାଦେଇଛି । ବେଳାଭୂମିରେ ଏଭଳି ଅବ୍ୟବସ୍ଥା ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି ।

ଉଠା ଦୋକାନୀଙ୍କ ଜବର ଦଖଲରେ ବେଳାଭୂମିରେ ବୃଦ୍ଧି ପାଉଥିବାରୁ ବେଳାଭୂମି ଦିନକୁ ଦିନ ଅପରିଷ୍କାର ଏବଂ ପ୍ରଦୂଷିତ ହେବାରେ ଲାଗିଛି । ଯଦି ଏଭଳି ସ୍ଥିତି ଲାଗିରହେ ଆଗାମୀ ଦିନରେ ପର୍ଯ୍ୟଟକ ଏଠାକୁ ଆସିବାକୁ ଇଚ୍ଛା ପ୍ରକାଶ କରିବେ ନାହିଁ । ପର୍ଯ୍ୟଟକ ସଂଖ୍ୟା ହ୍ରାସ ହେଲେ ପର୍ଯ୍ୟଟକ ଶିଳ୍ପ ଉପରେ ନିର୍ଭରଶୀଳ ବ୍ୟବସାୟୀମାନେ ଆର୍ଥିକ କ୍ଷତିର ସମ୍ମୁଖିନ ହେବେ । ବେଳାଭୂମିରେ ଅବ୍ୟବସ୍ଥା ରହିଲେ ପର୍ଯ୍ୟଟନସ୍ଥଳୀ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିବା ପୁରୀ ସହର ବଦନାମ ହୋଇପାରେ ।

ପୁରୀ ବେଳାଭୂମିରେ ୭ଟି ଉଠାଦୋକାନୀ ସଂଘ ରହିଛି । ୧୫୦୦ରୁ ଅଧିକ ଉଠା ଦୋକାନୀ ଏହି ସଂଘ ଅଧୀନରେ ରହିଛନ୍ତି । ବେଳାଭୂମିରେ ଏଣେତେଣେ ବସିଥିବା ଉଠା ଦୋକାନୀଙ୍କୁ ଗୋଟିଏ ସ୍ଥାନରେ ଭେଣ୍ଡିଂ ଜୋନ କରି ବସାଇଲେ ବେଳାଭୂମିର ସୌନ୍ଦର୍ଯ୍ୟ ବୃଦ୍ଧି ସହ ପର୍ଯ୍ୟଟକ ମାନେ ମଧ ଭଲରେ ବେଳାଭୂମିରେ ବୁଲାବୁଲି କରିପାରିବେ । ପୁରୀ ପୌରପାଳିକା ଏନେଇ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

ପୁରୀ ବାସିନ୍ଦା ତଥା ସାମାଜିକକର୍ମୀ ସିଦ୍ଧାର୍ଥ ରଥ କହିଛନ୍ତି, 'ପୁରୀ ବିଚ୍ ହେଉଚି ଗୋଲଡେନ ବିଚ୍ । ଏହା ମହୋଦଧି ଏବଂ ତୀର୍ଥକ୍ଷେତ୍ର । ଏଥି ପାଇଁ ବହୁତ୍ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ । କିନ୍ତୁ କିଛି ବର୍ଷ ହେବ ଆମେ ଦେଖୁଛୁ ବିଚ୍ ତା'ର ସୌନ୍ଦର୍ଯ୍ୟ ହରାଉଛି । ଅନେକ ଉଠା ଦୋକାନୀ ବିଚ୍ ଭିତରେ ଦୋକାନ ଖୋଲି ବସିଛନ୍ତି । ଏହା ଦ୍ୱାରା ବେଳାଭୂମି ସଙ୍କୁଚିତ ହେଉଛି । ପର୍ଯ୍ୟଟକମାନେ ଭଲରେ ବୁଲାବୁଲି କରିପାରୁନାହାନ୍ତି । ଏଣୁ ବିଚକୁ ସମ୍ପୂର୍ଣ୍ଣ ମୁକ୍ତ ରଖାଯାଉ । ଉଠା ଦୋକାନୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ଥଇଥାନ କରାଯାଉ । ବିଚ୍ ଯେତେ ସ୍ୱଚ୍ଛ, ସୁନ୍ଦର୍ ରହିବ ଅଧିକ ପର୍ଯ୍ୟଟକ ଆସିବେ ।'

ବେଳାଭୂମିରେ ଭେଣ୍ଡିଂ ଜୋନ କରିବାକୁ ଦାବି : ପୁରୀ ଉଠାଦୋକାନୀ ମହାସଂଘ ଉପଦେଷ୍ଟା ଶରତ ରାୟଗୁରୁ କୁହନ୍ତି, 'ପୁରୀ ପୌରପାଳିକାର ଦାୟିତ୍ୱ ହେଉଛି ଉଠା ଦୋକାନୀଙ୍କ ତାଲିକା କରି ସେମାନଙ୍କ ପାଇଁ ଭେଣ୍ଡିଂ ଜୋନ ଯୋଗାଇବା ଉଚିତ୍ । ହେଲେ ଆଜି ପର୍ଯ୍ୟନ୍ତ ବେଳାଭୂମିରେ ଭେଣ୍ଡିଂ ଜୋନ କରାଯାଇନାହିଁ । କିଛି ଅଳ୍ପ ଉଠା ଦୋକାନୀଙ୍କୁ ଭେଣ୍ଡିଂ ଜୋନରେ ଥଇଥାନ କରାଯାଇ ଥିବା ବେଳେ ଅନେକ ଉଠା ଦୋକାନୀଙ୍କୁ ଆଜି ପର୍ଯ୍ୟନ୍ତ ଭେଣ୍ଡିଙ୍ଗ ଜୋନରେ ଥଇଥାନ କରାଯାଇନାହିଁ । ଏହାକୁ ତୁରନ୍ତ କରାଯାଉ । ଏହା ଦ୍ୱାରା ବେଳାଭୂମି ଜବର ଦଖଲ ମୁକ୍ତ ହେବା ସହ ବେଳାଭୂମିର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ । ତେବେ ପ୍ରଶାସନର ଇଚ୍ଛା ଶକ୍ତିର ଅଭାବ ହେତୁ ଏହା ସଫଳ ହୋଇପାରୁନି । ଏନେଇ ସରକାର ପଦକ୍ଷେପ ନେବା ଉଚିତ୍ । ଏହା ଦ୍ୱାରା ଉଠାଦୋକାନୀ ମାନେ ରୋଜଗାରକ୍ଷମ ହେବା ସହ ବେଳାଭୂମିର ସୁନ୍ଦରତା ଆହୁରି ବୃଦ୍ଧି ପାଇବ । ଅଧିକ ପର୍ଯ୍ୟଟକଙ୍କ ଆଗମନ ହେବ ।'

# ଗଜପତିରେ ଶିକ୍ଷା ବ୍ୟବସ୍ଥା : ୧୯ ବିଦ୍ୟାର୍ଥୀଙ୍କୁ ୮ ଶିକ୍ଷକ

**ପାରଳାଖେମୁଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷାର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୋଜନା କରୁଛନ୍ତି । ସାକ୍ଷରତା ହାର ବୃଦ୍ଧି ସହ ପିଲାଙ୍କୁ ସ୍କୁଲମୁହାଁ କରିବା ପାଇଁ ସରକାର ମାଗଣା ଶିକ୍ଷାଦାନ, ମଧ୍ୟାହ୍ନଭୋଜନ ଏବଂ ମାଗଣା ପୋଷାକ ଯୋଗାଣ କରୁଛନ୍ତି । ଏହାସତ୍ତ୍ୱେ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀ ସଂଖ୍ୟା ଆଶାତୀତ ବୃଦ୍ଧି ପାଉନି । ରାଜ୍ୟ ସରକାର ବାଳବାଟିକା ବ୍ୟବସ୍ଥା ପ୍ରଚଳନ ସହ ୧୫ ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷକ ନିଯୁକ୍ତି ଭଳି ପଦକ୍ଷେପ ନେଇଛନ୍ତି । କିନ୍ତୁ ଏତେ ସବୁ ସତ୍ତ୍ୱେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି ପାଇପାରୁନି । ଗଜପତି ଜିଲ୍ଲା ଗୋସାଣି ବ୍ଲକ ଅନ୍ତର୍ଗତ ଆଙ୍କୁଡୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏକ ବିଚିତ୍ର ଶିକ୍ଷା ବ୍ୟବସ୍ଥା ଦେଖିବାକୁ ମିଳିଛି । ଏଠାରେ ମାତ୍ର ୧୯ ଜଣ ପିଲାଙ୍କ ପାଇଁ ୮ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି ।

୧୯୧୪ ମସିହାରେ ଆଙ୍କୁଡୁରେ ପ୍ରତିଷ୍ଠିତ ଏହି ପ୍ରାଥମିକ ବିଦ୍ୟାଳୟ ପରବର୍ତ୍ତୀ ସମୟରେ ୨୦୧୭-୧୮ ବର୍ଷରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପରିବର୍ତ୍ତିତ ହୋଇଛି । ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି କାରଣରୁ ଏହି ବିଦ୍ୟାଳୟକୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପରିଣତ କରାଯାଇଥିବା କୁହାଗଲା । ହେଲେ ୧୯୧୪ରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ୨୦୧୫ ବେଳକୁ ୪୦ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ । ପରବର୍ତ୍ତୀ ସମୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇ ବର୍ତ୍ତମାନ କେବଳ ୧୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ସେଥିମଧ୍ୟରୁ ବାଳବାଟିକାରେ ଦୁଇଜଣ, ପ୍ରଥମ, ଅଷ୍ଟମ ଓ ନବମ ଶ୍ରେଣୀରେ ଜଣେ ମଧ ଛାତ୍ରଛାତ୍ରୀ ନଥିବା ବେଳେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀରେ ଜଣେ ଲେଖାଏଁ ପିଲା ଅଧ୍ୟୟନ କରୁଛନ୍ତି । ସେହିପରି ପଞ୍ଚମରେ ୩ଜଣ, ଷଷ୍ଠରେ ୪ଜଣ, ସପ୍ତମରେ ୨ଜଣ ଓ ଦଶମରେ ୫ଜଣ ଛାତ୍ରଛାତ୍ରୀ ରହିଛନ୍ତି । ସେପଟେ ୧୯ ଛାତ୍ରଛାତ୍ରୀଙ୍କ ପାଇଁ ବାଳବାଟିକା ଓ ପ୍ରଥମରୁ ପଞ୍ଚମ ସକାଶେ ୪ଜଣ ଓ ଷଷ୍ଠରୁ ଦଶମ ପାଇଁ ଆଉ ୪ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି । ପ୍ରାଥମିକ ଶିକ୍ଷାଦାନ ପାଇଁ ୮ଜଣ ଛାତ୍ରଛାତ୍ରୀଙ୍କ ନିମନ୍ତେ ୪ଜଣ ଏବଂ ହାଇସ୍କୁଲ ଶିକ୍ଷା ପାଇଁ ୧୧ଜଣ ଛାତ୍ରଛାତ୍ରୀଙ୍କୁ ୪ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି । ଏହି ବିଦ୍ୟାଳୟରେ ରହିଥିବା ୮ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ଆସନ୍ତା ୨ମାସ ଭିତରେ ଜଣେ ଶିକ୍ଷକ ଅବସର ନେବେ । ଜଣେ ଶିକ୍ଷୟିତ୍ରୀ ପ୍ରସବକାଳୀନ ଛୁଟିରେ ଅଗଷ୍ଟ ୧୪ ତାରିଖରୁ ରହିଛନ୍ତି । ସେହିପରି ଦୁଇଜଣ ଶିକ୍ଷକଙ୍କୁ ବି.ଏଲ୍.ଓ ତଥା ଭୋଟର ଅନୁସଂଖ୍ୟାନ ଦାୟିତ୍ୱ ଦିଆଯାଇଛି । ସେପଟେ କିଛି ଶିକ୍ଷକ ବର୍ଷବର୍ଷ ଧରି ଏଠାରେ ରହିଛନ୍ତି । ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଗାଁ ଗାଁ ବୁଲି ସଚେତନ କରିବା ପ୍ରୟାସ ବିଫଳ ହୋଇଛି । ଏପରିକି କିଛି ଛାତ୍ରଛାତ୍ରୀଙ୍କ ଯାତ୍ରା ଖର୍ଚ୍ଚ ମଧ ନିଜେ ଶିକ୍ଷକ ଶିକ୍ଷୟିତ୍ରୀ ବହନ କରିଥିଲେ ସୁଦ୍ଧା ସମସ୍ତ ଚେଷ୍ଟା ବ୍ୟର୍ଥ ହୋଇଛି । ଏହି ଗ୍ରାମରେ ଦାଦନ ଏକ ପ୍ରମୁଖ ସମସ୍ୟା । ଗ୍ରାମର ଅଧିକାଂଶ ଲୋକ ତାମିଲନାଡୁ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ଦାଦନ ଖଟୁଛନ୍ତି । ବିଦ୍ୟାଳୟର ଅସ୍ତିତ୍ୱ ବଞ୍ଚାଇ ରଖିବା ସକାଶେ ଏକ ଛାତ୍ରାବାସ ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ।

# ଦେଶୀ ମଦ ଚାଲାଣ ବେଳେ ଚଢ଼ଉ : ଜଣେ ଗିରଫ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟ । ଲୟ ତରଫରୁ ଚଢଉ କରାଯାଇ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା କଳାଗଡ଼ାର ମୁନା ଖୋସଲା (୧୮) । ସୂଚନା ଅନୁଯାୟୀ, ଏକ ବାଇକ୍ ଯୋଗେ ଦେଶୀ ମଦ ଚାଲାଣ କରା ଯାଉଥିବା ଖବର ପାଇ ଜୟପୁର ଅବକାରି ନିରୀକ୍ଷକ କାର୍ଯ୍ୟ । ଲୟ ତରଫରୁ ପରଜା ସାହିରେ ଚଢଉ ହୋଇଥିଲା । ଚଢଉ କରି ୪୨ ଲିଟର ଦେଶି ମଦ ଓ ବାଇକ୍‌କୁ ଜବତ କରାଯାଇଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି ।

# ଲୋଇସିଂହାରେ ଲୋକ ନାଟକ ମହୋତ୍ସବ-୨୦୨୫



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଲୋଇସିଂହା ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଲୋଇସିଂହା ଆଦିବାସୀ ଯୁବକ ସାଂସ୍କୃତିକ ସଂଘ ଓ ସୁର ସଂଗମ ସାଂସ୍କୃତିକ ସଂସଦ, ଲୋଇସିଂହା ଦ୍ୱାରା ଆୟୋଜିତ ଲୋକ ନାଟକ ମହୋତ୍ସବ-୨୦୨୫ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ପରେ କିନ୍ନର ଭଉଣୀମାନଙ୍କ ଦ୍ୱାରା ଓ ସୁର ସଂଗମ କଳାକାର ମାନଙ୍କୁ ନେଇ ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଗୋଟିଏ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଯୁବ ସମାଜ ସେବୀ ନରେନ୍ଦ୍ର ହୋତା ଯୋଗ ଦେଇ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ତତ୍ ପରେ ପରେ ନିସାର ଅହମ୍ମଦ ନିସାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବରେଣ୍ୟ ଅତିଥି ପୂର୍ବତନ ବିଧାୟକ ନରସିଂହ ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀରଂଜନ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ମାଝୀ ଓ ନାଟ୍ୟକାର ଜୀତେନ୍ଦ୍ର ପଟ୍ଟନାୟକ ଓ ପବିତ୍ର ପ୍ରଧାନ ଯୋଗ ଦେଇଥିଲେ । ନାଟକର ପରିସମାପ୍ତିରେ ଗୀତିକାର ଧର୍ମ ସିଂ ମିଶ୍ର ନିସାର ଅହମ୍ମଦ ନିସାରଙ୍କୁ ସମ୍ମାନିତ କରିଥିଲେ । ଏହି ଅବସରରେ ଦୁଇ ଗୋଟି ନାଟକ ପ୍ରଦର୍ଶନ କରାଯାଇଥିଲା । ମା' ପୂର୍ଣ୍ଣମାସି ରାମଲୀଳା କଳା ପରିଷଦ ତଳିଉଡାର ସୀତା ହରଣ ନାଟକ ମଞ୍ଚସ୍ଥ କରିଥିଲେ । ପରେ ସୁର ସଂଗମ ପ୍ରସ୍ତୁତି ୧୯ତମ ନାଟକ ଚଘଲା ମାଛର ମୁଡେ ଠେଁଗା ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସମ୍ପାଦକ ସରୋଜ ମହାକୁର ଓ ସରୋଜ ବିଶ୍ୱାଳ । କଳାକାର ମାନଙ୍କ ମଧ୍ୟରେ କୁନା ବାରିକ, ଗଜାନନ ନାଏକ, ବିରେନ୍ଦ୍ର ବେହେରା, ରାଜେନ୍ଦ୍ର ଶତପଥୀ, ସୁସ୍ମିକା ବେହେରା, ଜାହିଦ ଖାନ, ଦେବେନ୍ଦ୍ର କୁମାର ମିସ୍ତ୍ରୀ,ସତ୍ୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ବାରିଶିପୁଟରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶିବିର

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବ୍ଲକ ଅନ୍ତର୍ଗତ ବାରିଶିପୁଟ ଠାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ବିଡିଓ ଶକ୍ତି ମହାପାତ୍ର, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସସ୍ମିତା ପରିଡ଼ାଙ୍କ ସହ ଅନ୍ୟ ଲାଇନର ବ୍ଲକ୍‌ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଅଙ୍ଗନୱାଡ଼ି କେନ୍ଦ୍ରରେ ନଳକୂପ ଖନନ, ପାନୀୟ ଜଳ ଯୋଗାଣ ଉପରେ ଦାବି କରାଯାଇ ଥିଲା । ଏହା ସହ ଲୋକମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେନେଇ ଉପସ୍ଥିତ ଅଧିକାରୀ ମାନେ ସଚେତନ କରିଥିଲେ ।

# ବୟସ ଶହେ ପାର୍ କଲାଣି : ଭିକ୍ଷା ମାଗି ଗଢିଛନ୍ତି ଏକାଧିକ ମନ୍ଦିର

**ବାଲିଅନ୍ତା, ନ୍ୟୁଜ୍‌ବ୍ୟୁରୋ**



ବୟସ ୧୦୩ ବର୍ଷ ଛୁଇଁଲାଣି । ହେଲେ ଏବେବି ସେ ସତେଜ, ଚଳଚଞ୍ଚଳ । ମନରେ ଉତ୍ସାହ କହିଲେ ନସରେ । ଏ ବୟସରେ ସେ ଯାହା କରୁଛନ୍ତି ତାହା ଜଣେ ସାଧାରଣ ମଣିଷ ପକ୍ଷେ ସମ୍ଭବ ନୁହେଁ । ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ ସେ ଥକିଯାଇନାହାନ୍ତି । ଗାଁ ଗାଁ ବୁଲି ଭିକ୍ଷା ମାଗି ସଂଗୃହିତ ଅର୍ଥରେ ମନ୍ଦିର ଗଢୁଛନ୍ତି । ସେହି ମହିୟସୀ ଜଣଙ୍କ ହେଉଛନ୍ତି ବାଲିଅନ୍ତା ବ୍ଲକ ବଇଁଚୁଆ ପଞ୍ଚାୟତ ଧବଳାହାର ଗ୍ରାମର ପଦ୍ମାବତୀ ନାଥ । ଭଗବାନଙ୍କ ପ୍ରେମରେ ସେ ଏମିତି ଅନ୍ଧ ଯେ ନିଜେ ପରିତ୍ୟକ୍ତ ଘରେ ରହି ମଧ ଠାକୁରଙ୍କ ପାଇଁ ବିଭିନ୍ନ ସ୍ଥାନରେ ଗଢ଼ିଛନ୍ତି ଏକାଧିକ ମନ୍ଦିର । ଓଡ଼ିଶାର ଅନେକ ଜିଲ୍ଲା ବୁଲି ବୁଲି ମନ୍ଦିର ତୋଳିବାରେ ସେ ସହଯୋଗ କରିଛନ୍ତି । ଅନୁଗୁଳ, ଢେଙ୍କାନାଳ, ଜଗତ୍‌ସିଂପୁର ଓ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ସେ ଦେବଦେବୀଙ୍କ ମନ୍ଦିର ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ।

ଗାଁ ଗାଁ ବୁଲି ଭିକ୍ଷା ମାଗି ସଂଗ୍ରହ କରିଥିବା ଅର୍ଥକୁ ପଦ୍ମାବତୀ ମନ୍ଦିର ଗଢ଼ିବା ନିମନ୍ତେ ପ୍ରଦାନ କରିଛନ୍ତି । ମଝିରେ ମଝିରେ ନିଜ ଗାଁ ଧବଳାହାରକୁ ଆସିଥାନ୍ତି । ପଦ୍ମାବତୀଙ୍କୁ ୯୦ ବର୍ଷ ବୟସ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଇନ୍ଦ୍ରମଣି ନାଥ(୯୪)ଙ୍କ ପରଲୋକ ଘଟିଥିଲା । ତାଙ୍କର ଗୋଟିଏ ପୁଅ ଓ ୨ଝିଅ । ସମସ୍ତଙ୍କ ବିବାହ ସରିଛି । କିନ୍ତୁ ସେମାନଙ୍କ ପାଖରେ ନରହି ପଦ୍ମାବତୀ ପିଲା ପରିବାର ସବୁ ଛାଡ଼ି ଘରୁ ଚାଲିଆସିଥିଲେ । ଆଉ ଘରକୁ ଯାଉନାହାନ୍ତି । ଏବେ ସେ ଧବଳାହାର ଗାଁରେ ଏକ ମଠ କରି ରହୁଛନ୍ତି । ଝାଟିମାଟି ଘର ହୋଇଥିବାରୁ ତାହା ଭାଙ୍ଗିରୁଜି ଗଲାଣି । ତେଣୁ ଲକ୍ଷ୍ମୀନାରାୟଣ ମନ୍ଦିରରେ ସେ ଆଶ୍ରୟ ନେଇଛନ୍ତି । ନିଜ ସଞ୍ଚୟ ଅର୍ଥରେ ଏକ ତେଜରାତି ଦୋକାନଟିଏ କରି ଚଳୁଛନ୍ତି । ଧବଳାହାର ଗାଁରେ ମଧ ସେ ଲକ୍ଷ୍ମୀନାରାୟଣ ମନ୍ଦିର ଓ ମହାଦେବ ମନ୍ଦିର ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ତେବେ ଦୁଃଖର ବିଷୟ ମନ୍ଦିରର ଅନେକ କାମ ବାକି ରହିଛି । କାରଣ ମନ୍ଦିର ପାଇଁ ଆବଶ୍ୟକ ଅର୍ଥ ଏବେ ଯୋଗାଡ଼ କରିବା ତାଙ୍କ ପାଇଁ କଷ୍ଟକର ହେଉଛି ।

'ଅଣ୍ଟା ଭାଙ୍ଗି ଗଲାଣି । ଆଖିକୁ ଭଲ ଦିଶୁନି । କେତେ ବାଟ ବା ଆଉ ସେ ଚାଲିବି । ଯେତିକି ହେଲେ ହେଲା ନହେଲେ ନାହିଁ । ଭଗବାନଙ୍କ ଭରସାରେ ଚାଲିଛି' ବୋଲି କହିଛନ୍ତି ପଦ୍ମାବତୀ । ଅନେକ ବଡ଼ବଡ଼ିଆଙ୍କୁ ସେ ମନ୍ଦିର କାମ ପାଇଁ ସହାୟତା ମାଗି ନିରାଶ ହେଲେଣି । ତଥାପି ଭଙ୍ଗା ଘରେ ରହି ଭଗବାନଙ୍କ ମନ୍ଦିରର ଅଧୁରା କାମ ପୂରା କରିବାକୁ ସ୍ୱପ୍ନ ଦେଖୁଛନ୍ତି । ଯଦି ସରକାର କିମ୍ବା କୌଣସି ବ୍ୟକ୍ତି ବିଶେଷଙ୍କ ତରଫରୁ ତାଙ୍କୁ କିଛି ଆର୍ଥିକ ସହାୟତା ମିଳନ୍ତା, ତେବେ ସେ ଅସମ୍ପୂର୍ଣ୍ଣ ମନ୍ଦିର ୨ଟି ସମ୍ପୂର୍ଣ୍ଣ କରିପାରନ୍ତେ ଓ ଶାନ୍ତିରେ ଶେଷନିଃଶ୍ୱାସ ତ୍ୟାଗ କରନ୍ତେ ବୋଲି କହିଛନ୍ତି ।

# ଆରଡି ପୀଠରେ ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ : ଜଣେ ଗୁରୁତର

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଆରଡି ପୀଠର ଉନ୍ନତିକରଣ କାର୍ଯ୍ୟକୁ ନେଇ ଗତ କିଛିମାସ ହେବ ବିବାଦ ଦେଖା ଦେଇଥିଲା । ହେଲେ ଏହି ବିବାଦ ଏବେ ୨ଗୋଷ୍ଠୀଙ୍କ ମଧ୍ୟରେ ମାଡପିଟିରେ ପହଞ୍ଚିଛି । ସୋମବାର ଗୋଟିଏ ଗୋଷ୍ଠୀର ଲୋକ ସଂଘବଦ୍ଧ ହୋଇ ଅନ୍ୟ ଗୋଷ୍ଠୀର ରାଧାକାନ୍ତ ପାଢୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏପରିକି ଆରଡି ଫାଣ୍ଡି ଅଧିକାରୀ ଉପସ୍ଥିତଥିଲେ ମଧ ନିରୂପାୟ ହୋଇ ପଳାଇ ଯାଇଥିଲେ । ରାଧାକାନ୍ତର ପରିବାର ଲୋକଙ୍କ କହିବା ଅନୁଯାୟୀ ଜାତୀୟ ରାଜପଥ ଓ ଡ୍ରେନେଜ୍ କାର୍ଯ୍ୟରେ ରାଧାକାନ୍ତ ଓ ଅନ୍ୟକିଛି ବ୍ୟକ୍ତି ରହି ବୁଝାବୁଝି କରୁଥିଲେ । ହେଲେ ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀକୁ ଗତ କିଛିଦିନ ତଳେ ଫୋନ୍ ଯୋଗେ ରାଧାକାନ୍ତକୁ ଲକ୍ଷାଧିକ ଟଙ୍କା ମାଗିବା ସହ ଘରୁ ବାହାରକୁ ଆସିଲେ ମାଡ଼ମାରିବେ ବୋଲି ଧମକ ଦେଇଥିବା ରାଧାକାନ୍ତର ପତ୍ନୀ ଅଭିଯୋଗ ଆଣିଛନ୍ତି । ଅନ୍ୟପଟେ ରାଧାକାନ୍ତକୁ ଆରଡି ପ୍ରାଥମିକ ଚିକିତ୍ସା କରାଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି ନହେବାରୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏପଟେ ପୁଲିସ ଘଟଣାର ତଦନ୍ତ ଚଳାଇଛି ।





# ବିନିକା ସିଂଘିଜୁବାରେ ବସ୍ ଦୁର୍ଘଟଣା:୧୪ ଯାତ୍ରୀ ଆହତ



## ମେଡିକାଲ୍‌ରେ ପହଞ୍ଚିଲେ ଜିଲ୍ଲାପାଳ ଓ ଏସ୍‌ପି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସକାଳ ୫ଟା ବେଳେ ଭୁବନେଶ୍ୱରରୁ ସୁବର୍ଣ୍ଣପୁର ଦେଇ ବରଗଡ଼ ପଦମପୁର ଆସୁଥିବା ଏକ ବେସରକାରୀ ବସ୍ ଜୟଭୋଲେ ବିନିକା ସିଂହିଜୁବା ବ୍ରିଜ୍‌ରେ ଓଲଟି ପଡିଥିବାରୁ ବହୁ ଯାତ୍ରୀ ଗୁରୁତର ଆହତ ହେଇଥିବା ଖବର ମିଳିଛି । ଖବରପାଇ ବିନିକା ଅଗ୍ନିଶମ ବିଭାଗ ଅଧିକାରୀ ତେଜରାଜ ସାହୁ ଓ ରାମପୁର ଅଧିକାରୀ ରଘୁ ବାଘଙ୍କ ଅଗ୍ନିଶମ ବିଭାଗ ଟିମ୍ ଓ ବିନିକା ଭାରପ୍ରାପ୍ତ ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ୫ ଜଣ ମହିଳା ଓ ୯ ଜଣ ପୁରୁଷ ଯାତ୍ରୀଙ୍କ ସମେତ ସମୁଦାୟ ୧୪ ଜଣ ଯାତ୍ରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବିନିକା ମେଡିକାଲ୍‌କୁ ପହଞ୍ଚାଇଥିବା ଜଣାପଡ଼ିଛି । ଏହି ଖବର ପାଇ ସକାଳ ୬ଟା ବେଳେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାୟକ ବିନିକା ମେଡିକାଲ୍‌କୁ ତୁରନ୍ତ ପହଞ୍ଚି ଆହତ ରୋଗୀଙ୍କ ପ୍ରାଥମିକ ଚିକିତ୍ସା ପରେ ଆବଶ୍ୟକ କିଛି ରୋଗୀଙ୍କ ଉଚ୍ଚ ଚିକିତ୍ସା ପାଇଁ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରି ସମସ୍ତ ବ୍ୟବସ୍ଥା କରାଇଥିବା ଜଣାପଡ଼ିଛି । ତୁରନ୍ତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ପହଞ୍ଚି ଆହତ ରୋଗୀଙ୍କୁ ଭେଟି ସାହସ ପ୍ରଦାନ ଓ ଚିକିତ୍ସା ଉପରେ ତତ୍ତ୍ୱାବଧାନ କରିଥିବାରୁ ତାଙ୍କ ମହାନତା ଓ ମାନବିକତାକୁ ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି । ପ୍ରକାଶ ଯେ ଘନ କୁହୁଡି ଯୋଗୁ ଏହି ବସ୍‌ଟି ଦୁର୍ଘଟଣା ଘଟିଥିବା ଜଣାଯାଇଛି । ଖବରରୁ ପ୍ରକାଶ ଯେ ବସ୍‌ର ୪୦ଜଣ ଯାତ୍ରୀଙ୍କ ମଧ୍ୟରୁ ୧୪ ଜଣ ଆହତ ହୋଇଥିଲେ । ଗୁରୁତର ୭ଜଣଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଜଣେ ଆହତଙ୍କୁ ସୁବର୍ଣ୍ଣପୁର ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ବାକି ୬ ଜଣ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ବିନିକା ମେଡିକାଲ୍‌ରୁ ନିଜ ନିଜ ଘରକୁ ଆମ୍ବୁଲାନ୍ସ୍‌ରେ ପଠେଇ ଦିଆଯାଇଥିବା ଖବର ମିଳିଛି ।

## ଗନ୍ଧମାର୍ଦ୍ଦନ ପାହାଡ଼ରେ ହେବ ରୁଫ୍ ୱେ:ନୃସିଂହନାଥ ଓ ହରିଶଙ୍କର ପର୍ଯ୍ୟଟନସ୍ଥଳୀ ଦ୍ୱୟଙ୍କୁ ଆହୁରି ଅଧିକ ଆକର୍ଷିତ କରାଯିବ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଲୋକସେବା ଭବନରେ ବରଗଡ଼ର ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରି ଗନ୍ଧମାର୍ଦ୍ଦନ ପର୍ଯ୍ୟଟନ ସ୍ଥଳୀର ବିକାଶ ଉପରେ ଆଲୋଚନା କରିଥିଲେ । ଐତିହାସିକ ଓ ଧାର୍ମିକ ମହତ୍ୱ ରଖୁଥିବା ଗନ୍ଧମାର୍ଦ୍ଦନ ପାହାଡ଼ର ପ୍ରାକୃତିକ ପରିବେଶ ପ୍ରତି ଆକୃଷ୍ଟ ହୋଇ ପ୍ରତିବର୍ଷ ଲକ୍ଷାଧିକ ସଂଖ୍ୟାରେ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଓଡ଼ିଶା ଓ ଅନ୍ୟରାଜ୍ୟ ମାନଙ୍କରୁ ନୃସିଂହନାଥ ଓ ହରିଶଙ୍କରକୁ ଆସିଥାନ୍ତି । ଗନ୍ଧମାର୍ଦ୍ଦନର ଗୋଟିଏ ପଟେ ବରଗଡ ଜିଲ୍ଲାର ନୃସିଂହନାଥରୁ ଅପରପାର୍ଶ୍ୱରେ ଅବସ୍ଥିତ ବଲାଙ୍ଗିର ଜିଲ୍ଲାର ହରିଶଙ୍କର ପାହାଡ଼ ଉପରେ ପାଦଚଲା ରାସ୍ତା ଦେଇ ଲୋକେ ଦୀର୍ଘ ୧୮ କିମି ଅତିକ୍ରମ କରିଥାନ୍ତି । ଏଠାରେ ରୁଫ୍ ୱେ ନିର୍ମାଣ ହେଲେ ଏହି ଦୁଇ ତୀର୍ଥ କ୍ଷେତ୍ର ଓ ପର୍ଯ୍ୟଟନ ସ୍ଥଳିର ମହାତ୍ୱ ବଢ଼ିବା ସହ ଆଉ ଅଧିକ ପର୍ଯ୍ୟଟକ ଆକୃଷ୍ଟ ହେବେ । ଏହାଦ୍ୱାରା ବାଣିଜ୍ୟ ବ୍ୟବସାୟରେ ଅଧିକ ନିଯୁକ୍ତି ସୃଷ୍ଟି ହେବ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନେବେ ବୋଲି ସାଂସଦ ଶ୍ରୀ ପୁରୋହିତଙ୍କୁ କହିବା ସହ ନୃସିଂହନାଥରୁ ହରିଶଙ୍କର ରୁଫ୍ ୱେର ଡିପିଆର୍ ତୁରନ୍ତ ପ୍ରସ୍ତୁତ କରିବା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ପେଶାଦାର ନିଶା ବେପାରୀ ଶୁଶାନ୍ତ ସେଠ୍ ଗିରଫ:୨୨ ଗ୍ରାମ୍ ହେରୋଇନ ଜବତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ବାଲିକୁଦା ଥାନା ଅନ୍ତର୍ଗତ ତେନ୍ତୁଳିବେଲାରୀ ନିକଟସ୍ଥ ବ୍ରାହ୍ମଣ୍ଡି ଅଞ୍ଚଳର ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ରେଞ୍ଜ । ଯାଞ୍ଚ ପରେ ତାଙ୍କ ପାଖରୁ ୨୨ ଗ୍ରାମର ହେରୋଇନ୍ ଜବତ ହୋଇଛି । ସୂଚନାଯୋଗ୍ୟ ଯେ ବ୍ରାହ୍ମଣ୍ଡି ଗ୍ରାମର ଶୁଶାନ୍ତ ସେଠ୍ ଜଣେ ପେଶାଦାର ନିଶା ବ୍ୟବସାୟୀ । ଦୀର୍ଘ ଦିନ ଧରି ହେରୋଇନ ବ୍ୟବସାୟରେ ସଂପୃକ୍ତ ଥିବାବେଳେ ପୂର୍ବରୁ ବହୁବାର ଅବକାରୀ ବିଭାଗ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଛନ୍ତି । କିଛିଦିନ ତଳେ ଜେଲ୍‌ରୁ ଫେରି ପୁଣି ହେରୋଇନ ବ୍ୟବସାୟରେ ଲିପ୍ତ ଥିବାବେଳେ ଅବକାରୀ ବିଭାଗର ସ୍କାନ୍‌ରେ ଥିଲେ ଅଭିଯୁକ୍ତ । ଅଭିଯୁକ୍ତଙ୍କୁ ଧରିବା ପାଇଁ ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନଙ୍କ ନିର୍ଦ୍ଦେଶରେ ଉପ-ଅଧିକ୍ଷିକା ଆଦ୍ୟାଶା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ବଛାବଛା ଅଫିସରମାନଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା ଯାହାର ନେତୃତ୍ୱ ନେଇଥିଲେ ଇନ୍ସପେକ୍ଟର ଶ୍ରୀକାନ୍ତ ପଟ୍ଟନାୟକ । ସୋମବାର ଦିନ ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଗ୍ରାହକଙ୍କ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଅବକାରୀ ବିଭାଗର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ଶୁଶାନ୍ତ ସେଠ୍ । ଜବତ ହେରୋଇନର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୨,୨୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ୍ ଜଗତସିଂହପୁରଙ୍କ କୋର୍ଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ୍ ନାମଞ୍ଜୁର କରି ୧୪ ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଯାଇଛି । ଏହି ଅଭିଯାନରେ ବାଲିକୁଦା ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ରବି ବେହେରା, ଭ୍ରାମ୍ୟମାଣ ସଂସ୍ଥାର ଏଏସ୍‌ଆଇ ସନ୍ତୋଷ ନାୟକ, କନଷ୍ଟେବଲ ଜୟଦେବ ପାତ୍ର, ଦୀନବନ୍ଧୁ ସେଠୀ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ ଥିଲେ । ଜଗତସିଂହପୁର ଅଞ୍ଚଳରେ ହେରୋଇନ୍ ବ୍ୟବସାୟକୁ ଦମନ କରିବାକୁ ସ୍ୱତନ୍ତ୍ର ଅପରେସନ୍ ଚାଲିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ।

## ଶାନ୍ତିବଜାର ଅଞ୍ଚଳରୁ ଲଗାତାର ଚୋରୀ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅଞ୍ଚଳରେ ଚୋରୀ ବୃଦ୍ଧି ପାଉଥିବା ବେଳେ ସାଧାରଣରେ ଅସନ୍ତୋଷ ପ୍ରକାଶପାଉଛି । ବିଭିନ୍ନ ମନ୍ଦିର ଚୋରୀ ଘଟଣାରେ ୪ ଜଣଙ୍କୁ ଗିରଫ କରିବା ଓ ଚୋରି ସାମଗ୍ରୀ ଉଦ୍ଧାର ପୋଲିସ ପାଇଁ ସଫଳତା ଆଣିଥିବା ବେଳେ ୨୦ରୁ ଉର୍ଦ୍ଧ୍ୱ ଚୋରୀ ଘଟଣାର ସୁରାକ ପୋଲିସ ନପାଇବା ଘଟଣାରେ ପୋଲିସ ଉପରୁ ଲୋକଙ୍କ ଆସ୍ଥା ତୁଟିଯାଉଛି । ସବୁ ସ୍ଥାନରେ ସିସିଟିଭି କ୍ୟାମେରା ଅଛି । ପୋଲିସ ପାଖରେ ପାଟ୍ରୋଲିଂ ପାଇଁ ଆବଶ୍ୟକ ଗାଡ଼ି ଓ ଷ୍ଟାଫ୍ ଅଛନ୍ତି । ଚୋରୀ ରୋକିବାରେ ବିଫଳ କଣପାଇଁ ବୋଲି ସାଧାରଣରେ ପ୍ରଶ୍ନଉଠୁଛି । ସୋମବାର ରାତିରେ ଶାନ୍ତିବଜାରର ଧର୍ମଶାଳା ବାଇପାସ୍ ରାସ୍ତା କଡ଼ରେ ଥିବା ନିତ୍ୟାନନ୍ଦ ସାହୁଙ୍କ ଘରେ ଚୋରମାନେ ପସି କଳାକନା ବୁଲାଇ ଦେଇଛନ୍ତି । ଘରେ କେହିନଥିବାର ସୁଯୋଗ ନେଇ ଚୋର ଘରର ମୁଖ୍ୟ ତାଲା ଓ ଆଲମିରା ଭାଙ୍ଗି ୧୧ ଭରି ସୁନା ଗହଣା, ୩୫୦ ଗ୍ରାମ୍ ରୂପା ଅଳଙ୍କାର, ନଗଦ ୨ ଲକ୍ଷ ୫୦ ହଜାର ଟଙ୍କା ଓ ଏକ ଲାପଟପ୍ ଲୁଟି ନେଇଛନ୍ତି । ଚୋରୀ ଘଟଣାଦିନ ରାତିରେ ସ୍ଥାନୀୟ ଗୋଟିଏ ମଣ୍ଡପରେ ବିବାହ ଉତ୍ସବ ଚାଲିଥିଲା । ପାଖ ଅଞ୍ଚଳରେ ବହୁ ସିସିଟିଭି କ୍ୟାମେରା ଥିବାରୁ ଚୋରଙ୍କୁ ଧରିବା ପାଇଁ ସହଜ ହେବ ବୋଲି ସ୍ଥାନୀୟ ବାସିନ୍ଦା ମତ ଦେଇଛନ୍ତି । ଅଭିଯୋଗ ପରେ ଧର୍ମଶାଳା ପୋଲିସ କେସ୍ ନଂ ୭୪୦/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ମାନସିକ ଭିନ୍ନକ୍ଷମ ପାଇଁ ଦେବଦୂତ ସାଜିଲେ ବିଡ଼ିଓ ଲକ୍ଷ୍ମଣ ମାଝୀ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ସନ୍ଧିବାହାଲ ଗ୍ରାମର କିଶୋର ସାହୁ ଜଣେ ମାନସିକ ଭିନ୍ନକ୍ଷମ ଅଟନ୍ତି । ଦୀର୍ଘ ୩୫ ବର୍ଷ ଧରି ବିନା ବସ୍ତ୍ରରେ ବାପା ମା'ଙ୍କ ସାଙ୍ଗରେ ଏକ ଝାଟି ମାଟି ଘରେ ରୁହନ୍ତି । ବାପା ବାଳମୁକୁନ୍ଦ ସାହୁ ଜଣେ ଦିନ ମଜୁରିଆ ଅଟନ୍ତି ଗୋଟିଏ ଦିନ ରୋଜଗାର ନକଲେ ପରିବାର ଭୋକ ଉପାସରେ ରହିବେ । ମା' ଏଭଳି ଅବସ୍ଥାରେ ପୁଅକୁ ଛାଡ଼ି କାମ କରିବା ପାଇଁ ଯିବା ଅସମ୍ଭବ ହୋଇପଡ଼ିଛି । ଦୁଃଖର ବିଷୟ ପୁଅର ମାନସିକ ଅବସ୍ଥା ଠିକ୍ ନଥିବାରୁ ଏପର୍ଯ୍ୟନ୍ତ ଆଧାର କାର୍ଡ ହୋଇପାରୁନାହିଁ । ଯାହା ଫଳରେ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହୋଇପଡ଼ିଛି । ତେବେ ଗତ ୨୮/୦୪/୨୫ ରେ ଗାଇସିଲେଟ ପଞ୍ଚାୟତ ସମିତିରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ବାଳମୁକୁନ୍ଦ ନିଜ ପୁଅ ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ଗୁହାରୀ କରିଥିଲେ । ବିଡିଓ ମହାଶୟ ବିଳମ୍ବ ନକରି ତୁରନ୍ତ ସନ୍ଧିବାହାଲ ଗ୍ରାମରେ ପହଞ୍ଚି ରେଡକ୍ରସ୍ ପାଣ୍ଠିରୁ ଜିଲ୍ଲାପାଳଙ୍କ ଠାରୁ ଅନୁମୋଦନ କରାଇ ୨୦ ହଜାର ଟଙ୍କା ପ୍ରଦାନ କରିବା ସହ ଖୁବ୍‌ଶୀଘ୍ର ଆଧାର କାର୍ଡ ତିଆରିକରି ସମସ୍ତ ସରକାରୀ ସୁବିଧା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତେବେ ପୁଣି ୨୭/୧୦/୨୫ରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ବାଳମୁକୁନ୍ଦ । ଏହି ଅଭିଯୋଗକୁ ଆଖି ଆଗରେ ରଖି ଅସହାୟ ଲୋକଙ୍କ ସଦା ସର୍ବଦା ପ୍ରାଥମିକତା ଦେଉଥିବା ବିଡିଓ ଶ୍ରୀ ମାଝୀ ପୁଣି ନିଜ ଅଧିକାରୀ ତଥା ଜିପିଡିଓ, ପିଇଓ, ବିପିସି, ଏପିଓ ଏବଂ ଆଧାର ଟିମ୍‌କୁ ସାଙ୍ଗରେ ନେଇ ସନ୍ଧିବାହାଲ ଗ୍ରାମର କିଶୋର ଘରେ ପହଞ୍ଚି ପ୍ରାୟ ଏକ ଘଣ୍ଟାର ଉଦ୍ୟମରେ ଆଧାର କାର୍ଡ ଆବେଦନ କରିବାର ପ୍ରକ୍ରିୟା ସରିଥିଲା । ଆଧାର କାର୍ଡ ଆସିଲା ପରେ କିଶୋରଙ୍କୁ ସମସ୍ତ ପ୍ରକାର ସରକାରୀ ସୁବିଧା ତଥା ଅନ୍ତୋଦୟ ଗୃହ, ଚାଉଳ ଓ ୩୫୦୦ ଟଙ୍କା ଭତ୍ତା ଯୋଗାଇ ଦେବା ପାଇଁ ବିଡିଓ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଥିବା ବେଳେ ବ୍ଲକରେ ୪୦ ଜଣ ବ୍ୟକ୍ତିଙ୍କ ଆଧାର କାର୍ଡ ପାଇଁ ବାୟୋମେଟ୍ରିକ୍ ଅପ୍‌ଡେଟ୍ ହୋଇପାରୁନଥିବା ସମସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି । ଖୁବ୍‌ଶୀଘ୍ର ସେମାନଙ୍କ ଆଧାର କାର୍ଡ ଅପ୍‌ଡେଟ୍ କରିବା ପାଇଁ ଜିଲ୍ଲା ଓ ରାଜ୍ୟସ୍ତରୀୟ ଅଧିକାରୀଙ୍କ ସହିତ ଯୋଗାଯୋଗରେ ଅଛନ୍ତି ବୋଲି ପ୍ରକାଶ କରିଥିଲେ । ତେବେ ବିଡିଓ ଶ୍ରୀ ମାଝୀଙ୍କ ଏଭଳି କାର୍ଯ୍ୟ ପାଇଁ ଗ୍ରାମବାସୀ ସାଧୁବାଦ ଜଣାଇଛନ୍ତି ।

## କେନ୍ଦୁଝରର ଆଦିବାସୀ ବହୁଳ ଅଞ୍ଚଳରେ ଭିତ୍ତିଭୂମି ଓ ଜୀବିକା ବିକାଶ ପାଇଁ ୨୨୨୬୬.୫୦ ଲକ୍ଷ ଜୀବିକା ମିଶନ ଅଧୀନରେ ୮୧୩.୬୭ ଲକ୍ଷ ଟଙ୍କା ଆବଣ୍ଟନ କରାଯିବ

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝରର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ସ୍ତରୀୟ କମିଟି ବୈଠକ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଦରବାର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାଂସଦ କେନ୍ଦୁଝର ଅନନ୍ତ ନାୟକ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ଼ା. ଫକୀର ମୋହନ ନାଏକ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ସଦର ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୋପୀନାଥ ରାମ ଏହି ବୈଠକରେ ଯୋଗ ଦେଇ ଆଦିବାସୀ ବିକାଶ ପ୍ରକଳ୍ପର ସମୀକ୍ଷା କରିଥିଲେ ଏବଂ ନୂତନ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ କରିଥିଲେ । ପ୍ରାରମ୍ଭରେ, ପୂର୍ବ ବୈଠକର ବିବରଣୀ ଗୃହ ସମ୍ମୁଖରେ ଉପସ୍ଥାପନ କରାଯାଇ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା । ପରେ ୨୦୨୧-୨୨ରୁ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ଅଧୀନରେ ପ୍ରାପ୍ତ ଅନୁଦାନ ଏବଂ ଖର୍ଚ୍ଚ ବିବରଣୀର ସମୀକ୍ଷା କରାଯାଇଥିଲା । ସଦସ୍ୟମାନେ ବିନିଯୋଗ କରାଯାଇଥିବା ଅର୍ଥ ଉପରେ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଚାଲୁଥିବା ପ୍ରକଳ୍ପ ଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ସମ୍ବିଧାନର ଧାରା ୨୭୫(୧) ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟ ଯୋଜନାର ରୂପରେଖକୁ ଅନୁମୋଦିତ କରାଯାଥିଲା । ଯୋଜନା ଅନୁଯାୟୀ, କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳରେ ଭିତ୍ତିଭୂମି ଏବଂ ଜୀବିକା ବିକାଶ କାର୍ଯ୍ୟ କରିବା ପାଇଁ ସମ୍ବିଧାନର ଧାରା ୨୭୫(୧) ଅନୁଯାୟୀ ୨୨୨୬୬.୫୦ ଲକ୍ଷ ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ୮୧୩.୬୭ ଲକ୍ଷ ଟଙ୍କା ଆବଣ୍ଟନ କରାଯିବ । ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର କଲ୍ୟାଣ ପାଇଁ ସାଂସଦ ଏବଂ ବିଧାୟକ ମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଅନେକ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ସେଗୁଡିକକୁ ଅନୁମୋଦନ କରାଯାଇଥିଲା । ବୈଠକ ଶେଷରେ ସମସ୍ତ ସଦସ୍ୟ ମଞ୍ଜୁର କାର୍ଯ୍ୟ ଗୁଡ଼ିକୁ ସମୟସୀମା ମଧ୍ୟରେ ସମ୍ପାଦିତ କରାଯିବା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପୂର୍ବକ କେନ୍ଦୁଝରର ଆଦିବାସୀ ଜନସଂଖ୍ୟାକୁ ସ୍ଥାୟୀ ବିକାଶ ଏବଂ ଲାଭ ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମକୁ କେନ୍ଦୁଝରର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର ପରିଚାଳନା କରିଥିଲେ ।

## ବୁଢା ନଦୀରୁ ବେଆଇନ୍ ବାଲି ଉଠାଣକୁ ନେଇ ଥାନାରେ ଅଭିଯୋଗ

**କୋରେଇ, ନ୍ୟୁଜ୍ ବ୍ୟୁରୋ**

ବୈତରଣୀ ନଦୀର ଶାଖା ନଦୀ ବୁଢାନଦୀର ଭୁବନେଶ୍ୱପୁର ପଞ୍ଚାୟତ ଅନ୍ତର୍ଗତ ଭଗତପୁର ମୌଜାରୁ ଚୋରାରେ ବାଲି ଚାଲାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି । ରାତି ଅଧିଆ ବେଆଇନ୍ ଭାବେ ଶହ ଶହ ଟ୍ରିପ୍ ବାଲି ହାଇୱା ଯୋଗେ ଚାଲାଣ ହେଉଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେବା ସହ ବାଲି ମାଫିଆ ଓ ବିରୋଧକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଘଟଣା ଥାନାକୁ ଯାଇଛି । ଏନେଇ ଯାଜପୁର ସଦର ଥାନାରେ ଅଭିଯୋଗ ହୋଇଛି । ସମସରପୁର ଗ୍ରାମର ବିଶ୍ୱନାଥ ପଣ୍ଡା, ଭୁବନେଶ୍ୱରପୁର ଗ୍ରାମର ଉପେନ୍ଦ୍ର ବିହାରୀ ଓ ଭଗତପୁର ଗ୍ରାମର ଚୁମୁକି ଜେନାଙ୍କ ଅଭିଯୋଗ ମୁତାବକ, କୁନିନ୍ଦା ଗ୍ରାମର ଚିତରଂଜନ ସାହୁ ବନ୍ଧ କାଟି ବିନା ନିଲାମରେ ଘାଟରୁ ଚୋରାରେ ବାଲି ଉଠାଇ ଚାଲାଣ କରୁଛି । ମିଛ ମୋକଦ୍ଦମା କରିବା ସହ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ଓ ପ୍ରତିବାଦ କଲେ କାଟି ନଦୀରେ ଭସାଇ ଦେବାର ଧମକ ଦେଉଛି । ଚିତ ସାହୁ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ବାଲି ଚାଲାଣ ବନ୍ଦ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ସମ୍ବଲପୁରରେ 'ଏକତା ପଦଯାତ୍ରା'ରେ ସାମିଲ୍ ହେଲେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଆମ ରାଜ୍ୟ ଓଡ଼ିଶା ୨୦୩୬ରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ୨୦୪୭ ସୁଦ୍ଧା ଆମ ଦେଶକୁ ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେବ । ଆମର ପୂର୍ବଜମାନେ ପୂର୍ବରୁ ଲଢେଇ କରିଥିଲେ ସ୍ୱରାଜ ପାଇଁ, କିନ୍ତୁ ଆମକୁ ଏବେ ସମୃଦ୍ଧି ପାଇଁ ଲଢେଇ କରିବାକୁ ହେବ । ତେଣୁ ଏହି ୧୦ ବର୍ଷ ୨୨ ବର୍ଷର ଗୁରୁତ୍ୱପୂର୍ଣ୍ଣ ସମୟସୀମା ମଧ୍ୟରେ 'ବିକଶିତ ସମ୍ବଲପୁର', 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ପାଇଁ ଗୋଟିଏ ଗୋଟିଏ ପାଦ ଆଗକୁ ବଢାଇବା ପାଇଁ ପଡ଼ିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମଙ୍ଗଳବାର ସମ୍ବଲପୁରରେ ଭାରତର ଏକତା ଓ ଅଖଣ୍ଡତାର ମହାନ ପ୍ରତୀକ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆୟୋଜିତ 'ଏକତା ପଦଯାତ୍ରା'ରେ ସାମିଲ ହୋଇଥିଲେ ଶ୍ରୀ ପ୍ରଧାନ । ଏହି ପଦଯାତ୍ରା ରିଜର୍ଭ ପୋଲିସ୍ ପଡ଼ିଆ ଠାରୁ ଆରମ୍ଭ ହୋଇ ମହିଳା କଲେଜ ପଡ଼ିଆ ପର୍ଯ୍ୟନ୍ତ ହୋଇଥିଲା, ଯେଉଁଥିରେ ସର୍ଦ୍ଦାର ପଟେଲ୍‌ଙ୍କ ଆଦର୍ଶ ପ୍ରତି ଉତ୍ସାହ ଓ ସମର୍ପଣ ଭାବନା ପରିଲକ୍ଷିତ ହୋଇଥିଲା । ଏହି ପଦଯାତ୍ରା ପରେ ଏକ ଜନସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି, ଆମେ ଯେତେବେଳେ ସର୍ଦ୍ଦାର ପଟେଲଙ୍କ ଏକତାକୁ ସମ୍ମାନ ଜଣାଉଛେ, ସେହି ସମୟରେ ଆମର ସମ୍ବଲପୁର ଓ ଓଡ଼ିଶାର ଭବିଷ୍ୟତ ପାଇଁ ଥିବା ଆମର ଦାୟିତ୍ୱକୁ ଭୁଲିବା ଉଚିତ ନୁହେଁ । ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ଅପିଲ୍ କରି କହିଛନ୍ତି ଯେ ଗାନ୍ଧୀଜୀଙ୍କ ବିଚାରରେ ସମ୍ବଲପୁରକୁ ସ୍ୱଚ୍ଛ ଓ ସୁସ୍ଥ ପରିବେଶରେ ପରିଣତ କରିବା ପାଇଁ ଅଧିକ ଦାୟିତ୍ୱ ନେବା । ଗ୍ରାମାଞ୍ଚଳରେ ଆମେ ପୋଷଣକୁ ପ୍ରାଧାନ୍ୟ ଦେଇ ନବଜାତ ଶିଶୁଙ୍କ ଠାରୁ ଆରମ୍ଭ କରି ସବୁ ପିଲାଙ୍କ ଯତ୍ନ ନେବା ପାଇଁ ଗୋଟିଏ ଗୋଟିଏ ପାଦ ଆଗକୁ ବଢାଇବା । ଏଠାରେ ଖେଳକୁ ପ୍ରୋତ୍ସାହନ ଦେବା ସହ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିବା । ସମ୍ବଲପୁରରେ ବସବାସ କରୁଥିବା ପ୍ରାୟ ୨ ଲକ୍ଷ ପରିବାରର ସାହାସ, ସ୍ୱାଭିମାନ ଓ ସ୍ୱାବଲମ୍ବନ ବଢାଇବା ପାଇଁ କାମ କରିବା ପାଇଁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି । ସେ କହିଛନ୍ତି, ସର୍ଦ୍ଦାର ପଟେଲଜୀଙ୍କ ସ୍ମୃତିରେ ଆୟୋଜିତ ଏହି 'ଏକତା ପଦଯାତ୍ରା' ଆମ ଦେଶର ଐକ୍ୟ, ସମତା ଏବଂ ସାମାଜିକ ସଦ୍‌ଭାବନାର ଏକ ଜୀବନ୍ତ ପ୍ରଦର୍ଶନ । ଏହା ଆମକୁ ତାଙ୍କର କଠୋର ପରିଶ୍ରମ, ନିଷ୍ଠାପରତା ଓ ଅଖଣ୍ଡ ଭାରତ ଗଠନ ପାଇଁ ଅତୁଳନୀୟ ଅବଦାନକୁ ମନେ ପକାଇ ଦେଉଛି । ସେ ଆହୁରି କହିଛନ୍ତି ଯେ ସର୍ଦ୍ଦାର ପଟେଲଙ୍କ ଅସୀମ ସାହସ, ଅଦମ୍ୟ ରାଜନୈତିକ ଇଚ୍ଛାଶକ୍ତି ଏବଂ ନିର୍ଣ୍ଣାୟକ ନେତୃତ୍ୱ କାରଣରୁ ଆମ ଦେଶ ଆଜି ବିକାଶର ମାର୍ଗରେ ଅଗ୍ରସର ହେଉଛି । ଗୁଜୁରାଟରେ ପଟେଲଜୀଙ୍କ ପୃଥିବୀର ସର୍ବୋଚ୍ଚ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ପ୍ରତିଷ୍ଠା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ମହାପୁରୁଷଙ୍କୁ ରାଷ୍ଟ୍ର ତରଫରୁ ସର୍ବୋତ୍ତମ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ଏହି ଷ୍ଟାଚ୍ୟୁ ଅଫ୍ ୟୁନିଟି ହେଉଛି ଗୌରବ, ଏକତା, ଶାନ୍ତି ଓ କୃତଜ୍ଞତାର ପ୍ରତୀକ । 'ସମ୍ବିଧାନ ଦିବସ'ର ଅବ୍ୟବହିତ ପୂର୍ବରୁ ଏହିସବୁ କଥାକୁ ଆମେ ସ୍ମରଣ କରିବା ଜରୁରୀ ବୋଲି ସେ କହିଥିଲେ । ଅଭିଭାଷଣରେ ଓଡ଼ିଶା ଭାଷା ଭିତ୍ତିକ ରାଜ୍ୟ ଗଠନରେ ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳଦେବ, 'ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭଳି ଅନେକ ବରପୁତ୍ରଙ୍କ ବଡ଼ ଯୋଗଦାନକୁ କେନ୍ଦ୍ରମନ୍ତ୍ରୀ ମନେପକାଇଥିଲେ । ଏକତା ପଦଯାତ୍ରା ସମୟରେ ଶ୍ରୀ ପ୍ରଧାନ ଜେଲ୍ ଛକ ଠାରେ ଓଡ଼ିଶାର ବୀର ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଓ ନେଲସନ୍ ମାଣ୍ଡେଲା ଛକ ଠାରେ ଥିବା ଶହୀଦ ସ୍ତମ୍ଭରେ ବୀର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାବ୍ୟତୀତ, ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ଓ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀ, ଯୁବସାଥୀ, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଏବଂ ଅନ୍ୟାନ୍ୟ ସାମାଜିକ ସଂଗଠନର ସଦସ୍ୟମାନେ ମଧ୍ୟ ଏଥିରେ ସାମିଲ ହୋଇ ପଦଯାତ୍ରାକୁ ସଫଳ କରିଥିଲେ ।






## ଚୋରା ମଦ ଜବତ ୯ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଶେଷ ସୂତ୍ରରୁ ଖବର ପାଇ କେନ୍ଦ୍ରାପଡ଼ା ଅବକାରୀ ବିଭାଗପକ୍ଷରୁ ଜମ୍ବୁ ମରେଇନ, ରାଜକନିକା ଥାନ ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ପ୍ରଭାକରପୁର ଗ୍ରାମର ବଚନ ଖିଲାର, ବିଭୁତି ଖିଲାର ଓ ଟୁନି ଖିଲାର ବୟସଙ୍କ ଠାରୁ ୬୦ ଲିଟର ଦେଶୀ ରନ୍ଧା ମଦ ଓ ୨୯୦୦ ଲିଟର ଗୁଡ ପୋଚ, କେନେଙ୍ଗା ଗ୍ରାମର ଆଦିକାନ୍ତ ମଳିକଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ ଓ ଅଛୁତରପୁର ଗ୍ରାମର ଶଶଧର ମଳିକଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ, ବରକୋଳି ଖୋଳ ଗ୍ରାମର ସୁନିଲ ମଣ୍ଡଳଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ, ହିମାଂଶୁ ମାଇତିଙ୍କ ଠାରୁ ୨୯ ଲିଟର ଦେଶୀ ମଦ, ହାଡୁ ଗିରିଙ୍କ ଠାରୁ ୩୯ ଲିଟର ବିଦେଶୀ ମଦ, କଜଳପାତିଆ ବତୀଘର ଗ୍ରାମର ଭିଗୁରାମ ଦାସଙ୍କ ଠାରୁ ୨୨ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୩୧୨୪ ଲିଟର ବିଦେଶୀ, ଦେଶୀ ଓ ଗୁଡ ପୋଚ ମଦ ଜବତ କରାଯାଇ ୯ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି । ଏହି ଚଢ଼ଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ, ଉପନିରିକ୍ଷକ କଳ୍ପନା ରାଉତ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ମିସ ରତୁପ୍ରଭା ସ୍ୱାଇଁ, ସହକାରୀ ଉପ ନିରୀକ୍ଷକ ଜଗନ୍ନାଥ ବେଶେରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଳିକ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## ବାର୍ହା ଶିକାର କରିବା ଅଭିଯୋଗରେ ୫ ଜଣ ଗିରଫ ଓ କୋର୍ଟ ଚାଲାଣ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନଖଣ୍ଡ ଅଧିନସ୍ଥ ରାଣୀମୁଣ୍ଡ ବିଟରେ ସୋମବାର ବରାହ ଶିକାର ଅଭିଯୋଗରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଖଡ଼ିଆଳ ବନ ବିଭାଗ । ଏଥିରେ ସଂପୃକ୍ତ ଅନ୍ୟ ୯ ଜଣ ଫେରାର୍ ହୋଇଥିବା ନେଇ ସୂଚନା ଦେଇଛନ୍ତି ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ । ଖଡ଼ିଆଳ ବନବିଭାଗ ଖବରପାଇ ଖାସବାହାଲ ପଞ୍ଚାୟତର ଚାନ୍ଦେଲ ଗ୍ରାମରେ ବରାହ ଶିକାର ଅଭିଯୋଗରେ ଚଢ଼ଉ କରିଥିଲେ । ଏଥିରେ ଚାନ୍ଦେଲ ଗ୍ରାମର ଭିକାରୀ ଲୁହାର (୪୦), କାର୍ତିକ ମଲ୍ଲିକ (୪୫), ନିତ୍ୟା ମାଝି (୩୫. ସିଗ୍ରେଟ ମଲ୍ଲିକ (୫୫) ଓ କ୍ଷୀରଧର ଲୁହାର (୧୯)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ୯ ଜଣ ଫେରାର୍ ଅଛନ୍ତି । ଅଭିଯୁକ୍ତ ମାନଙ୍କ ଠାରୁ ୧ କେଜି ୭୦୦ ଗ୍ରାମ ମାଂସ, ଦୁଇଟି ପାଦ, ଦୁଇଟି ଦାନ୍ତ, ଗୋଟିଏ ପାଟି, ଫାଶ ଓ ବିଭିନ୍ନ ପଶୁ ଶିକାର ସାମଗ୍ରୀ ଜବତ କରିଥିବା ନେଇ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଆଜିଜ ଖାନ ପ୍ରକାଶ କରିଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୭।୧୧।୨୦୨୫, ମାର୍ଗଶିର ଦି୧୨ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୬।୦୨।୨୬ ଚନ୍ଦ୍ରୋଦୟ- ଦିଘ୧୧।୨୭।୧୧**

**ସପ୍ତମୀ-** ରାଘ୧୨।୩୦ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ରାଘ ୨।୩୧ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଦିଘ ୨।୦୬ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । ଦିଘ ୨।୦୬ ଗତେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । ଦିଘ ୨।୦୬ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୧୨।୩୦ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୬ ଗତେ ଘ ୭।୩୩ ମଧ୍ୟେ । ସଂଘ ୫।୫୪ ଗତେ ରାଘ ୯।୨୪ ମଧ୍ୟେ ।



**ମେଷ:** କର୍ମକ୍ଷେତ୍ରରେ କମ୍ ପରିଶ୍ରମ କରିବେ । ଅନ୍ୟମାନଙ୍କ ଠାରୁ ନିନ୍ଦା ପାଇବେ । ଧନହାନୀ ଯୋଗ ରହିଛି । ରୋଜଗାର ଅପରିବର୍ତ୍ତିତ ରହିବ । ପାରିବାରିକ ସହଯୋଗ ପ୍ରାପ୍ତ ହେବ । ଦେହ ଭଲ ରହିବ ।



**ବୃଷ:** ପାରିବାରିକ ଅବସ୍ଥା ଭଲ ରହିବନାହିଁ । ବେପରୁଆ କାର୍ଯ୍ୟ କରି କର୍ମକ୍ଷେତ୍ରରେ ସମାଲୋଚିତ ହେବେ । ଅନିଚ୍ଛା ସତ୍ତ୍ୱେ କର୍ମକ୍ଷେତ୍ରକୁ ଯିବେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ଗର୍ବୀ ହେବେ ।



**ମିଥୁନ:** କଥାବାର୍ତ୍ତା ଦ୍ୱାରା ସବୁରି ପ୍ରିୟପାତ୍ର ହେବେ । ପାରିବାରିକ ଜଞ୍ଜାଳ ବଢ଼ିବ । କର୍ମ ପ୍ରାପ୍ତିରେ ବିଳମ୍ବ ଘଟିପାରେ । ପ୍ରଶାସନିକ ସମସ୍ୟାର ସମ୍ମୁଖୀନ ହେବେ । ଆୟ ସ୍ଥିର ରହିବ । ଦେହ ଓ ମନ ଭଲ ରହିବ ।



**କର୍କଟ:** ଆପଣଙ୍କର ମନୋଭିଳାଷ ପୂର୍ଣ୍ଣ ହେଲେ ମଧ୍ୟ କୌଣସି କାରଣରୁ ମନରେ କ୍ରୋଧ ଆସିବ । କିଛି କାରଣ ପାଇଁ ପରିବାର ଓ ସହଯୋଗୀଙ୍କ ପାଇଁ ବିଚଳିତ ହେବେ । ଅଯଥା ଖର୍ଚ୍ଚାନ୍ତ ହେବାର ସମ୍ଭାବନା ।



**ସିଂହ:** କଥାବାର୍ତ୍ତାରେ ସଂଯମତା ରକ୍ଷା ନକଲେ ଅସୁବିଧାରେ ପଡ଼ିପାରନ୍ତି । ମାନ ଓ ସମ୍ମାନରେ ଆଞ୍ଚ ଆସିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ରୋଜଗାରର ପରିମାଣ ବଢ଼ିବ । ମନ ଭଲ ରହିବାର ସୂଚନା ।



**କନ୍ୟା:** କର୍ମକ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବେ । ଅସହଯୋଗ ଯୋଗୁ ବିରକ୍ତି ଲାଗିବ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । କୁଟୁମ୍ବେ ଅଶାନ୍ତି । ଅପରାହ୍ନ ଠାରୁ ଆନନ୍ଦ ଲାଗି ରହିବ । ମନ ଅସ୍ଥିର ରହିବ ।



**ତୁଳା:** ପରିଶ୍ରମ ଅନୁସାରେ ଫଳ ପାଇବେ । ପୁରୁଣା କାର୍ଯ୍ୟ ସମାଧାନ ହେବ । ମନ ଭଲ ରହିବ । ଆୟ ଅପେକ୍ଷା ବ୍ୟୟର ପରିମାଣ ଅଧିକ ହେବ । ପରିବାରରେ ସ୍ୱାସ୍ଥ୍ୟ ଚିନ୍ତା ଲାଗି ରହିବ ।



**ବିଛା:** କେତେକ କାର୍ଯ୍ୟ ମନକୁ ଓଜନିଆ କରିବ । ସତର୍କ ନହେଲେ ବୃଥା ଅପମାନିତ ହୋଇପାରନ୍ତି । ଆଳସ୍ୟ ପରିହାର କରିବା ଉଚିତ୍ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଶାନ୍ତି ବଜାୟ ରହିବାର ସୂଚନା ।



**ଧନୁ:** ଆଜି ଆପଣଙ୍କର ସମସ୍ତ ମନକାମନା ପୂର୍ଣ୍ଣ ହେବ । କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଗରୁ ଘରେ ପରାମର୍ଶ କଲେ ଉଚ୍ଚ ଆଶା ସଫଳ ହେବ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ । ଭ୍ରମଣ ଯୋଗ ରହିଛି ।



**ମକର:** ଶତ୍ରୁ ବଢ଼ିବ । ନିଜ ଲୋକ ବିପରୀତ ବ୍ୟବହାର କରିବେ । ଆପଣଙ୍କ ଉନ୍ନତି ପଥରେ ବାଧା ଉପୁଜିପାରେ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ । ଆୟ ସାମାନ୍ୟ ବଢ଼ିବ । ଗୃହେ ଆନନ୍ଦ ଦେଖାଦେବ ।



**କୁମ୍ଭ:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଭଲ ନୁହେଁ । ତେଣୁ ସାବଧାନତା ଅବଲମ୍ବନୀୟ । ଆୟ ଅପେକ୍ଷା ବ୍ୟୟ ବଢ଼ିବ । ପରିବାରରେ ସ୍ତ୍ରୀଙ୍କ କଥା ଗ୍ରହଣୀୟ । ବନ୍ଧୁଙ୍କୁ ଦୁଃଖ ଜଣାଇ ଉପକୃତ ହେବେ ।



**ମୀନ:** ପରିଶ୍ରମର ଫଳ କର୍ମକ୍ଷେତ୍ରରେ ଆପଣ ଅନୁଭବ କରିବେ । ଆଶାଜନକ ଫଳ ଲାଭ କରି ନିଜର ବୈଶିଷ୍ଟ ପ୍ରତିପାଦନ କରିବେ । ପାରିବାରିକ କ୍ଷେତ୍ରରେ ପରିଶ୍ରମ ବୃଦ୍ଧି ପାଇବ । ରୋଜଗାର ଭଲ ହେବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୮।୧୧।୨୦୨୫, ମାର୍ଗଶିର ଦି୧୩ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୬।୦୩।୦୪ ଚନ୍ଦ୍ରୋଦୟ- ଦିଘ୧୨।୦୪।୦୬**

**ଅଷ୍ଟମୀ-** ରାଘ୧୨।୧୬ପର୍ଯ୍ୟନ୍ତ । **ଶତଭିଷା ନକ୍ଷତ୍ର-** ରାଘ ୨।୪୯ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ରାଘ ୨।୪୮ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୭ ଗତେ ଘ ୬।୫୧ ମଧ୍ୟେ । ଦିଘ ୧୧।୫୬ ଗତେ ଘ ୨।୫୧ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# କ୍ଷୀର ଅମୃତ ନୁହେ ବିଷରେ ପରିଣତ ହେଲାଣି

ବିହାରରେ ସ୍ତନ୍ୟପାନ କରାଉଥିବା ୪୦ପ୍ରତିଶତ ମହିଳାଙ୍କ କ୍ଷୀରରେ ବିଷାକ୍ତ ୟୁରାନିୟମ ରହିଥିବାର ପ୍ରମାଣ ମିଳିଛି । ନେଚର ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ରିପୋର୍ଟରୁ ଏହା ଜଣାପଡ଼ିଛି । ରିପୋର୍ଟ ଅନୁସାରେ, ମା’ କ୍ଷୀରରେ ଥିବା ୟୁରାନିୟମ ସ୍ତର ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରିପାରେ । ଏକାଧିକ ଅନୁଷ୍ଠାନ ପକ୍ଷରୁ ଏହି ଅଧ୍ୟୟନ କରାଯାଇଥିଲା । ପାଟନାର ମହାବୀର କ୍ୟାନ୍ସର ଅନୁଷ୍ଠାନ ପକ୍ଷରୁ ଡାକ୍ତର ଅରୁଣ କୁମାର ଏବଂ ପ୍ରଫେସର ଅଶୋକ ଘୋଷଙ୍କ ନେତୃତ୍ୱରେ କରାଯାଇଥିବା ଏହି ଅଧ୍ୟୟନରୁ ଜାଣିବାକୁ ମିଳିଛି, ମା’ କ୍ଷୀର ମାଧ୍ୟମରେ ୟୁରାନିୟମ ଶିଶୁଙ୍କ ଶରୀରକୁ ଯିବା ଦ୍ୱାରା ଉଭୟ କ୍ୟାନ୍ସର ଏବଂ ଅଣ କ୍ୟାନ୍ସର ରୋଗ ହେବାର ଯଥେଷ୍ଟ ଆଶଙ୍କା ରହିଛି । ଏଥି ଯୋଗୁଁ ଶିଶୁଙ୍କ ହାଡ଼ ବିକଶିତ ନ ହେବା, ରକ୍ତହୀନତା, ଥକ୍କାପଣ, ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବା, ଯକୃତ, ବୃକକ୍ ଏବଂ ଚର୍ମ ପ୍ରଭାବିତ ହେଉଛି । ଦୀର୍ଘ ସମୟ ଧରି ୟୁରାନିୟମ ଶରୀରକୁ ଯିବା ଦ୍ୱାରା କ୍ୟାନ୍ସର ବିପଦ ବଢ଼ିବା, ସ୍ନାୟୁଜନିତ ସମସ୍ୟା ଉପୁଜିବା, ଶିଶୁର ଶରୀର ଛୋଟ ହେବା, ତୀବ୍ରଗତିରେ ମେଟାବଲିଜିମ୍ ବଢ଼ିବା ଆଦି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି । ୨୦୨୧ ଅକ୍ଟୋବରରୁ ୨୦୨୪ ଜୁଲାଇ ମଧ୍ୟରେ ଭୋଜପୁର, ସମସ୍ତିପୁର, ବେଗୁସରାଇ, ଖଗଡିଆ, କଟିହାର ଏବଂ ନାଳନ୍ଦାରେ ୧୭ରୁ ୩୫ ବର୍ଷ ବୟସର ୪୦ ମହିଳାଙ୍କ ସ୍ତନ କ୍ଷୀରର ନମୁନା ସଂଗ୍ରହ କରାଯାଇ ତାହାର ପରୀକ୍ଷଣ କରାଯାଇଥିଲା । ଚକିତ କଲା ଭଳି କଥା ହେଉଛି ସମସ୍ତ ନମୁନାରେ ୟୁରାନିମୟ ମିଳିଥିଲା । ଯାହାର ମାତ୍ରା ଲିଟର ପିଛା ୦ରୁ ୫.୨୫ ଗ୍ରାମ ରହିଥିଲା । ଖଗାଡିଆରେ ହାରାହାରି ୟୁରାନିୟମ ସ୍ତର ସବୁଠାରୁ ଅଧିକ ଏବଂ ନାଳନ୍ଦାରେ ସବୁଠୁ କମ୍ ରହିଥିଲା । ତେବେ ମା’ କ୍ଷୀରକୁ ୟୁରାନିୟମ କେଉଁଠୁ ଆସୁଛି ତାହା ସ୍ପଷ୍ଟ ହୋଇନାହିଁ । ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆ ମଧ୍ୟ ଏହାର ଯାଞ୍ଚ କରୁଛି । ଦୁର୍ଭାଗ୍ୟବଶତଃ ୟୁରାନିୟମ ଏବେ ଖାଦ୍ୟ ଶୃଙ୍ଖଳାରେ ପ୍ରବେଶ କରୁଛି ଏବଂ ଏହା ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ଅଧ୍ୟୟନର ସହ-ଲେଖକ ଏମ୍ସର ଡାକ୍ତର ଅଶୋକ ଶର୍ମା କହିଛନ୍ତି ।ବିହାରରେ ପାନୀୟ ଏବଂ ଚାଷ ଉଭୟ ଭୂତଳ ଜଳ ଉପରେ ଅତ୍ୟଧିକ ନିର୍ଭରଶୀଳତା, ଅପରିଶୋଧିତ ଶିଳ୍ପ ବର୍ଜ୍ୟ ନିଷ୍କାସିତ ହୋଇ ଜଳଭଣ୍ଡାରରେ ମିଶିବା, କୃଷିରେ ରାସାୟନିକ ସାର ଏବଂ କୀଟନାଶକର ଦୀର୍ଘକାଳୀନ ବ୍ୟବହାର ଯୋଗୁଁ ଖାଦ୍ୟପାନୀୟରେ ବହୁ ପୂର୍ବରୁ ହିଁ ଆର୍ସେନିକ, ସୀସା ଭଳି ଧାତୁର ମାତ୍ରା ବଢ଼ିଛି । ଏହା ପୂର୍ବରୁ ହୋଇଥିବା ଏକ ଅଧ୍ୟୟନରେ ବିହାର ମହିଳାଙ୍କ ସ୍ତନ କ୍ଷୀରରେ ସୀସା ମଧ୍ୟ ମିଳିଥିଲା । ବିଶେଷକରି ଗଙ୍ଗା ନଦୀ ତଟବର୍ତ୍ତୀ ୬ ଜିଲ୍ଲା ସମସ୍ତିପୁର, ଦରଭଙ୍ଗା, ବେଗୁସରାୟ, ଖଗାଡ଼ିଆ, ମୁଙ୍ଗେର, ନାଳନ୍ଦାରେ ମା’ କ୍ଷୀରରେ ସୀସା ନମୁନା ରହିଥିବା ଜଣାପଡ଼ିଥିଲା । ସେହିପରି  ଗାଈ ପହ୍ନାରୁ ଅଧିକ କ୍ଷୀର ନିଗାଡ଼ିବା ପାଇଁ ଚାଷୀ ଏକ ଦେଢ଼ ଟଙ୍କିଆ ଔଷଧ ପହ୍ନାରେ ଫୋଡୁଛି । ଯାହାର ନାଁ ହେଲା ଅକ୍ସିଟୋସିନ୍ । ଅକ୍ସିଟୋସିନ୍ ଦିଆଯାଇ ଅପ୍ରାକୃତିକ ଭାବରେ ବାହାର କରାଯାଉଥିବା କ୍ଷୀର ଅମୃତ ନୁହେଁ ବରଂ ବିଷରେ ପରିଣତ ହେଉଛି । ପ୍ରତିଦିନ ବୁନ୍ଦାଏ କ୍ଷୀରରେ ଆମେ ପାଟିକୁ ଜହର ନେଉଛୁ । ଏକଥା ନୁହେଁ ଯେ ସବୁ ଗାଈ ପାଳୁଥିବା କିମ୍ବା ଦୁଗ୍ଧଚାଷୀ ଏହି କାମ କରୁଛନ୍ତି । କେତେକ ଅସାଧୁ ଚାଷୀ ଏହି ଔଷଧ ବ୍ୟବହାର କରୁଛନ୍ତି । ଯାହାର କୁପରିଣାମ ଲୋକେ ଭୋଗୁଛନ୍ତି ।  ଅକ୍ସିଟୋସିନ୍‌କୁ ପ୍ରାଣୀ ସମ୍ପଦ କ୍ଷେତ୍ରରେ ବ୍ୟବହାର କରିବାକୁ ସମ୍ପୂର୍ଣ୍ଣ ମନା କରାଯାଇଥିବା ବେଳେ ବ୍ୟାନ୍ ବି କରାଯାଇଛି । ମାତ୍ର ଅଧିକାଂଶ ଔଷଧ ଦୋକାନରେ ଏହା ବିକ୍ରି କରାଯାଉଛି । ଯେଉଁମାନେ ସହରରେ ଗାଈ ରଖିଛନ୍ତି, ସେମାନେ ଅଧିକ ଲାଭ ଦେଖି ଏହି ଔଷଧ ଗାଈଙ୍କ ଉପରେ ପ୍ରୟୋଗ କରି ଅଧିକ କ୍ଷୀର ଉତ୍ପାଦନ କରୁଛନ୍ତି । ସାଧାରଣତଃ ଅକ୍ସିଟୋସିନ୍ ଉଭୟ ମଣିଷ ଓ ପ୍ରାଣୀଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟବହାର କରାଯାଏ । ବିଶେଷକରି ପ୍ରସୂତିଙ୍କ ଲେବର କଷ୍ଟ ବେଳେ ଅକ୍ସିଟୋସିନ୍ ଦିଆଯାଏ । ଯଦ୍ୱାରା ନବଜାତ ଶିଶୁଟି ଗର୍ଭରୁ ବାହାରିଆସିବାରେ ସହଜ ହୁଏ । ପ୍ରାଣୀଙ୍କ କ୍ଷେତ୍ରରେ ବି ସମାନ । ଏଥିସହ ଯଦି ଗାଈ କି ମଇଁଷି କ୍ଷୀର ନଦେଉଥିବେ, ସେତେବେଳେ ଡାକ୍ତରଙ୍କ ପରାମର୍ଶକ୍ରମେ ଅକ୍ସିଟୋସିନ୍ ଦିଆଯାଏ । ହେଲେ ମାତ୍ରାଧିକ ଡୋଜ୍ ଦେବା ବିପଜ୍ଜନକ ବୋଲି ବିଶେଷଜ୍ଞମାନେ କହିଛନ୍ତି । ୨୦୧୮ରେ କେନ୍ଦ୍ର ସରକାର ପକ୍ଷରୁ ଅକ୍ସିଟୋସିନ୍‌କୁ ବ୍ୟାନ୍ କରାଯାଇଛି । ଅକ୍ସିଟୋସିନ ମିଶା କ୍ଷୀର ପିଇଲେ ଏହା ଶରୀରରେ କୁପ୍ରଭାବ ପକାଇଥାଏ । ଶରୀରରେ ହରମୋନ ସନ୍ତୁଳନ ବିଗିଡି ଥାଏ । ଫଳରେ ପିଲାଙ୍କ କ୍ଷେତ୍ରରେ ଅଟିଜିମ୍, କମ ବୟସରୁ ଋତୁସ୍ରାବ, ବକ୍ଷୋଜ ବୃଦ୍ଧି, ର ସୁଟିଜିମ(ଲୋମଶ) ଆଦି ବ୍ୟତିକ୍ରମ ଦେଖାଯାଇଥାଏ  ଅକ୍ସିଟୋସିନ୍ ପରେ ଆଉ ଏକ ମାରାତ୍ମକ କଥା ହେଲା ସିନ୍ଥେଟିକ ପାଉଡର । ଯାହାକୁ କ୍ଷୀରରେ ମିଶାଯାଉଛି । ବଡ଼କଥା, ସରକାରଙ୍କ ଦୁଗ୍ଧ ଉତ୍ପାଦନ ସଂସ୍ଥାର ସୋସାଇଟି ଯେତିକି କ୍ଷୀର ସଂଗ୍ରହ କରୁଛି, କେତେକ ଘରୋଇ କ୍ଷୀର କମ୍ପାନୀ ତାଠୁ ଅଧିକ କ୍ଷୀର ବିକ୍ରି କରୁଛନ୍ତି । ଓଡିଶାରେ କ୍ଷୀର ଉତ୍ପାଦନ ଯେତିକି ହେଉନି, ତାଠୁ ୧୦ଗୁଣ କ୍ଷୀର ଏମାନେ ବିକ୍ରି କରିଥାନ୍ତି । ସତେ ଯେମିତି କ୍ଷୀର ଶୂନ୍ୟରୁ ଝରୁଛି । ଏହି ଅପମିଶ୍ରଣ ଓ ଅକ୍ସିଟୋସିନ୍ ମିଶା କ୍ଷୀର ଖାଇଲେ ଗ୍ୟାସ, ମଧୁମେହ, ବଦହଜମି, ଲିଭର ଓ କର୍କଟ ଭଳି ଅନ୍ୟାନ୍ୟ ଘାତକ ରୋଗ ସୃଷ୍ଟି କରିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାଇଛନ୍ତି । ବଜାରରେ ମିଳୁଥିବା ଶସ୍ତା ପାଉଡର ମଧ କ୍ଷୀରରେ ମିଶୁଛି । ଅତୀତରେ କଟକ ଜଗତପୁର ଥାନା ଓ ଗୁରୁଡିଝାଟିଆ ଥାନା ଅଞ୍ଚଳରେ ଅପମିଶ୍ରିତ କ୍ଷୀର ଜବତ କରାଯାଇଥିଲା । ଯାଞ୍ଚ ବେଳେ କ୍ଷୀରରେ ଲୁଣ, କଷ୍ଟିଂ ପାଉଡର ମିଶୁଥିବା ଦେଖିବାକୁ ମିଳିଥିଲା ।  ସମ୍ର ବରିଷ୍ଠ ଚିକିତ୍ସକ ଡା. ଶ୍ରୀକାନ୍ତ ଧର କହିଛନ୍ତି, ଅକ୍ସିଟୋସିନ୍ ଶରୀରକୁ ଗଲେ ଏହା ହରମୋନ୍ ଅସନ୍ତୁଳନ କରେ । ଅପମିଶ୍ରିତ କ୍ଷୀର ମଧୁମେହ ସୃଷ୍ଟି କରୁଛି । ସୋଆ ଭେଟେରନାରୀ କଲେଜର ପ୍ରାଣୀ ଚିକିତ୍ସକ ଡା. ବୀରକିଶୋର ପରିଡା କହିଛନ୍ତି, ଅକ୍ସିଟୋସିନ୍ ଏକ ମାରାତ୍ମକ ଔଷଧ । ଏହାର ଅଧିକ ପ୍ରୟୋଗ ଦ୍ୱାରା ଗାଈ ପହ୍ନା ନଷ୍ଟ ହୋଇଯାଏ ଓ ସ୍ୱାସ୍ଥ୍ୟ ଖରାପ ହୁଏ । ଏପରିକି ତାର ପ୍ରଜନନ କ୍ଷମତା ହ୍ରାସ ପାଏ । ପ୍ରତିଦିନ କ୍ଷୀରକୁ ଯାଞ୍ଚ କରାଯିବା ବି ଆବଶ୍ୟକ । ପ୍ରାଣୀ ଚିକିତ୍ସକ ଡ. ସିମ୍ପୋନି ମହାନ୍ତିଙ୍କ କହିବା କଥା, ଅକ୍ସିଟୋସିନ୍‌କୁ ପହ୍ନା ପାଖରେ ଦିଆଯାଏ । ଏହା କ୍ଷୀରରେ ମିଶିଲେ କ୍ଷୀର ଗୁଣାବତ୍ତା ହରାଏ । ଏହାକୁ ଗର୍ଭବତୀ ମହିଳା କିମ୍ବା ଛୁଆ ପିଇଲେ ସ୍ୱାସ୍ଥ୍ୟ ଉପରେ ଭୟଙ୍କର ପ୍ରଭାବ ପଡେ । ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟଜିତ ପଟେଲ କହିଛନ୍ତି, କ୍ଷୀରର ମାନ ଯାଞ୍ଚ ପାଇଁ ଓଡିଶାରେ ସ୍ୱତନ୍ତ୍ର ପରୀକ୍ଷାଗାର ନାହିଁ  କେବଳ ରାମମନ୍ଦିର ପାଖରେ ଥିବା ସରକାରୀ ପରୀକ୍ଷାଗାରରେ ସବୁ ଖାଦ୍ୟ ସହ କ୍ଷୀର ଯାଞ୍ଚ ହୁଏ । ଦୁଇବର୍ଷ ତଳେ କ୍ଷୀର ସର୍ଭେ କରାଯାଇଥିଲା । ଏହାପରେ ହୋଇନି ।

# ‘ଆମ୍ବେଦକର ନା ବିଏନ୍ ରାୟ-ସମ୍ବିଧାନର ଭିତର କଥା’



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଭାରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଦିନ ହେଉଛି ନଭେମ୍ବର ୨୬ ତାରିଖ । ୧୯୪୯ ମସିହାର ଏହି ଦିନରେ ସମ୍ବିଧାନ ସଭା ଭାରତର ସମ୍ବିଧାନକୁ ଅଙ୍ଗୀକୃତ କରିଥିଲା । ସମ୍ବିଧାନର ଏହି ଦସ୍ତାବେଜ କେବଳ ଏକ ଆଇନ୍ ଢାଞ୍ଚା ନୁହେଁ ବରଂ ଏହା ଏକ ଜୀବନ୍ତ ଦର୍ଶନ ଅଟେ ଯାହା ସ୍ୱତନ୍ତ୍ରତା, ସମାନତା ଏବଂ ନ୍ୟାୟର ପ୍ରତୀକ । ଏ ପ୍ରସଙ୍ଗରେ ସମୟ ସହ ତାଳ ମିଳାଇ ଅନେକ କଥାକୁ ନେଇ ବିମର୍ଷ ଆରମ୍ଭ ହୋଇଯାଇଛି । ବିମର୍ଷ ହେଉଛି ଏହି ସମ୍ବିଧାନର ବାସ୍ତବିକ ପ୍ରଣେତା କିଏ ? ସମ୍ବିଧାନ କ’ଣ କେବଳ ଡ଼କ୍ଟର ଭୀମରାଓ ଆମ୍ବେଦକରଙ୍କର ରଚନା ଥିଲା ନା ଏହା ପଛରେ ବି.ଏନ୍.ରାଓଙ୍କ ଭଳି ମୌନ ପରନ୍ତୁ ନିର୍ଣ୍ଣୟକ ବ୍ୟକ୍ତିତ୍ୱଙ୍କ ଭୂମିକା ଅଧିକ ଥିଲା ? ସମ୍ବିଧାନ ପ୍ରଣୟନର କାହାଣୀ ୧୯୪୭ରେ ଆରମ୍ଭ ହୋଇ ନଥିଲା । ଏହାର ମୂଳ ଅତି ଗଭୀର ଅଟେ । ଏଥିରେ ୧୯୧୯ରେ ମଣ୍ଟେଗ୍ୟୁ ଚେମ୍ସଫୋର୍ଡଙ୍କ ବ୍ୟବସ୍ଥା ଠାରୁ ନେଇ ୧୯୩୫ର ଭାରତ ସରକାର ଅଧିନିୟମ ପର୍ଯ୍ୟନ୍ତର କଥା ରହିଛି । ଏସବୁ କାରଣରୁ ପ୍ରଥମେ ଭାରତରେ ସଂଘୀୟ ଶାସନର ଅବଧାରଣା ଜନ୍ମ ନେଇଥିଲା ।

ସେ ସମୟରେ ଜଣଙ୍କ ନାମ ଶୁଣାଯାଉଥିଲା- ସାର ବିନୋଦ ବିହାରୀ ନାରାୟଣ ରାଓ ଯାହାଙ୍କୁ ପରେ ବିଏନ୍ ରାଓ ଭାବେ ସମସ୍ତେ ଜାଣିଥିଲେ । ବ୍ରିଟିଶ ପ୍ରଶାସନରେ ଉଚ୍ଚ ନ୍ୟାୟିକ ଏବଂ ସାମ୍ବିଧାନିକ ପଦରେ କାର୍ଯ୍ୟ କରିଥିବା ବି.ଏନ୍. ରାଓ ଭାରତୀୟ ପ୍ରଶାସନିକ ଢାଞ୍ଚାକୁ ବିକଶିତ କରିଥିଲେ । ୧୯୩୦ ଦଶକରେ ଯେତେବେଳେ ଦ୍ୱିତୀୟ ଗୋଲଟେବୁଲ ବୈଠକ ହୋଇଥିଲା । ସେତେବେଳେ ଭାରତରେ ସ୍ୱଶାସନର ଦିଗ ସ୍ପଷ୍ଟ ହୋଇଯାଇଥିଲା । ୧୦୩୨ ମସିହାରେ ବିଏନ୍‌ରାଓଙ୍କୁ ଔପଚାରିକ ଭାବେ ସମ୍ବିଧାନ ପ୍ରଣୟନର ପ୍ରାରମ୍ଭିକ ପ୍ରସ୍ତୁତିରେ ସାମିଲ କରାଯାଇଥିଲା । ଦିଲ୍ଲୀରେ ତାଙ୍କ ନେତୃତ୍ୱରେ ‘ସମ୍ବିଧାନ ପ୍ରଣୟନ ବା ନିର୍ମାଣ କାର୍ଯ୍ୟାଳୟ’ ସ୍ଥାପନ କରାଯାଇଥିଲା । ୧୯୪୪ରେ ତାଙ୍କୁ ସମ୍ବିଧାନ ପରାମର୍ଶଦାତା ଏବଂ ୧୯୪୬ରେ ତାଙ୍କୁ ମୁଖ୍ୟ ସାମ୍ବିଧାନିକ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଥିଲା । ତାଙ୍କର କାର୍ଯ୍ୟଥିଲା ସେ ପର୍ଯ୍ୟନ୍ତ ହୋଇଥିବା ସବୁ ସାମ୍ବିଧାନିକ ବୁଝାମଣା, ବ୍ରିଟିଶ ଆଇନ୍, ପ୍ରାନ୍ତିୟ ବିଧାନମଣ୍ଡଳର ରିପୋର୍ଟ ଏବଂ ଭାରତୀୟ ନେତାମାନଙ୍କ ପରାମର୍ଶକୁ ସଙ୍କଳିତ କରି ଏକ ଆଧାରଭୁତ ପ୍ରାରପ ପ୍ରସ୍ତୁତ କରିବା ।

୧୯୪୬ ମସିହା ଜୁଲାଇ ୧୪ତାରିଖରେ ଯେତେବେଳେ ସମ୍ବିଧାନ ସଭାର ଗଠନ ପାଇଁ ବିଧିବଦ୍ଧ ଘୋଷଣା କରାଗଲା । ସେତେବେଳକୁ ବିଏନ୍ ରାୟ ତାଙ୍କ କାର୍ଯ୍ୟାଳୟରେ ସମ୍ବିଧାନର ଅନେକ ବ୍ୟବସ୍ଥା ଏବଂ ଆଇନ୍ ପରାମର୍ଶ ସବୁକୁ ଏକାଠି କରି ସାରିଥିଲେ । ଏହାର ପରିଣାମ ସ୍ୱରପ ଶ୍ରୀ ରାୟ ୧୯୪୭ ମସିହା ଅକ୍ଟୋବର ୩୦ ତାରିଖରେ ସମ୍ବିଧାନର ପ୍ରାରମ୍ଭିକ ସ୍ୱରପ ପ୍ରସ୍ତୁତ କରି ସମ୍ବିଧାନ ସଭାକୁ ଦେଇଥିଲେ । ଶ୍ରୀ ରାୟ ପ୍ରସ୍ତୁତ କରିଥିବା ପ୍ରାରମ୍ଭିକ ସ୍ୱରପ ପରବର୍ତ୍ତୀ ସମୟରେ ସମ୍ବିଧାନର ଆଧାର ପାଲଟିଥିଲା । ଇତି ମଧ୍ୟରେ ରାଜନୈତିକ ଘଟଣାକ୍ରମ ବଦଳିଯାଇଥିଲା । ୧୯୪୬ ସମ୍ବିଧାନ ସଭାର ନିର୍ବାଚନ ହୋଇଥିଲା । ଡ଼କ୍ଟର ଆମ୍ବେଦକର ସେ ସମୟରେ ଜଣେ ପ୍ରସିଦ୍ଧ ଓକିଲ ଏବଂ ଦଳିତ ଅଧିକାରର ସମର୍ଥକ ଭାବେ ପରିଚିତ ଥିଲେ କିନ୍ତୁ ମହାରାଷ୍ଟ୍ରରେ ନିର୍ବାଚନ ହାରି ଯାଇଥିଲେ । କିନ୍ତୁ ଲର୍ଡ ବାବେଲ ଓ ପରେ ଲର୍ଡ ମାଉଣ୍ଟବାଟେନଙ୍କ ପରାମର୍ଶ ପରେ ନେହେରୁ ଏବଂ କଂଗ୍ରେସ ନେତୃତ୍ୱ ଆମ୍ବେଦକରଙ୍କ ଭଳି ବିଦ୍ୱାନଙ୍କୁ ସମ୍ବିଧାନ ସଭାରେ ସାମିଲ କରିବା ପାଇଁ ରାଜି ହୋଇଥିଲେ । ବଙ୍ଗଳାର ମୁସଲିମ ଲିଗ୍ ମଧ୍ୟ ଆମ୍ବେଦକରଙ୍କୁ ସମର୍ଥନ କରିଥିଲା ଫଳରେ ୧୯୪୭ ଜୁଲାଇ ମାସରେ ସମ୍ବିଧାନ ସଭାରେ ତାଙ୍କୁ ସାମିଲ କରାଯାଇଥିଲା । ୧୯୪୭ ମସିହା ଅଗଷ୍ଟ ୨୯ ତାରିଖରେ ସମ୍ବିଧାନ ସଭା ଏକ ଡ୍ରାଫ୍ଟିଙ୍ଗ୍ କମିଟି ଗଠନ କରିଥିଲେ ଓ ଆମ୍ବେଦକରଙ୍କୁ ଏହି କମିଟିର ଅଧ୍ୟକ୍ଷ କରାଯାଇଥିଲା । ବିଏନ୍ ରାୟଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାରପର ପୁନଃ ନୀରିକ୍ଷଣ କରି ତାକୁ ଅନ୍ତିମ ରପ ଦେବା ଥିଲା ଡ୍ରାଫ୍ଟିଙ୍ଗ୍ କମିଟିର କାର୍ଯ୍ୟ । ବିଏନ୍ ରାୟ ସେ ସମୟରେ କମିଟିର ପରାମର୍ଶ ଦାତା ଥିଲେ । ଏହାହିଁ ହେଉଛି ସେଇ ବିନ୍ଦୁ ଯେଉଁଠାରୁ ଆମ୍ବେଦକରଙ୍କ ଭୂମିକା ନିର୍ଣ୍ଣାୟକ ଭାବେ ସାମନାକୁ ଆସିଥିଲା ।

ଡ଼କ୍ଟର ଆମ୍ବେଦକରଙ୍କର ସବୁଠାରୁ ବଡ଼ ଯୋଗଦାନ ହେଉଛି ଯେ ସେ ବିଏନ୍ ରାୟଙ୍କ ପ୍ରାରପକୁ କେବଳ ଆଇନ୍‌ର ଦସ୍ତାବେଜ୍ ଭାବେ ରହିବାକୁ ନଦେଇ ସେଥିରେ ସାମାଜିକ ନ୍ୟାୟ ଏବଂ ମାନବାଧିକାର ଭାବନାକୁ ମିଶାଇ ଦେଇଥିଲେ । ସମ୍ବିଧାନର ଅନୁଚ୍ଛେଦ ୧୨ ରୁ ୩୫ ପର୍ଯ୍ୟନ୍ତର ସ୍ୱରପ ଆମ୍ବେଦକରଙ୍କ ଦୃଷ୍ଟିକୋଣର ପ୍ରଭାବ । ସମାନତା, ସ୍ୱତନ୍ତ୍ରତା, ଶୋଷଣକୁ ବିରୋଧ କରିବାର ଅଧିକାର ଧାର୍ମିକ ସ୍ୱାଧିନତା ଏବଂ ସାମ୍ବିଧାନିକ ଉପଚାର ଭଳି ପ୍ରାବଧାନ ଆମ୍ବେଦକଙ୍କ ସମାଜବାଦୀ ଦୃଷ୍ଟିକୋଣ ସହ ଜଡିତ । ଯଦିଓ କେତେକ ମୌଳିକ ବିଚାର ଏବଂ ସଂସ୍ଥାଗତ ଢାଞ୍ଚା ଯଥା- ସୁପ୍ରିମ୍‌କୋର୍ଟ, ହାଇକୋର୍ଟ, ସଂଘୀୟ ଢାଞ୍ଚା, ନୀତି ନିର୍ଦ୍ଦେଶକ ତତ୍ତ୍ୱ ଆଦି ପୁର୍ବରୁ ସମ୍ବିଧାନ ସଭାରେ ଚର୍ଚ୍ଚା ପାଇଁ ଉପସ୍ଥାପନ କରାଯାଇଥିଲା କିନ୍ତୁ ଆମ୍ବେଦକର ସେ ସବୁକୁ ବ୍ୟବହାରିକ ଏବଂ ଭାରତୀୟ ସାମାଜିକ ସଂରଚନାର ଅନୁରୂପ ପ୍ରସ୍ତୁତ କରିଥିଲେ । ଏହି କାରଣରୁ ସମ୍ବିଧାନକୁ ଏକ ଜୀବନ୍ତ ଦସ୍ତାବେଜ କୁହାଯାଏ ।

ବିଏନ୍ ରାଓ ଏବଂ ଆମ୍ବେଦକରଙ୍କ ଭୂମିକା ପରସ୍ପର ପୂରକ ଥିଲା କିନ୍ତୁ ଆମ୍ବେଦକରଙ୍କ ଦୃଷ୍ଟିଭଙ୍ଗୀ ସାମାଜିକ ଏବଂ ସୁଧାବାଦୀ ଥିଲା । ବିଏନ୍ ରାଓ ସମ୍ବିଧାନର ମୂଳଦୁଆ ପକାଇଥିଲେ  ଆମ୍ବେଦକର ତାକୁ ସଂପୂର୍ଣ୍ଣ କରିଥିଲେ । ଏହି ସନ୍ତୁଳନ କାରଣରୁ ଭାରତୀୟ ସମ୍ବିଧାନ ଅଦ୍ୱିତୀୟ ଅଟେ । ଏକଥା ମଧ୍ୟ ସତ୍ୟ ଯେ ସମ୍ବିଧାନର ଉଦେଶ୍ୟ ପ୍ରସ୍ତାବ (ପରେ ଏହାକୁ ପ୍ରସ୍ତାବନା/ ପ୍ରିୟାମ୍ବୁଲ କୁହାଗଲା) ୧୯୪୭ ମସିହା ଜାନୁୟାରୀ ମାସରେ ସମ୍ବିଧାନ ସଭା ଦ୍ୱାରା ଗୃହୀତ କରାଯାଇ ସାରିଥିଲା । ସେଥିରେ ଭାରତକୁ ‘ସଂପୁର୍ଣ୍ଣ ପ୍ରଭୁତ୍ୱ ସମ୍ପନ୍ନ ଲୋକତନ୍ତ୍ରାତ୍ମକ ଗଣରାଜ୍ୟ’ ଘୋଷିତ କରିବାର ଭାବନା ଥିଲା । ଏହିଭଳି ମୌଳିକ ଅଧିକାର ପ୍ରସଙ୍ଗରେ ୧୯୪୭ ମସିହା ଜୁନ ମାସରେ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା । କିନ୍ତୁ ଏହାକୁ ବ୍ୟବହାରିକ ରପ ଦେଇଥିଲା ଡ୍ରାଫ୍ଟିଙ୍ଗ୍ କମିଟି । ଦେଶ ସ୍ୱାଧିନ ହେବାପରେ ଯେତେବେଳେ ସମ୍ବିଧାନ ଲାଗୁ ହେଲା ସେତେବେଳେ ଦୁନିଆ ଦେଖିଲା ଯେ ଏକ ବିବିଧ, ବହୁଭାଷି ଓ ବହୁଧର୍ମୀ ଦେଶ ଏକ ସାମ୍ବିଧାନିକ ଢାଞ୍ଚା ଭିତରେ ଏକଜୁଟ ହୋଇ ରହିଯାଇଛି । ଏହି ଉପଲବ୍ଧି କୌଣସି ଜଣେ ବ୍ୟକ୍ତିର ନଥିଲା- ଏହି ଉପଲବ୍ଧି ସେଇ ୨୯୯ ସଦସ୍ୟଙ୍କର ଥିଲା ଯେଉଁମାନେ ସମ୍ବିଧାନ ସଭାରେ ବସି ୨ବର୍ଷ ୧୧ ମାସ ୧୮ ଦିନ ଏସବୁ ପ୍ରସଙ୍ଗରେ ବିଚାର ବିମର୍ଷ କରିଥିଲେ । ଏକଥା ମଧ୍ୟ ସତ୍ୟ ଯେ ବିଏନ୍‌ରାୟଙ୍କ ବିନା ସମ୍ବିଧାନର ବୁନିଆଦି ଢାଞ୍ଚା ଅସ୍ତିତ୍ୱକୁ ଆସି ପାରି ନଥାନ୍ତା ଏବଂ ଆମ୍ବେଦକରଙ୍କ ବିନା ଏହି ଢାଞ୍ଚା ଆତ୍ମାହୀନ ହୋଇ ରହିଯାଇଥାନ୍ତା ।

ଇତିହାସରେ ଅନେକ ସମୟରେ ଏମିତି ଘଟଣା ମଧ୍ୟ ଘଟିଥାଏ ଯେ ରାଜନୈତିକ ପ୍ରତୀକ କୌଣସି ବୌଦ୍ଧିକ ଯୋଗଦାନକୁ ଚାପି ଦେଇଥାଏ । ଆମ୍ବେଦକର ଜଣେ ଜନନାୟକ ଥିଲେ । ଏଣୁ ସ୍ୱାଭାବିକ ଭାବେ ତାଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ବିଏନ୍ ରାୟଙ୍କ ଯୋଗଦାନ ମୌନ ଥିଲା କିନ୍ତୁ ଗଭୀର ଏବଂ ନିର୍ଣ୍ଣାୟକ ମଧ୍ୟ ଥିଲା । ଏଣୁ ଏ ଦୁଇ ଜଣଙ୍କ ମଧ୍ୟରୁ କାହାରିକୁ ଅଣଦେଖା କରାଯିବା ଉଚିତ୍ ନୁହେଁ । ଭାରତୀୟ ସମାଜ ସମ୍ବିଧାନ ପ୍ରଣୟନର କାହାଣୀକୁ କେବଳ ବ୍ୟକ୍ତି ପୂଜା ଦୃଷ୍ଟିରେ ନଦେଖି ଏକ ସଂସ୍ଥାଗତ ଏବଂ ବୌଦ୍ଧିକ ପ୍ରକ୍ରିୟା ଭାବେ ଦେଖିବା ଉଚିତ । ସମ୍ବିଧାନ କୌଣସି ଜଣେ ବ୍ୟକ୍ତିର ନୁହେଁ ବରଂ ଭାରତର ସାମୁହିକ ଚେତନାର ପରିଣାମ- ସେଇ ଚେତନାର ଯାହା ପରାଧିନତା ପରେ ଗଣତନ୍ତ୍ରର ସ୍ୱପ୍ନ ଦେଖିଥିଲା ଏବଂ ତାକୁ ବାସ୍ତବିକତାରେ ପରିଣତ କରାଇଥିଲା । ଯଦି ଆମେ ଆଜି ନିଜକୁ ସ୍ୱାଧିନ ଭାରତର ଲୋକ ବୋଲି କହୁଛେ, ସମାନତା ଏବଂ ସ୍ୱତନ୍ତ୍ରତାର କଥା କହୁଛେ ଏସବୁ ହେଉଛି ସମ୍ବିଧାନ ସଭାର ସଦସ୍ୟ ମାନଙ୍କର କାର୍ଯ୍ୟ । ଆମେ ଏ ସମସ୍ତଙ୍କୁ ପ୍ରଣାମ କରିବା ଯେଉଁମାନେ ଏସବୁକୁ ସମ୍ଭବ କରାଇଥିଲେ । ବିଏନ ରାଓଙ୍କ ଗଭୀର ଜ୍ଞାନ ଡ଼କ୍ଟର ଆମ୍ବେଦକରଙ୍କ ସାମାଜିକ ଦୃଷ୍ଟିଭଙ୍ଗୀ, ପଣ୍ଡିତ ଜବାହାରଲାଲ ନେହେରୁଙ୍କ ରାଜନୈତିକ ଦୁରଦର୍ଶୀତା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସାଂଗଠନିକ ଦକ୍ଷତା- ଏସବୁ ହେଉଛି ସମ୍ବିଧାନ ରପକ ବିରାଟ ବୃକ୍ଷର ମୂଳ । ଇତିହାସ ସେତେବେଳେ ନ୍ୟାୟ କରିଥାଏ ଯେତେବେଳେ ସେ ସଂପୂର୍ଣ୍ଣ ସତ୍ୟକୁ ଦେଖିଥାଏ । ବିଏନ ରାଓ ଏବଂ ଡ଼କ୍ଟର ଆମ୍ବେଦକର ଉଭୟେ ଏହି ଇତିହାସର ଅପରିହାର୍ଯ୍ୟ ଅଧ୍ୟାୟ- ଜଣେ ସମ୍ବିଧାନର ପ୍ରାରପ ପ୍ରସ୍ତୁତ କରିଥିଲେ ଓ ଆଉଜଣେ ସେଥିରେ ଆତ୍ମା ଭରି ଦେଇଥିଲେ ।

# ତେଲୁଗୁ ଭାଷାର ବ୍ୟାକରଣ

ଭାଷା କଥା



ଡଃ. ଦେବାଶିଷ ମହାପାତ୍ର
ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ,
ଏନ୍.ସି.ଇ.ଆର୍.ଟି,
ଭୁବନେଶ୍ୱର-୨୨
ମୋ-୬୩୭୨୦୮୨୬୯୦

ତେଲୁଗୁ ଭାଷା, ଆମ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାର ମୁଖ୍ୟ ଭାଷା । ଆମେ ଓକାଟି (ଏକ), ରେଣ୍ଡୁ(ଦୁଇ), ମୁଡୁ (ତିନି), ନାଲୁଗୁ (ଚାରି), ଆଇଦୁ (ପାଞ୍ଚ), ଆରୁ (ଛଅ), ଏଡୁ (ସାତ), ଏନମଦି (ଆଠ), ତୋମ୍ମଦି (ନଅ) ଓ ପାଦି (ଦଶ) ଆଦି ସଂଖ୍ୟା ହେଉ ଅଥବା ଏନ୍ଦୁକୁ (କାହିଁକି), ଏକଡ଼ା ରା (ଏଠିକି ଆସ) ଭଳି ଶବ୍ଦକୁ ବ୍ୟବହାରରେ ଦେଖୁ । ସିନେମା, ସିରିଏଲରେ ତେଲୁଗୁ ଭାଷାଭାଷୀ ଚରିତ୍ରକୁ ହାସ୍ୟ ଅଭିନେତା ଭାବେ ଉପସ୍ଥାପନ କରାଯାଏ । ଅନେକ ଓଡ଼ିଆ ଗୀତରେ ତ ଏବେ ତେଲୁଗୁ ଶବ୍ଦର ପ୍ରଚଳନ । ତେବେ, ଆମେ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ତେଲୁଗୁ ଭାଷାର ବ୍ୟାକରଣ ବହି ବିଚାର କରିବା । ୧୮୧୪ ମସିହାରେ ଡବ୍ଲ୍ୟୁ. କ୍ୟାରୀଙ୍କ ‘Grammar of the Telinga Language’ ବହି ଦେଖିଲେ ଅନୁଭବ ହୁଏ ତେଲୁଗୁ ନାଁଟି ଆଗରୁ ତେଲେଙ୍ଗା, ତେଲିଙ୍ଗ ଆଦି କେତେ ରକମର ଥିଲା । ବହୁ ବିଦେଶୀ ତେଲୁଗୁ ଭାଷା, ବିଶେଷକରି ବ୍ୟାକରଣ ଉପରେ କାମ କରି ପୁସ୍ତକ ପ୍ରକାଶନ କରିଛନ୍ତି । ଯେମିତିକି ୧୮୧୬ (ପ୍ରଥମ ପ୍ରକାଶନ), ୧୮୨୦ (ଦ୍ୱିତୀୟ ପ୍ରକାଶନ) ଓ ୧୮୪୯ (ତୃତୀୟ ପ୍ରକାଶନ) ହୋଇଥିବା ୱିଲିୟମ ବ୍ରାଉନଙ୍କ ‘A Grammar of Telugu Language’ ଅଥବା ୧୯୨୭ ମସିହାର ଏ.ଏୀ.ଆରଡ଼େନଙ୍କ ‘Progressive Grammar of the Telugu Language’ । ସେହିଭଳି ୱିଲିୟମ ହାୱେଲଙ୍କ ‘Catechsim of Telgoo Grammar’ବହିଟି ୧୮୩୪ରେ ପ୍ରକାଶ ପାଇଥିଲା । ଏଥିରେ ଇଂରାଜୀରେ Telugu ବନାନକୁ Telgoo କରାଯାଇଛି । ସେମିତି ହେନ୍‌ରୀ ମୋରିସଙ୍କ ୧୮୯୦ ମସିହାରେ ‘Simplified Grammar of Telugu Language’ ଓ ଆଲଫ୍ରେଡ୍ ମାଷ୍ଟର ଲେଖିଥିବା ୧୯୪୭ ମସିହାର ଚର୍ଚ୍ଚିତ ତେଲୁଗୁ ବ୍ୟାକରଣ Introduction of Telugu Grammar ଆମକୁ ତେଲୁଗୁ ଭାଷାର ବ୍ୟାକରଣ ବିଷୟରେ ଅନେକ କଥା କହେ । ଆମେ ଯଦି ତେଲୁଗୁ ଭାଷାର ବ୍ୟବହାର ଦେଖିବା, ତେବେ ଲୁ’ ପ୍ରତ୍ୟୟ ଲାଗି ଗୋଟିଏ ଗୋଟିଏ ଶବ୍ଦ, ବାକ୍ୟ ଭଳି ବ୍ୟବହାର ହୋଇଥିବାର ଲକ୍ଷ୍ୟ କରିପାରିବା । ଆଦିବାରୁଲୁ, ଆରିସାଲୁ, ଆଦି ବହୁ ଉଦାହରଣ । ସେମିତି ବିଦେଶୀ ବ୍ୟାକରଣକାରଙ୍କ ବ୍ୟତୀତ ବହୁ ଭାରତୀୟ ମଧ୍ୟ ତେଲୁଗୁ ବ୍ୟାକରଣ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି । ଓ୍ୱାର୍ଦ୍ଧାରୁ ୧୯୫୯ରେ ରାଷ୍ଟ୍ରଭାଷା ପ୍ରଚାର ମସିତି ପ୍ରକାଶ କରିଥିବା ‘ଭାରତ ଭାରତୀ ତେଲୁଗୁ’ ସୁରୀ ଚିନିୟାଙ୍କ ୧୮୫୮ (ପ୍ରଥମ ପ୍ରକାଶନ), ୧୮୭୧ (ଦ୍ୱିତୀୟ ସଂସ୍କରଣ)ର ‘A Telugu Grammar’ ରବିପତି ଗୁରୁମୂର୍ତ୍ତି ଶାସ୍ତ୍ରୀଙ୍କ ‘ତେଲୁଗୁ ବ୍ୟାକରଣମୁ’ (୧୯୫୧), ଉଦିରାଜୁ କ୍ରିଷ୍ଣାମୂର୍ତ୍ତିଙ୍କ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷଣା ନିବନ୍ଧ ‘ତେଲୁଗୁ କ୍ରିୟା’ (୧୯୬୧), ଲକ୍ଷ୍ମୀ ନରସାୟା ମାଦାଲିଙ୍କ A short Grammar of the Telugu Language (୧୯୬୦), କେ. ମହାଦେବଶାସ୍ତ୍ରୀଙ୍କ ‘ତେଲୁଗୁ ସନ୍ଧି’ (୧୯୫୪), ପୌପିନାନି ନାଇଡୁଙ୍କ The Rudiments of Telugu Grammar (୧୯୬୮, ପଣ୍ଡିତିୟାମୁ ପଟ୍ଟାଭିରାମାଙ୍କ ‘ଆନ୍ଧ୍ର ବ୍ୟାକରଣମୁ’ (୧୯୫୧), ଏସ.ଏନ.ପେତ୍ରୁନିଚେଭାଙ୍କ ମସ୍କୋରୁ ପ୍ରକାଶିତ ‘Telugu Language’ (୧୯୬୦), ପଦଉରୀ ସୀତାରାମ ଶାସ୍ତ୍ରୀଙ୍କ ‘ବ୍ୟାକରଣମୁ’ (୧୯୫୧), ଟି.ଏମ. ଶାସ୍ତ୍ରୀ ଶେଷଗିରିଙ୍କ ‘Telugu philology’ (ତେଲୁଗୁ ଭାଷା ତତ୍ତ୍ୱ) ୧୯୪୯, ବେଦାମୁ ଭେଙ୍କଟବଦନୀଙ୍କ ‘ତେଲୁଗୁ ଲଘୁ ବ୍ୟାକରଣମୁ’ (୧୯୫୧), ଦିବାକାରିଆ ଭେଙ୍କଟାୟାଙ୍କ ତେଲୁଗୁ ପଦ ପ୍ରୟୋଗ ସୂଚିକା’ (୧୯୬୨) ଓ ସତ୍ୟନାରାୟଣନ୍ ବିଶ୍ୱନାଥଙ୍କ ‘ଆନ୍ଧ୍ରକ୍ରିୟା ସ୍ୱରୂପ ମଣିଦୀପିକା (୧୯୬୧) ଉଲ୍ଲେଖଯୋଗ୍ୟା ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ତେଲୁଗୁ ଭାଷାର ବ୍ୟାକରଣ ବହିଗୁଡ଼ିକ ଦେଖିଲେ ଦେଖିବା ଯେ କର୍ତ୍ତା, କ୍ରିୟା, କାଳ, ପୁରୁଷ, ବଚନ, ଅବ୍ୟ, ସନ୍ଧି, ପ୍ରତ୍ୟୟ ଆଦି ବ୍ୟାକରଣର ବହୁ ବିଷୟକୁ ଏ ସବୁଥିରେ ଆଲୋଚନା କରାଯାଇ ଦ୍ରାବିଡ଼ ଭାଷା ପରିବାରର ପ୍ରମୁଖ ସଦସ୍ୟ ତେଲୁଗୁ  ଭାଷାର ବ୍ୟାକରଣ କିଭଳି ସମୃଦ୍ଧ ତାହା ବୁଝାଇ ଦିଆଯାଇଛି । ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାର ସରକାରୀ ଭାଷା ସହ ପୁଦୁଚେରୀ ଓ ପଶ୍ଚିମବଙ୍ଗରେ ବି ସରକାରୀ ଭାଷାର ମାନ୍ୟତା ପାଇଥିବା ତେଲୁଗୁ, ଭାରତର ଆଂଚଳିକ ଭାଷାଭାଷୀଙ୍କ ସଂଖ୍ୟାଦୃଷ୍ଟିରୁ ୨୦୧୧ ଜନଗଣନା ଅନୁଯାୟୀ ଚତୁର୍ଥ ସ୍ଥାନରେ ଅଛି । ୧୯୮୫ ମସିହାରେ Epigraprical Society of Indiaର ସଭାପତି ଥିବା ବିଶ୍ୱବିଖ୍ୟାତ ଜାପାନୀ ଐତିହାସିକ ନୋବେରୁ କାରସିମାଙ୍କ ମତରେ ଆଦିଲାବାଦ, ନିଜମାବାଦ, ହାଇଦ୍ରାବାଦ, ଅନନ୍ତପୁର ଓ ଚିତ୍ତରରୁ ପ୍ରାୟ ଦଶ ହଜାରରୁ ଅଧିକ ଅଭିଲେଖ, ଶିଳଲେଖ ମିଳିଥିବା ତେଲୁଗୁ ଭାଷାର ପ୍ରାଚୀନତା ପ୍ରତ୍ନତତ୍ତ୍ୱରେ ପ୍ରମାଣିତ । ଏକଦା ତେଲୁଗୁ ଭାଷାର ବର୍ଣ୍ଣ ସଂଖ୍ୟା ଥିଲା ଛପନ । ତେବେ ଲିପି ସଂସ୍କାର ହେତୁ ଏହି ସଂଖ୍ୟା ଏବେ ବାଉନ । ତେଲୁଗୁରେ ବର୍ଣ୍ଣମାଳାକୁ ଅକ୍ଷର ମୁଲୁ କୁହାଯାଉଥିବାବେଳେ ସ୍ୱରବର୍ଣ୍ଣକୁ ଆଚୁଲୁ ଓ ବ୍ୟଞ୍ଜନବର୍ଣ୍ଣକୁ ହାଲୁଲୁ । ତେଲୁଗୁ ଭାଷାରେ ସ୍ୱରବର୍ଣ୍ଣ ସଂଖ୍ୟା ୧୮ ଓ ବ୍ୟଞ୍ଜନବର୍ଣ୍ଣ ସଂଖ୍ୟା ୩୯ । କର୍ଣ୍ଣାଟକ, ତାମିଲନାଡ୍ରୁ, ଓଡ଼ିଶା, ମହାରାଷ୍ଟ୍ର, ଛତିଶଗଡ଼ ଓ ପଶ୍ଚିମବଙ୍ଗ ଆଦି ଅନେକ ରାଜ୍ୟରେ ସଂଖ୍ୟାଲଘୁ ଭାଷାର ମାନ୍ୟତା ପାଇଥିବା ତେଲୁଗୁଭାଷା ଅବଶ୍ୟ ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, କାନାଡ଼ା, ନିଉଜିଲ୍ୟାଣ୍ଡ, ମାଲେସିଆ, ଦକ୍ଷିଣ ଆଫ୍ରିକା ଏପରିକି ସାଉଦୀ ଆରବରେ ଏକ ବହୁଳ ବ୍ୟବହୃତ ଭାଷା ଭାବେ ପରିଗଣିତ । ଏପରିକି ଓଡ଼ିଆ ଭାଷାକୁ ଶାସ୍ତ୍ରୀୟଭାଷାର ମାନ୍ୟତା ଦେବାର ଅନ୍ୟତମ ଉତ୍ସ ଶିଳାଲେଖ ଗୁଡ଼ିକରେ ପ୍ରାଚୀନ ଓଡ଼ିଆ ସହ ତେଲୁଗୁ ଭାଷାକୁ ଏକାଠି ଦେଖିବାକୁ ମିଳିଥାଏ ଯାହାକି ଉଭୟ ଭାଷା ମଧ୍ୟରେ ଥିବା ପ୍ରାଚୀନ ସଂପର୍କରେ ପ୍ରମାଣ ଦିଏ ।

# ଜାତୀୟ କବି-ସଂଗ୍ରାମୀ ବୀରକିଶୋର



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ,
କୁଜଙ୍ଗ, ଜଗତସିଂହପୁର
ମୋ-୯୯୩୭୬୯୧୪୭୫

ଦେଶ ପରାଧିନ, ଗୋରା ଶାସନର ଚାବୁକ ପ୍ରହାର ଖାଇ ମନୁଷ୍ୟ ବଂଚୁଥାଏ । ସମାଜର ବଡପଣ୍ଡାମାନଙ୍କ ହସ୍ତରେ ଶସନର ଡୋରୀ । ଡୋରୀକୁ ଧରି ବସିଥାଆନ୍ତି ନିଷ୍ଠୁର ଅର୍ଥ ଲୋଭି ବ୍ୟକ୍ତି । ପରଧନ ଆଉ ପର ସ୍ତ୍ରୀ ଥିଲା ସେମାନଙ୍କ ଲାଗି ସୁଖର ପସରା । ଇଂରେଜମାନଙ୍କର ଅନ୍ୟାୟ ଶାସନରେ ଲୋକମାନେ ଖୁବ୍ ଅତ୍ୟାଚାରିତ । ଏହି ସମୟରେ ହରିହରପୁର (ଜଗତସିଂହପୁର) ଦେଇ ବହି ଯାଉଥାଏ ଅଳକା ନଦୀ । ନିକଟରେ ଅଳକା ଆଶ୍ରମ, ପାଖାପାଖି ଗାଁ ପୁନଙ୍ଗ । ଏହି ଗାଁର ଗୋପାଳ ଚନ୍ଦ୍ର ଓ ପଦ୍ମାବତୀଙ୍କ କୋଳ ମଣ୍ଡନ କରି ୧୮୯୬ ମସିହା ନଭେମ୍ବର ମାସ ୨୩ ତାରିଖ ସୋମବାର ଦିନ ଜନ୍ମ ନେଲେ କବି ବୀରକିଶୋର । ପିତା ମାତାଙ୍କର ସେ ଥିଲେ ପ୍ରଥମ ସନ୍ତାନ ।

ଗାଁ ର ନରହରି ଦାସଙ୍କ ଠାରୁ ଅକ୍ଷର ଶିକ୍ଷା ଓ ଅନ୍ୟାନ୍ୟ ପାଠ ପଢି ଥିଲେ ବୀରକିଶୋର । ପିତା ଗୋପାଳ ଚନ୍ଦ୍ର ପୁଅକୁ ବଡ ମଣିଷ କରିବା ପାଇଁ କଟକର ଟାଉନ୍ ଭିକ୍ଟୋରିଆ ସ୍କୁଲରେ ନାମ ଲେଖାଇ ଦେଲେ । ପରବର୍ତ୍ତୀ କାଳରେ ସେ ସ୍କୁଲର ନାମ ‘ଭକ୍ତ ମଧୁ ବିଦ୍ୟାପୀଠ’ ନାମରେ ନାମିତ ହେଲା । ଭକ୍ତ ବକି ମଧୁସୂଦନ ରାଓ ସେ ସ୍କୁଲର ସେକ୍ରେଟାରୀ ଥିଲେ । ଭକ୍ତ କବି ବୀରକିଶୋରଙ୍କ ଚାଲିଚଳନ ଦେଖି କହିଥିଲେ, ସେ ଜଣେ ବଡ କବି ହେବ । ଟାଉନ୍ ଭିକ୍ଟୋରିଆରୁ ମାଟ୍ରିକ ପାସ କରି ବୀରକିଶୋର ରେଭେନ୍ସା କଲେଜରେ ପାଠ ପଢିଲେ । ମେସ୍‌ରେ କବି ନାରାୟଣ ମୋହନ ଦେ ଙ୍କ ଠାରୁ ଉତ୍ସାହ ପାଇ କବିତା ଲେଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଷୋଳ ବର୍ଷ ବୟସରେ ସେ ଦୁବଘାସ ଉପରେ କାକର ଟୋପାସବୁ ପଡୁଥିବା ଦେଖି କବିତା ରଚନା କରିଥିଲେ । ମହାତ୍ମାଗାନ୍ଧି ଆଫ୍ରିକାରୁ ଆସି ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଉଥାନ୍ତି । କଲେଜରେ ପଢୁଥିବା ବୀରକିଶୋରଙ୍କ ମନ ପରାଧିନ ଭାରତ ବର୍ଷ ପାଇଁ ଛଟପଟ ହେଉଥାଏ । ଜମିଦାରୀ ହରାଇଥିବା ବାପାଙ୍କର ଇଚ୍ଛା ପୁଅ ବଡ ଋକିର କରିବ । ପିତାଙ୍କର ଆର୍ଥିକ ଅବସ୍ଥା ଖରାପ ଦେଖି ବୀରକିଶୋର ପି.ଡବ୍ଲ୍ୟୁ.ଡି ରେ ମାସିକ ୫୫ଟଙ୍କା ଦରମାରେ ଋକିରି କଲେ । ତାଙ୍କର ସାନ ଭାଇ ବାନାମ୍ବର ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେଇ ସାରିଥାନ୍ତି । ସେ ସମୟରେ ଯେଉଁ ଛାତ୍ରମାନେ ଆନ୍ଦୋଳନରେ ମିଶୁ ଥାଆନ୍ତି,ସେମାନଙ୍କୁ ‘ବାନରସେନା’ କୁହାଯାଏ । ଗୋରା ସେନାପତି ଡାୟାରଙ୍କ ନିର୍ଦ୍ଦୟ ଆଚରଣ ଓ ଜାଲିୱାନାବାଗ ହତ୍ୟା କାଣ୍ଡ ବୀରକିଶୋରଙ୍କ ମନରେ ଗଭୀର ଆଘାତ ଦେଲା । ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେବା ପାଇଁ ବୀରକିଶୋରଙ୍କ ଆଗ୍ରହ ତାଙ୍କୁ ଜାତୀୟ କବିତା ଲେଖିବାକୁ  ବାଧ୍ୟ କରିଥିଲା । ତାଙ୍କର ଏହି କବିତା ଗୁଡିକ କଟକର ‘ମୁକୁର ପ୍ରେସ’ ରେ ‘ମୋହନବଂଶୀ’ ନାମରେ ପ୍ରକାଶ ପାଇଲା । ବହିଟିର ଲେଖକ ଓ ପ୍ରକାଶକ ଛଦ୍ମନାମ ବାନାମ୍ବର ଓ ମୁଦ୍ରାକର ବି.ଏସ୍.ଦାସ ବୋଲି ରହିଲା । ତିନିଅଣା ଦାମ ବହିଟି ମଧୁସୂଦନ ଦାସଙ୍କୁ ଉତ୍ସର୍ଗ କରାଗଲା । ସରକାରଙ୍କ ହୁକୁମ ଜାରି ପୂର୍ବରୁ ବହିତକ ବିକ୍ରି ହୋଇଯାଇଥିଲା । ୧୯୨୨ ମସିହାରେ ବୀରକିଶୋର ଚାକିରିରୁ ଇସ୍ତଫା ଦେଇଥିଲେ । ଇସ୍ତଫା ପତ୍ରରେ ଲେଖିଲେ ‘ଏ ଦୁର୍ବଳ ଅତ୍ୟାଚାରୀ ସରକାର ଅଧୀନରେ ମୁଁ ଆଉ ଚାକିରି ଚାହେଁନା’ ମୁଁ ଯଦି ବଂଚିଥାଏ, ସ୍ୱାଧୀନ ସରକାର ଗଢାହେଲେ କିଛିଦିନ ଚାକିରି କରିବି ।

ବୀରକିଶୋର ସରକାରୀ ଚାକିରି ଛାଡିବାର ଅଳ୍ପ କେତେ ଦିନ ପରେ ନୋଦା ଅଂଚଳର ଜମିଦାର ଧର୍ମାନନ୍ଦ ପଟ୍ଟନାୟକଙ୍କ ଝିଅ ଶାରଦା ଦେବୀଙ୍କୁ ବିବାହ କରିଥିଲେ । ବିବାହ ପରେ ବୀରକିଶୋର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ । ବାନରସେନାଙ୍କ ମନୋବଳ ବଢାଇବା ପାଇଁ ବୀରକିଶୋର ବିଭିନ୍ନ ଗୀତ ଲେଖୁଥିଲେ । ବୀରକିଶୋରଙ୍କ ରଚିତ ଗୀତ ଗୁଡିକ ବିଭିନ୍ନ ସଭା, ସମିତିରେ ଗାୟନ କରାଗଲା ଓ ବାନର ସେନାମାନେ ତାଙ୍କ ଗୀତ ଗାଇ ଗାଇ ଗାଁ ଗହଳିରେ ବୁଲିଲେ-

ସାଜିଲେ ପିଲାଏ ବାନରସେନା
ବାହାରିଲେ ଧରି ତ୍ରିରଙ୍ଗାବାନା
ଖାଇଲେ ଗୋଇଠା ବେତ ପାହାର
ଦେଖିଲେ ସହିବ ଛାତି କାହାର
ଗୋରା ସରକାର ବନ୍ଧୁକ ଗୁଳି
କବିତା ଶକତି ତା’ ଠାରୁ ବଳି ।।

୧୯୩୦ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ‘ଆଇନଅମାନ୍ୟ’ ଆନ୍ଦୋଳନ ବା ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଗଲା । ଗାନ୍ଧିଜୀ ଦାଣ୍ଡି ଯାତ୍ରା କଲେ । ସତ୍ୟାଗ୍ରହୀ ମାନେ ଓଡିଶାରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ କାଠଯୋଡି ନଇ କୂଳରୁ ଇଞ୍ଚୁଡି ବାହାରିଲେ । ବୀରକିଶୋରଙ୍କ ରଚିତ ‘ଦରିଆ ଦଖଲ କରିଯିବ କିଏ ଆସ’ ଗୀତ ବୋଲି ବୋଲି ସତ୍ୟାଗ୍ରହୀ ମାନେ ଚାଲିଲେ । ସରକାରଙ୍କ ଅତ୍ୟାଚାରକୁ ଖାତିର ନକରି ସତ୍ୟାଗ୍ରହୀ ମାନେ ସମୁଦ୍ରରୁ ଲୁଣ ମରା କାର୍ଯ୍ୟ ଆରମ୍ଭ କରିଦେଲେ । ଏହି ସମୟରେ ବୀରକିଶୋର ଯେଉଁ ସବୁ ଗୀତ ଲେଖିଲେ, ତାହାକୁ ଏକ ବାର ପୃଷ୍ଠାର ବହିଟି ‘ରଣଦୁନ୍ଦୁଭି’ ନାମରେ ପ୍ରକାଶ କଲେ । ଛଦ୍ମନାମରେ ପ୍ରେସର ନାମ ରହିଲା ‘ରେଙ୍ଗୁନ୍ ବିପ୍ଲବୀ ପ୍ରେସ୍’ ମୁଦ୍ରକ ଇୟାଂପୁଙ୍ଗୀ ଓ ପ୍ରକାଶକ ‘କାମଦେବ’ । ବହିଟିର ଦାମ୍ ଥିଲା ଏକ ଅଣା । ଏହି ବହିଟି ଲେଖିବା ଯୋଗୁ ବୀରକିଶୋର ରାଜଦ୍ରୋହ ଅପରାଧରେ ଜେଲଦଣ୍ଡ ଭୋଗକଲେ । ଲବଣ ସତ୍ୟାଗ୍ରହରେ ଅନେକ ଲୋକ ଗିରଫ୍ ହେଲେ । ଆନ୍ଦୋଳନ ବଢିବାରେ ଲାଗିଲା । ବ୍ରିଟିଶ ସରକାର ଗୋଲଟେବୁଲ ବୈଠକରେ ଯୋଗ ଦେବାକୁ ମହାତ୍ମା ଗାନ୍ଧିଙ୍କୁ ଆମନ୍ତ୍ରଣ କଲେ । ଏହି ସମୟରେ ବୀରକିଶୋର ‘ରଣ ଭେରୀ’ ନାମରେ ପାଞ୍ଚ ପୃଷ୍ଠାର ବହିଟିଏ ଲେଖିଲେ । ଯାହାର ଦାମ୍ ଥିଲା ମାତ୍ର ପଇସାଏ । ଗୀତ ଲେଖି ବୀରକିଶୋର ସାତବର୍ଷ ଜେଲ ଦଣ୍ଡ ଭୋଗକଲେ । ତାଙ୍କର ଘର ସତର ଥର ଖାନ୍ ତଲାସ ହୋଇଥିଲା ।

ବ୍ରହ୍ମପୁର କେନ୍ଦ୍ରୀୟ ଜେଲ ଭିତରେ ବୀରକିଶୋର ଥିବା ସମୟରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବାକୁ ନେଇ ଲାଠି ମାଡରେ ପ୍ରାୟ ଅଶି ଜଣ ବନ୍ଦୀ ଓ ବୀରକିଶୋର ଆହତ ହୋଇଥିଲେ । ୧୯୪୩ ମସିହା ମାର୍ଚ୍ଚ ମାସ ଅଣତିରିଶ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲ ଭିତରେ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା । ଏହି ଘଟଣାରେ ବୀରକିଶୋର ଦୁଃଖରେ ଯେଉଁ ଗୀତଟିଏ ଲେଖି ବୋଲି ଦେଲେ, ତାହା ଶୁଣି ସବୁ ବନ୍ଦୀମାନେ ଭୋ ଭୋ କାନ୍ଦି ଉଠିଲେ । ସେମାନଙ୍କ ମନରେ ଆଶଙ୍କା ହେଲା ଆଉ କ’ଣ ଦେଶ ସ୍ୱାଧୀନ ହେବ ନାହିଁ । ବୀରକିଶୋର ମନର ଭାବନାରୁ ଚପାଇ ବନ୍ଦୀମାନଙ୍କ ମନରେ ନୂତନ ସାହସ, ଆଶା ଓ ଭାବନା ସୃଷ୍ଟି କରୁଥିଲେ ।

ବୀରବାବୁ ଜେଲ ଭିତରେ ‘ବୈଜୟନ୍ତୀ’ ନାଁରେ ଗୋଟିଏ ହାତଲେଖା ପତ୍ରିକା ସଂପାଦନା କରୁଥିଲେ । ଏହି କାର୍ଯ୍ୟରେ ସାହାଯ୍ୟ କରୁଥିଲେ ବୈକୁଣ୍ଠ ନାଥ ମହାନ୍ତି, ବିଶ୍ୱମ୍ବର ପରିଡା, ରାମପ୍ରସାଦ ମହାନ୍ତି ଓ ଅନେକ ଯୁବ ବନ୍ଦୀ । ସ୍ୱାଧୀନତାର ବାର୍ତ୍ତା ପ୍ରଚାର ପାଇଁ ସେ କିଛିଦିନ ପ୍ରଜାତନ୍ତ୍ର ପତ୍ରିକାର ପ୍ରକାଶକ ହୋଇଥିଲେ । ଜେଲରୁ ଫେରି ବୀରକିଶୋର ଯେତେ ଗୁଡିଏ ପତ୍ର ପତ୍ରିକା ପିଲାମାନଙ୍କ ପାଇଁ ପ୍ରକାଶ କରୁଥିଲେ ସେଥି ମଧ୍ୟରୁ ‘ମୋ ଦେଶ’ ପତ୍ରିକା ଥିଲା ଅନ୍ୟତମ । ବୀରବାବୁଙ୍କର ସରଳତାର ସୁଯୋଗ ନେଇ ଯିଏ ଯାହା ଖାଇଗଲେ । ଶେଷରେ ‘ମୋ ଦେଶ’ ପ୍ରେସ୍ ନିଲାମ ହୋଇଗଲା । ସେ ଜୀବନର ଶେଷ ପର୍ଯ୍ୟନ୍ତ ଋଣ ମୁକ୍ତ ହୋଇ ପାରିନଥିଲେ । ପାଠ୍ୟ ପୁସ୍ତକର ଯେତେବେଳେ ଜାତୀୟ କରଣ କରାଗଲା ବୀରକିଶୋର ସେ କମିଟିର ସଂପାଦକ ଥିଲେ । ତାଙ୍କ ଉଦ୍ୟମରେ ମୋ ଛବି ବହି ଓ ନୂଆ ଛବି ବହି ପ୍ରକାଶ ପାଇଥିଲା ।

୧୯୪୬ ମସିହାରେ କଟକ ଜିଲ୍ଲା ବୋର୍ଡକୁ ସଭ୍ୟ ଭାବରେ ସେ ଜଗତ୍‌ସିଂହପୁରରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ପରେ ସେ କଟକ ଜିଲ୍ଲା ଲୋକାଲ ବୋର୍ଡର ଭାଇସ୍ ଚେୟାର ମ୍ୟାନ ଓ ଚେୟାରମ୍ୟାନ ହୋଇଥିଲେ । ବୀରବାବୁ କଂଗ୍ରେସ ଦଳର ପ୍ରାର୍ଥୀ ଭାବେ ଉପ-ନିର୍ବାଚନରେ ଜଗତ୍‌ସିଂହପୁର ଆସନରୁ ନିର୍ବାଚିତ ହୋଇ, ୧୯୫୯ ମସିହା ଫେବୃଆରୀ ମାସ ୨୫ ତାରିଖରେ ବିଧାନ ସଭାର ସଭ୍ୟ ଭାବରେ ଶପଥ ଗ୍ରହଣ କରିଥିଲେ ।

ଜାତୀୟ କବି ବୀରକିଶୋର ସ୍ୱାଧୀନ ଭାରତ ବିଷୟରେ ଅନେକ ସ୍ୱପ୍ନ ଦେଖିଥିଲେ । ତାଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଗଲା । ଆଧୁନିକ ବାବୁମାନଙ୍କୁ ଦେଖି ସେ ଲେଖିଥିଲେ-

‘ବାବୁ ନ ଚିହ୍ନିବ ଛତା ଯୋତାରୁ
ସାଧୁ ନ ଚିହ୍ନିବ ଗୋଲି ଚିତାରୁ
ନେତା ନ ଚିହ୍ନିବ ଖାଲି କଥାରୁ
ଥରେ ବୁଲି ଆସ କଲିକତାରୁ’

ମହାନ୍ ଜାତିୟ କବି ବୀରକିଶୋର ଯାହା ପାଇଛନ୍ତି, ଅନ୍ୟକୁ ଦାନ କରିଦେଇଛନ୍ତି ।  ଆର୍ଥିକ ଦୁଃସ୍ଥିତିରେ ପଡି ସେ କେବେ କାହା ପାଖରେ ହାତ ପତେଇ ନାହାଁନ୍ତି । ସେ ଦେଶର ସେବା ଓ ମାନବ ସେବାକୁ ମାଧବ ସେବା ବୋଲି ବିଶ୍ୱାସ ରଖି କାର୍ଯ୍ୟ କରି ଯାଇଛନ୍ତି । ୧୯୭୩ ମସିହା ଅପ୍ରେଲ ମାସ ୨୮ ତାରିଖ ରେ ସେ ଏହି ଧରାଧାମରୁ ବିଦାୟ ନେଲେ ଅମର ଧାମକୁ । ଆଜି ଲୋକଙ୍କ ମନ ହୃଦୟରେ ସେ ପ୍ରତିଧ୍ୱନିତ ହେଉଛନ୍ତି ଓ ହେଉଥିବେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୬୧


ନିତ୍ୟାନନ୍ଦ ପଣ୍ଡା

## ଦୁର୍ଯ୍ୟୋଧନ ଅପମାନିତ ହେଲେ-୧

ହସ୍ତିନାପୁରର ବ୍ରାହ୍ମଣମାନେ ଯୁଧିଷ୍ଠିରଙ୍କୁ ଭେଟିବାକୁ ଅରଣ୍ୟକୁ ଯାଉଥିଲେ । ଏବଂ ଫେରି ଧୃତରାଷ୍ଟ୍ରଙ୍କୁ ଶୁଣାଉଥିଲେ, ପାଣ୍ଡବମାନେ କିପରି ଯାତନା ଭୋଗ କରୁଛନ୍ତି । ଧୃତରାଷ୍ଟ୍ର ଶୁଣୁଥିଲେ ଓ ଦୁଃଖ ପ୍ରକାଶ କରୁଥିଲେ । ମନ ମଧ୍ୟରେ ଭାବୁଥିଲେ - କେତେ ବଡ଼ ଅନ୍ୟାୟ ହୋଇଗଲା ! ଦୁର୍ଯ୍ୟୋଧନ କପଟ କରି ସେମାନଙ୍କୁ ଦେଶାନ୍ତରୀ କରିଦେଲା ! ଭୀମ ଓ ଅର୍ଜୁନ ଫେରିଲେ ଦୁର୍ଯ୍ୟୋଧନ ପ୍ରତି ନିଶ୍ଚିତ ବିପଦ ରହିଛି । କ'ଣ କରାଯିବ !

ଅର୍ଜୁନ ସ୍ୱର୍ଗରାଜ୍ୟରୁ ଫେରିଆସିଛି ! ସ୍ୱର୍ଗୀୟ ଅସ୍ତ୍ରରେ ସେ ବର୍ତ୍ତମାନ ବଳୀୟାନ । ଦୁର୍ଯ୍ୟୋଧନ ତାକୁ ସମ୍ମୁଖୀନ ହୋଇପାରିବ ନାହିଁ । ଏଇପରି ଆଶା ଆଶଙ୍କା ମଧ୍ୟରେ ସମୟ ବିତୁଥିଲା ଧୃତରାଷ୍ଟ୍ରଙ୍କର ।

ଅନ୍ୟପକ୍ଷରେ ଦୁର୍ଯ୍ୟୋଧନ, କର୍ଣ୍ଣ ଓ ଶକୁନି ସମୟାନ୍ତରେ ଶୁଣୁଥିଲେ ପାଣ୍ଡବମାନଙ୍କର ଦୁଃଖର କାହାଣୀ । ସେମାନେ ଖୁସିରେ ବିସ୍ତରିଯାଉଥିଲେ । ଦିନେ ଦୁର୍ଯ୍ୟୋଧନ କହିଲେ କର୍ଣ୍ଣଙ୍କୁ - ଆମର କପଟ ଯୋଗୁଁ ପାଣ୍ଡବମାନେ କଦର୍ଥନା ଭୋଗୁଛନ୍ତି । କିନ୍ତୁ ଆମେ ତ ଦେଖିଲେ ନାହିଁ କିପରି କଦର୍ଥନା ସେମାନେ ଭୋଗୁଛନ୍ତି ? ଆଖିରେ ଦେଖିଲେ ଆଉରି ଖୁସି ହୁଅନ୍ତି । କିନ୍ତୁ ପିତା ଧୃତରାଷ୍ଟ୍ର କ'ଣ ଅନୁମତି ଦେବେ ଅରଣ୍ୟକୁ ଯିବାକୁ ? ଆଖିରେ ଦେଖିବିନାହିଁ ତ ଲାଭ କ'ଣ ହେଲା ?

କର୍ଣ୍ଣ କହିଲେ - ଗୋଟେ କାମ କରିବା ! ପାଣ୍ଡବମାନେ ବର୍ତ୍ତମାନ ଦ୍ୱୈତବନରେ ଅବସ୍ଥାନ କରୁଛନ୍ତି । ଦ୍ୱୈତବନ ଆମ ରାଜ୍ୟର ଅନ୍ତର୍ଭୁକ୍ତ । ତୁମେ ରାଜାଙ୍କୁ କୁହ - ଆମେ ଦ୍ୱୈତବନ ଯିବୁ ଓ ଗୋସଂପଦ ଗଣନା କରିବା ସହ ସେମାନଙ୍କର ରକ୍ଷାଣାବେକ୍ଷଣ ସମ୍ବନ୍ଧରେ ବୁଝାସୁଝା କରିବୁ । ଭାବୁଚି, ରାଜା ଅମଙ୍ଗ ହେବେନାହିଁ ।

ଏମନ୍ତ ପରାମର୍ଶ ଦୁର୍ଯ୍ୟୋଧନ ଓ ଶକୁନିଙ୍କର ମନକୁ ଗଲା ।

ଧୃତରାଷ୍ଟ୍ର ଶୁଣିଲେ । ପ୍ରସ୍ତାବ ମନ୍ଦ ନୁହଁ । ଶିକାର କରିବା ଯେମିତି ରାଜକୁମାର ମାନଙ୍କର କର୍ତ୍ତବ୍ୟ, ଗୋପସଂପଦର ରକ୍ଷଣାବେକ୍ଷଣ କରିବା ସେମିତି କର୍ତ୍ତବ୍ୟ । କିନ୍ତୁ ଦ୍ୱୈତବନରେ ଏବେ ପାଣ୍ଡବମାନେ ରହୁଛନ୍ତି । ଯଦି ସେମାନଙ୍କ ସହ ଦେଖାହୁଏ ! ନା, ବିପଦ !



ଏହି ଆଶଙ୍କା ସେ ପ୍ରକାଶକଲେ ।

ଶକୁନି କହିଲେ - ଆମେ ବହୁତ ଦୂରରେ ରହିବୁ । ଯେମିତି ସେମାନେ ଜାଣିନପାରିବେ ।

ଧୃତରାଷ୍ଟ୍ର ଅନୁମତି ଦେଲେ ।

ଅନୁମତି ପାଇବା ପରେ ଏକ ବିଶାଳ ସେନା ସହ ଦୁର୍ଯ୍ୟୋଧନ ଦ୍ୱୈତବନ ସକାଶେ ବାହାରହେଲେ । ଖୁବ୍ ଜାକଜମକରେ ଅନୁଗତ ବନ୍ଧୁଙ୍କ ସହ ଯାତ୍ରା ଆରମ୍ଭ କଲେ । ଗୋସମ୍ପଦ ଗଣନା ନାମକୁମାତ୍ର, ସତ ହେଉଛି ଦୁଃଖ ଅବସ୍ଥାରେ ଶତ୍ରୁ ପାଣ୍ଡବମାନଙ୍କୁ ଦେଖିବା ।

ପାଣ୍ଡବମାନେ ଯେଉଁଠି ଆଶ୍ରମ ତୋଳି ରହୁଥିଲେ, ସେଠୁ ଦୁଇକୋଶ ଦୂରରେ ସୁନ୍ଦର ବିଶ୍ରାମଗୃହ ନିର୍ମାଣକରି ଦୁର୍ଯ୍ୟୋଧନ ଓ ସାଥୀମାନେ ରହିଲେ ।

ଗାଈ, ଷଣ୍ଢ ଓ ବାଛୁରୀ ମାନଙ୍କୁ ଗଣନା କରିସାରିବା ପରେ, ଦୁର୍ଯ୍ୟୋଧନ ପ୍ରଭୃତି ଶିକାରରେ ମନଦେଲେ । ରାତିରେ ନାଚ ଅନୁଷ୍ଠାନ କରି ଉପଭୋଗ କଲେ ।

ଶିକାର ସରିବା ପରେ ସେମାନେ ଏକ ଆକର୍ଷଣୀୟ ସ୍ଥାନ ଚିହ୍ନଟ କଲେ, ଯାହା ପାଣ୍ଡବମାନଙ୍କ ଆଶ୍ରମର ନିକଟବର୍ତ୍ତୀ । ଗୋଟିଏ ବିରାଟ ପ୍ରାକୃତିକ ପୋଖରୀ ଦେଖିଲେ, ଯାହାର କୂଳରେ ବିଶ୍ରାମଗୃହ ନିର୍ମାଣ କରିବାକୁ ଦୁର୍ଯ୍ୟୋଧନ ଆଦେଶ ଦେଲେ । ବହୁ ପୂର୍ବରୁ ଗନ୍ଧର୍ବମାନଙ୍କର ରାଜା ଚିତ୍ରସେନ ଓ ତାଙ୍କର ଅନୁଚରଗଣ ସେହି ପୋଖରୀର ଆଖପାଖରେ ରହୁଥିଲେ । ଦୁର୍ଯ୍ୟୋଧନଙ୍କର ଅନୁଚର ସେଠାରେ ବିଶ୍ରାମଗୃହ ନିର୍ମାଣ କରୁଥିବା ଦେଖି, ଗନ୍ଧର୍ବମାନେ ସେମାନଙ୍କୁ ବାରଣକଲେ । ବାଧହୋଇ ସେମାନେ ଫେରିଆସିଲେ ଓ ଦୁର୍ଯ୍ୟୋଧନଙ୍କୁ ଖବରଦେଲେ ।

"ତୁମେ ଜୋର୍‌କରି ସେଠାରେ ବିଶ୍ରାମଗୃହ ନିର୍ମାଣକର ।" - ଆଦେଶ ଦେଲେ ଦୁର୍ଯ୍ୟୋଧନ ।

କିନ୍ତୁ ଗନ୍ଧର୍ବମାନଙ୍କର ସଂଖ୍ୟା ଅଧିକଥିଲା । ଫଳତଃ ଦୁର୍ଯ୍ୟୋଧନଙ୍କ ଅନୁଚରଗଣ ପୁନରାୟ ଫେରିଆସିଲେ ।

ଏତେ ସାହସ ! କିଏ ସେମାନେ !

"ଆକ୍ରମଣ କର ସେମାନଙ୍କୁ ।" - ଦୁର୍ଯ୍ୟୋଧନ ଆଦେଶ ଦେଲେ ।

ଆରମ୍ଭ ହୋଇଗଲା ଯୁଦ୍ଧ, ଗନ୍ଧର୍ବ ଓ କୌରବମାନଙ୍କ ମଧ୍ୟରେ । ରାଜା ଚିତ୍ରସେନ ନିଜେ ଯୁଦ୍ଧରେ ସାମିଲ୍‌ଥିଲା । ଗନ୍ଧର୍ବମାନେ ଯାଦୁ ବିଦ୍ୟାରେ ପାରଙ୍ଗମ । ସେମାନେ ଯାଦୁ-ଅସ୍ତ୍ର ପ୍ରୟୋଗ କରି କୌରବମାନଙ୍କର ବିଶାଳ ସେନାକୁ ପରାସ୍ତକଲେ । କର୍ଣ୍ଣ ଓ ଅନ୍ୟ କୌରବମାନଙ୍କର ରଥ ଭାଙ୍ଗିଗଲା । ସେମାନେ ଡରି ମରି ନିରାପଦ ସ୍ଥାନକୁ ଫେରିଗଲେ । ପଛରେ ରହିଯାଇଥିଲେ ଦୁର୍ଯ୍ୟୋଧନ । ଗନ୍ଧର୍ବମାନେ ଦୁର୍ଯ୍ୟୋଧନର ହାତଗୋଡ଼ ବାନ୍ଧି ସାଥିରେ ନେଇଗଲେ । (**କ୍ରମଶଃ ...**)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



## ମାର୍ଗଶୀର ମାସ ଗୁରୁବାର

*କୀର୍ତ୍ତନ ସାହୁ*

ମାର୍ଗଶୀର ଗୁରୁବାରରେ
ମାଆ ସକାଳୁ ଉଠି
ଗାଧୋଇ କାମରେ ଲାଗନ୍ତି
ଟିକେ ନାହିଁ ତ ଛୁଟି ।

ଘର ସାରା ଝୋଟି ପକାନ୍ତି
କେଡ଼େ ଯତନ କରି
ପିଠା ପଣା କରି ଭୁଞ୍ଜାନ୍ତି
ହୃଦେ ଆନନ୍ଦ ଭରି ।

ମାଆ ମହାଲକ୍ଷ୍ମୀ ପୂଜନ୍ତି
ଅତି ଆଗ୍ରହ ଭରେ
ଧୂପ ଝୁଣା ବାସ ମହକେ
ସ୍ନେହ ଶରଧା ଝରେ ।

ଦୁଃଖୀ ଦରିଦ୍ରଙ୍କୁ ଦୁଆରୁ
ମାଆ ଫେରାନ୍ତି ନାହିଁ
ଘରେ ବସାଇ ଖାଇବାକୁ
ଆଦରେ ଦେଇ ଥାଇ ।

ପରିଷ୍କାର ପରିଚ୍ଛନ୍ନତା
ଥାଏ ଘରକୁ ଘେରି
ଯିଏ ବି ଆସିଲେ ଘରକୁ
ଥରେ ଚାହାଁନ୍ତି ଫେରି ।

ମାର୍ଗଶୀର ଗୁରୁବାରରେ
ମନ ଖୁସିଟି ରହେ
ପରସ୍ପର ମଧ୍ୟେ ଆଦର
ସୁଖ ମଳୟ ବହେ ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

## ଆଜି ମଗୁଶୁର ପୂଣ୍ୟ ଗୁରୁବାର....

*ରାମଚନ୍ଦ୍ର ବେହେରା*

ଆଜି ମଗୁଶୁର ପୂଣ୍ୟ ଗୁରୁବାର
ଆସିବେ ମାତା କମଳା
ନଗର ବୁଲିବେ ଗୃହେ ବିରାଜିବେ
ପିନ୍ଧିବେ କୁସୁମ ମାଳା
ଜାତିଭେଦ ରଖି ଦୂରେ
ଲିପାପୋଛା ଦେଖି ସ୍ୱଚ୍ଛତା ପରଖି
ପ୍ରବେଶିବେ ଘରେ ଘରେ ।
ଝୋଟି ଚିତା ପରେ ପାଦ ଥାପିଥାପି
ହେବ ମାତା ଆଗମନୀ
ପୁଷ୍ପେ ସୁଶୋଭିତ ମାଣ ଖଟୁଲିରେ
ବସିବେ ମା'କମଳିନୀ
ଶଙ୍ଖ ହୁଳହୁଳି ସ୍ୱନେ
ଧୂପ ନୈବେଦ୍ୟରେ ପୂଜିବେ ଗୃହିଣୀ
ମାତାଙ୍କୁ ହରଷ ମନେ ।
ମଣ୍ଡାପିଠା ଖିରି ଛେନାପଣା ଆଦି
ପ୍ରସାଦର ରୂପ ନେବ
ବିଧି ଅନୁଯାୟୀ ପ୍ରଭାତ ମଧ୍ୟାହ୍ନ
ସନ୍ଧ୍ୟାକାଳ ନୀତି ହେବ
ମାଣ ରୂପେ ମାତା ବସି
ଭକ୍ତିଭାବ ଦେଖି ଆଶିଷ ଢାଳିବେ
ମୁରୁକି ମୁରୁକି ହସି ।
ପରବରେ ସାର ଆମ ମାଣବସା
କେହି ନୁହେଁ ତା'ର ସରି
ସତ୍ୟନିଷ୍ଠ ଚିତ୍ତେ ଯେ'ଡାକେ ମାତାଙ୍କୁ
ଦୁଃଖ ଯାଏ ଅପସରି
ଆସ ଏ ପବିତ୍ର ଦିନେ
ମାତାଙ୍କ ଚରଣେ ଦୀପଟିଏ ଜାଳି
ପ୍ରଣତି କରିବା ଧ୍ୟାନେ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



## ମାସ ମଗୁଶୁର ସରସ ସୁନ୍ଦର

*ପ୍ରଶାନ୍ତ କୁମାର ଦାଶ*

ମାସ ମଗୁଶୁର ସରସ ସୁନ୍ଦର
ଦୁଃଖ ହୋଇଯାଏ ଦୂର
ମାଆ ମହାଲକ୍ଷ୍ମୀ ପାଇେବତ ପୂଜା
ସାଜ ସଜା ପଲ୍ଲୀ ପୁର ।।
ବୋଉ ରାତିଥାଇ ନିଦରୁ ଉଠଇ
ଲିପି ପୋଛିଦିଏ ଘର
ଅଳସ ନଥାଏ ବୋଉର ଦେହରେ
ନଥାଏ ଶୀତକୁ ଡର ।।
ବୋଉର ଗୋଇଠି ଫାଟିତ ଯାଇଛି
ଲୁଗାରେ ଲୁଚାଏ ପାଦ
ଟିକିଏ ମଲମ ମାରିପାରେନା ସେ
ନଥାଏ ତାମନେ ଖେଦ ।।
ଝୋଟି ଚିତା ଆଙ୍କେ ଦିଅଁଘରେବସି
ବୋଉ ପିନ୍ଧି ସଫା ଶାଢ଼ି
ଗୁରୁବାର ହେଲେ ଘିଅ ଅନ୍ନ କରି
ମାଆଙ୍କୁ ପୂଜଇ ବାଢ଼ି ।।
ଦେଖି ବୋଉ ଭକ୍ତି ଦିଅଁପୂଜା କାମ
ଲାଗେ ସତେ ବୋଉ ଦେବୀ
ସାରା ପରିବାର ପାଇଁ ମାଗେ ସୁଖ
ଦେବ ଦେବୀ ପାଦସେବି ।।
ଫୁଲରେ ସଜେଇ ଶୀତ ତାର ଗଭା
ସହର ଗାଆଁରେ ନାଚେ
ପରବ ଯାତ ଓ ମେଳା ମଉଛବ
ମେଳଣର ସୁଖ ରଚେ ।।
ମଗୁଶୁର ମାସେ ଲକ୍ଷ୍ମୀଙ୍କୁ ପୂଜିଲେ
ପୂରିବ ଚାଷୀର ଖଳା
ଗୀତ ଗାଇ ଗାଇ କାଟିସେ ଆଣିବ
କ୍ଷେତୁ ତାର ଧାନହଳା ।।

*କୁଞ୍ଜର-ସଙ୍ଗଲାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*



## ମାର୍ଗଶୀର ଗୁରୁବାର...

*ଗୋପୀନାଥ ଦାଶ*

ମାର୍ଗଶୀର ମାସ ଗୁରୁବାର ଦିନ
ମାଁ କମଳାଙ୍କ ଦିନ
ପୁର ପଲ୍ଲୀରେ ଉତ୍କଣ୍ଠା ବଢ଼ିଛି
ଲକ୍ଷ୍ମୀଙ୍କୁ କରିବେ ଆବହନ ।
ବୁଧବାର ରାତି ଚାଉଳ ବଟାରେ
ଝୋଟି ଓ ଚିତା ଲାଗିଛି
ଘର ଓ ଅଗଣା ସୁନ୍ଦର ଲାଗୁଛି
ନୂଆଁ ପୁଲକ ଭରିଛି ।
ନାନା ରକମର ପିଠା ମଣ୍ଡା ଆଉ
ଅନ୍ନ ପୂରି ଖିରି ତରକାରୀ
ନଡ଼ିଆ କଦଳୀ କେତେ ଯେ ଫଳ
ଘେନିବ ପଦ୍ମସୁନ୍ଦରୀ ।
ବିଭିନ୍ନ ପ୍ରକାର ଫୁଲରେ ହୋଇଛି
ସୁନ୍ଦର ଫୁଲର ମାଳ
ଧୂପ ଦୀପ ବାସ ଚରଣେ ବନ୍ଦଉ
ଦେବ ଗୋ ଉତ୍ତମ ଫଳ ।
ମାଣଟିଏ କରି ଧାନକୁ ଯେ ଭରି
ଭକ୍ତିରେ ପଦ୍ମା ସୁମରି
ସୁଖ ଓ ସମୃଦ୍ଧି କାମନାକୁ ବହି
ଅନ୍ତରୁ କରୁଗୁହାରି ।

*ବରପାଲିପଡା, ବଲାଙ୍ଗିର*
*ମୋ-୬୩୭୧୮୦୫୦୭୦*

## ମାସ ମାର୍ଗଶୀର ଶୁଭ ଗୁରୁବାର

*ପ୍ରଫୁଲ୍ଲ କୁମାର ସାହୁ*

ମାସ ମାର୍ଗଶୀର ଶୁଭ ଗୁରୁବାର
ଅଟଇ ପବିତ୍ର ଦିନ,
ପ୍ରତି ହିନ୍ଦୁ ଘରେ ହୁଏ ମାଣ ବସା
ଏ ପୂଜାରେ ମିଳେ ପୁଣ୍ୟ ।୧।

ଲିପା ପୋଛା କରି ନିଜ ଘର ଦ୍ୱାର
ଦୁଆରେ ପକାଇ ଝୋଟି,
ପୂଜା ପାଇଁ ମାଆ ଯୋଗାଡ଼ କରନ୍ତି
ରାତି ନ ପାହୁଣୁ ଉଠି ।୨।

ମାଣ ଖଟୁଲିରେ ବେତ ଗଉଣିରେ
ନୂଆ ଧାନ ଭରି ଦେଇ,
ସୋରିଷ ଫୁଲରେ ସଜାନ୍ତି ଖଟୁଲି
ମୂଳା ଆଖୁ ଖଣ୍ଡ ଥୋଇ ।୩।

ମାଣରେ ଘୋଡ଼ାଇ ଛିଟ ନୂଆ ଲୁଗା
ଗେଣ୍ଡୁରେ ସଜାଇ ଘର,
ମା' ଲକ୍ଷ୍ମୀଙ୍କୁ ଯେ କରନ୍ତି ସ୍ୱାଗତ
(ହୋଇ) ପୂଜା ପାଇଁ ଆଗଭର ।୪।

ନାନା ଜାତି ପିଠା ଖିରି ତରକାରୀ
ଯତନେ ତିଆରି କରି,
ମା' ଲକ୍ଷ୍ମୀଙ୍କ ପାଶେ ଭୋଗ କରିଥାନ୍ତି
ମନରେ ଭକତି ଭରି ।୫।



ଲିପି ପୋଛି ଖଳା ଝୋଟି ଚିତା ଦେଇ
ଖଳାକୁ ଯେ ହଳା ଆଣି,
ଅତି ଯତନରେ ହଳା ଗଦା ମାଡ଼ି
ପୂଜା କରିଥାନ୍ତି ପୁଣି ।୬।

ବରଷକେ ଥରେ ଶୁଭ ମାର୍ଗଶୀରେ
ହୁଏ ମା' ଲକ୍ଷ୍ମୀଙ୍କ ପୂଜା,
ଘରେ ଘରେ ଲାଗେ ଆନନ୍ଦ ଉତ୍ସବ
(ଘର) ଚିତାରେ ହୁଅଇ ସଜା ।୭।

*ଯଦୁ-ମାଳତୀ କୃପା ନିବାସ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୯୦୪୪୩୮୩*

## ମାର୍ଗଶୀରରେ ଖଳା

*ନିରଞ୍ଜନ ସାହୁ*



ମାର୍ଗଶୀର ମାସେ ସୁନ୍ଦର ଖଳା
ଚାଷୀ ବୋହିଆଣେ ଖଳାକୁ ହଳା
ଧାନ କାଟି କରେ ବିଲକୁ ପଦା
କଚଡ଼ା କାଟିକି ମାଡଇ ଗଦା
ଖଳାରେ ବେଙ୍ଗଳା ପଡ଼େ
ଚାଷୀ ମନ ପୁରା ଉଡେ ।

ଚାଷୀର ଘରଣୀ ଖଳାକୁ ଲିପି
ହସୁଥାଏ ଟିକେ ଓଠକୁ ଚିପି
ଲକ୍ଷ୍ମୀ ସାଆନ୍ତାଣୀ ଖଳାରେ ବିଜେ
ଆନନ୍ଦ ଅଶ୍ରୁରେ ଆଖି ତା ଭିଜେ
ପୁରି ଯାଉଥାଏ ମନ
ଧାନ ତା ଅମୂଲ୍ୟ ଧନ ।

ଖଳାରେ ଛୋଟିଆ ପଲାଟେ କରି
ଖଳା ଜଗେ ଚାଷୀ ଶୀତ ନ ଡରି
ବାଡ଼ ବୁଜି ଖଳା ସୁରକ୍ଷା ଦିଏ
ତଥାପି କି ହେବ କହିବ କିଏ
ସବୁ ପରିଶ୍ରମ ଯିବ
ଖଳାରେ କି ଆଉ ଥିବ ?

ଗୁରୁବାରେ ପଡ଼େ ଖଳାରେ ଝୋଟି
ଲକ୍ଷ୍ମୀ ପାଦ ପଡ଼େ ଗୋଟିକି ଗୋଟି
ପଦ୍ମଫୁଲ ପୁଣି ହୁଅଇ ଅଙ୍କା
କୃଷକ ଘରଣୀ ମନରେ ଶଙ୍କା
କାଳେ ଯଦି ତ୍ରୁଟି ହେବ
ଲକ୍ଷ୍ମୀ ମୁହଁମୋଡି ଦେବ ।

ଧାନ ସବୁ କଟା ସରିବା ପରେ
ଚାଷୀର ମନରେ ଆନନ୍ଦ ଭରେ
ଧାନ ଗଦା ଦେଖି ସନ୍ତୋଷ ହୁଏ
ଅମଳ କରିକି ଖଳାରେ ଥୁଏ
ଶଗଡ଼ରେ ଲଦି ଦେଇ
ଘରକୁ ସେ ଯାଏ ନେଇ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

## ଠିକ୍ ଠିକ୍ ଭୁଲ୍ ଭୁଲ୍

*ନୀଳମଣି ଚାନ୍ଦ*

ଝୁଲ୍‌ରେ ହାତୀ ଝୁଲ୍
'ଓଡ଼ିଶା'କୁ ଯିଏ ଓଡିଶା ଲେଖିଛି
'ସାହାଯ୍ୟ'କୁ ଯିଏ ସାହାର୍ଯ୍ୟ ଲେଖିଛି
କହିଦେଏ ହେଲା ଭୁଲ୍ ।

ସୋନା ତ ଯାଉଛି ସ୍କୁଲ୍
'ଭରସା'କୁ ଯିଏ ଭରଷା ଲେଖିଛି
'କାହାଳୀ'କୁ ଯିଏ କାହାଳି ଲେଖିଛି
ଦେଖୁ ଦେଖୁ କୁହ ଭୁଲ୍ ।

ଝୁଲ୍‌ରେ ହାତୀ ଝୁଲ୍
'ଐତିହ୍ୟ'କୁ ଯିଏ ଐତିହ ଲେଖୁଛି
'ଅପରାହ୍ନ'କୁ ଅପରାହ୍ନ ଲେଖୁଛି
କହିଦେଏ ହେଲା ଭୁଲ୍ ।

ତୁମେ ସବୁ ଯାଅ ସ୍କୁଲ୍
'ଅକ୍ଷୁଣ୍ଣ'କୁ ଯିଏ ଅକ୍ଷୁର୍ଣ୍ଣ ଲେଖୁଛି
ଅଭିଧାନକୁରେ ଜମା ନ ଦେଖୁଛି
ତୃଟି ଲେଖିଦେଲେ ଭୁଲ୍ ।

ଝୁଲ୍‌ରେ ହାତୀ ଝୁଲ୍
ପିଲାଏ ଯାଆନ୍ତୁ ସ୍କୁଲ୍
ବ୍ୟାକରଣ ସାଥେ ସାହିତ୍ୟ ପଢ଼ନ୍ତୁ
ଆଦର୍ଶ ଛାତ୍ରର ଜୀବନ ଗଢ଼ନ୍ତୁ
ଠିକ୍ ଠିକ୍ ଭୁଲ୍ ଭୁଲ୍ ।

*ମନ୍ତ୍ର ମାନୋର, ଗୋପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*





## ଚକ ଯାଏ ଗଡ଼ି ଗଡ଼ି

*ସୁରମା ମିଶ୍ର*

ଚକ ଯାଏ ଗଡ଼ି ଗଡ଼ି
ଗେଲୁ କହେ ଦିଅ ସିଲଟ ଖଡ଼ିଲୋ
ଯିବି ମୁହିଁ ପାଠପଢ଼ି ।।
ନନାଙ୍କୁ କହଲୋ ଯାଇ
ବେଗି ବେଗି ସବୁ କିଣି ଆଣି ଦେବେ
ଡେରି ସେ କରିବେ ନାହିଁ ।।
ଡାକିଛନ୍ତି ଅବଧାନ
ପାଠ ପଢ଼ି ମୁହିଁ କରିବି ବୋଉଲୋ
ବହୁତ ଜ୍ଞାନ ଅର୍ଜନ ।।
ପାଠରେ ହେବି ଆଗୁଆ
ମନ ଧ୍ୟାନ ଦେଇ ପଢ଼ିବି ପାଠଲୋ
ରଖିବି ନନାଙ୍କ ନାଆଁ ।।
ହୋଇବି ଉତ୍ତମ ଚାଟ
ମନ ସ୍ଥିର କରି ବୁଝି ବିଚାରି ମୁଁ
ବାଛି ନେବି ନିଜ ବାଟ ।।
ଆସୁ ଯେତେ ବାଧାବିଘ୍ନ
ମନଟାକୁ ଟାଣ କରିବି ଲୋ ବୋଉ
ସବୁ କରିବି ଖଣ୍ଡନ ।।
ମାତୃଭାଷା ମୋର ମାଆ
ତା ଉନ୍ନତି ଲାଗି ମନ ଦେବି ମୁହିଁ
ତୁ ହେବୁ ମୋହର ସାହା ।।
ମାଟି ମାଆ ମୋର ମାନ
ଜୀବ ଥିବା ଯାଏ ରଖିବିଲୋ ବୋଉ
ରଖିବି ତାର ସମ୍ମାନ ।।
ଚାଲିବି ମୁଁ ସତପଥେ
ଚଲା ପଥ ମୋର ହୋଇବ ସୁଗମ
ତୋ ହାତ ଥିଲେ ମୋ ମାଥେ ।।
ଏତିକି ତୋ ପଦେ ଅଳି
କରିବୁ ବୋଉଲୋ ସୁଦୟା ମୋ ପ୍ରତି
ଆଶିଷ ଦେବୁ ଲୋ ଢାଳି ।।

*ବିଏଲ-୩୯, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

## ଶୀତର ଛୁଆଁ

*ସୁଧାକର ରାଉତ*



ଧୀରେ ଧୀରେ ମାଡ଼ି ଆସୁଛି ଶୀତ
ସଭିଙ୍କୁ ଛୁଇଁ ସେ ଗାଉଛି ଗୀତ
ତା କାନିରେ ଶୀତଳତାକୁ ସଞ୍ଚି
ଚାରିଆଡ଼େ ସୁଖେ ଦେଉଛି ବିଞ୍ଚି ।
କୁହୁଡ଼ି କାକର ତା ସାଥେ ଘେନି
ରାଜୁତି କରେ ପୁଷ ମାଘ ବେନି
ହଳଦିଆ ପାଟ ସୋରିଷ କ୍ଷେତେ
ପିନ୍ଧି ବୁଲେ କାକର ମୁକ୍ତା ଯେତେ ।
ସୁନାର କ୍ଷେତରେ ତାହାର ଛୁଆଁ
ଚାଷୀ ଭାଇଙ୍କୁ କରଇ କିମିଆଁ ।
ଶୀତକୁ ସ୍ୱାଗତ କରଇ ସିଏ
କ୍ଷେତ ଦେଖି ତା ଖୁସି ଦେଖେ କିଏ ।
ରକତ ନିଗିଡ଼ା ତାହାର ଶ୍ରମ
ଅମଳେ ଲଭିବ ସୁଖ ପରମ ।
ନଦୀ ସରଜଳ ଶୀତଳ କରି
ଶିଶୁଙ୍କ ମନେ ଭୟ ଦିଏ ଭରି ।
ପଲ୍ଲୀଗ୍ରାମର ନିଆଁ ପୁଆଁ ମଜା
ଶୀତ ପ୍ରଭାବକୁ କରଇ ତାଜା ।
ପାହାନ୍ତା କୁହୁଡ଼ି ତା ଜାଲେ ବନ୍ଦୀ
କରେ ପଥିକକୁ ଉପାୟ ଫାନ୍ଦି ।
ହେଲେ ରବିକର ବାଜିବା କ୍ଷଣି
ଅଦୃଶ୍ୟ ହୁଅଇ ହତାଶେ ପୁଣି ।
ଶୀତେ ସୌନ୍ଦର୍ଯ୍ୟମୟୀ ଗେଣ୍ଡୁଫୁଲ
ଦେଖାଏ ତା ରୂପ ଅମୂଲମୂଲ ।
ଶୀତ ପାଶେ ଥାଇ ଲାଗଇ ତାଜା
ଉଷୁମ ପୋଷାକ ମାରନ୍ତି ମଜା ।
ଶୀତଟି ଅଟଇ ଆମର ମିତ
ଖେଳିବା ତା ସାଥେ ନ ହୋଇ ଭୀତ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

## ଶୀତ ପାଇଁ ଗୀତଟିଏ

*ଜୟନ୍ତ କୁମାର ମଲ୍ଲିକ୍*

ଶୀତ ପାଇଁ ଗୀତଟିଏ ଆସ ଆମେ ଗାଇବା
ସଞ୍ଜ ଦୀପ ଜାଳି ସାରି ଶୀତ ବସ୍ତ୍ର ନାଇବା,
ଘୋଡ଼େଇ ଘାଡ଼େଇ ହୋଇ ଚଉକିରେ ବସିବା
ଚାଆ ପକୁଡ଼ି ଖାଇକି ଗପି ଗପି ହସିବା,
ବାହାରେ ବୁଲିବା ଆମେ ମୁଣ୍ଡେ ଟୋପି ଚଢାଇ
ଗରୀବଙ୍କୁ କମ୍ବଳ ଯେ ଦେବା ଆମେ ବଢ଼ାଇ,
ପତର କୁଟା ଗୋଟାଇ ଏକାଠି ଯେ ଜାଳିବା
ଶୀତ ପ୍ରକୋପକୁ ଆମେ ନିଆଁ ଧାସେ ଟାଳିବା,
ଥଣ୍ଡା ପାନୀୟ ପାଖରୁ ରହିବା ତ ଦୂରେଇ
ପଙ୍ଖାକୁ ଜମାରୁ ଆମେ ଦେବା ନାହିଁ ଘୂରେଇ,
ଶୀତ ସାଜି ଆମ ମିତ ଖୁସି ଭରେ ମନରେ
ନାନା ଜାତି ଫୁଲ ଫୁଟେ ବନ ଉପବନରେ ।



*ଶୂରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର*
*ମୋ-୯୪୩୭୮୬୫୭୨୭*

## ସମ୍ବିଧାନ ଦିବସ

*ଅସୀମା ପ୍ରଧାନ*

ଆମ ସମ୍ବିଧାନ ଜଗତେ ମହାନ
ଆସ କରିବା ତାର ଗୁଣଗାନ ।।
ନଭେମ୍ବର ଛବିଶ ଦିନେ
ଗଢ଼ାହେଲା ସମ୍ବିଧାନ ତ ଯତନେ ।।
ଭିମରାଓ ଆମ୍ବେଦକର ସାହେବ
ଲଢି ତ ରଖିଲେ ଦେଶର ଗରବ ।।
କେତେଯେ ଦେଶର ସମ୍ବିଧାନ ପଢ଼ି
ସୁରକ୍ଷା ଦେଲେ ନୀତି ନିୟମ ଗଢ଼ି ।।
ସାର୍ବଭୌମ ସହ ସାଧାରଣତନ୍ତ୍ର
ସଂହତି ବଢ଼ାଏ ଆମ ଗଣତନ୍ତ୍ର ।।
ଧର୍ମନିରପକ୍ଷତା ଆଦର୍ଶ ଆମ
ସଭିଏ ସମାନ ଆମର ଧରମ ।।



ଏଗାର ମାସ ଅଠର ଦିନ ସହ
ଦୁଇ ବରଷରେ ଗଢା ସମ୍ବିଧାନ ।।
ନୀତି ନିୟମରେ ଲେଖା ଅଭିଧାନ
ଗର୍ବ ଗଉରବ ଆମ ସ୍ୱାଭିମାନ ।।
ଅଧିକାରକୁ ତ ଉପଭୋଗ କରି
ମୌଳିକ କର୍ତ୍ତବ୍ୟ ଧରିବା ଆବୋରି ।।
ଦେଶ ଜାତି ପାଇଁ ଦେବା ବଳିଦାନ
ତା ଦାନେ ତ ଆମେ ହୋଇଛେ ମହାନ ।।
ସମ୍ବିଧାନ ଦିବସେ କର ଶପଥ
ଦେଶର ଉନ୍ନତିରେ ରହୁ ମୋ ହାତ ।।

*ବୀରମହାରାଜପୁର, ସୁବର୍ଣ୍ଣପୁର*

31 YEARS
ସମ୍ବାଦ କଳିଙ୍ଗ
ଖେଳ
ଭୁବନେଶ୍ୱର, ୨୭ ନଭେମ୍ବର, ଗୁରୁବାର, ୨୦୨୫


# ନିଜ ମାଟିରେ ଲଜ୍ଜାଜନକ ପରାଜୟ : ୪୦୮ ରନରେ ହାରିଲା ଟିମ୍ ଇଣ୍ଡିଆ

**ଗୌହାଟୀ**

ଲଜ୍ଜାଜନକ ପରାଜୟ । ଟେଷ୍ଟ୍ ମ୍ୟାଚ୍ ସହ ସିରିଜ୍ ମଧ୍ୟ ହାରିଲା ଟିମ୍ ଇଣ୍ଡିଆ । ଦକ୍ଷିଣ ଆଫ୍ରିକା ବିପକ୍ଷରେ ଗୌହାଟୀରେ ମାଟି କାମୁଡ଼ିଛି ଭାରତ । ଦଳ ୧୪୦ ରନରେ ଅଲଆଉଟ୍ ହୋଇଛି । ଏହାସହ ମୁକାବିଲାକୁ ୪୦୮ ରନରେ ଜିତିଛି ଦକ୍ଷିଣ ଆଫ୍ରିକା । ଆହୁରି ମଧ୍ୟ ସିରିଜ୍‌କୁ ୨-୦ରେ ରବ୍‌ଜା କରିନେଇଛି ।

ମୁକାବିକାରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ଦକ୍ଷିଣ ଆଫ୍ରିକା । ଦୁଇ ଓପନର ଭଲ ଆରମ୍ଭ କରିଥିଲେ । ୮୨ ରନରେ ଦଳର ପ୍ରଥମ ଓ୍ୱିକେଟ୍ ଝଡ଼ିଥିଲା । ଏହାପରେ କ୍ରିଜ୍‌କୁ ଆସିଥିଲେ ଷ୍ଟବସ୍ । ସେ ୪୯ ରନର ଇନିଂସ ଖେଳିଥିଲେ । ତାଙ୍କ ପରେ ଟେମ୍ବା ବାଭୁମାଙ୍କ ବ୍ୟାଟ୍‌ରୁ ମଧ୍ୟ କିଛି ଭଲ ସର୍ଟ ଦେଖିବାକୁ ମିଳିଥିଲା । କିନ୍ତୁ ସବୁଠାରୁ ଆକର୍ଷଣୀୟ ବ୍ୟାଟିଂ କରିଥିଲେ ମୁଥୁସାମୀ ଏବଂ ଜାନସେନ । ମୁଥୁସାମୀ ଶତକ କରି ୧୦୯ ରନର ଇନିଂସ ଖେଳିଥିଲେ । ଶେଷରେ ତାଙ୍କୁ ସାଥ୍ ଦେଇଥିଲେ ଜାନସେନ୍ । ବିସ୍ଫୋରକ ବ୍ୟାଟିଂ କରି ଜାନସେନ ବିସ୍ଫୋରକ ବ୍ୟାଟି କରି ୯୩ ରନର ପାଳି ଖେଳିଥିଲେ । ଫଳରେ ଦଳ ୪୮୯ ରନ୍ ସ୍କୋର୍ କରିବାରେ ସଫଳ ହୋଇଥିଲା ।

ଅନ୍ୟ ଦିଗରେ ଭାରତର ବୋଲିଂ ବିଭାଗ ମ୍ୟାଚ୍‌ରେ ସେତେଟା ପ୍ରଭାବି ନଥିଲା । ବୋଲରମାନେ ବ୍ରେକ୍ ଥ୍ରୁ ଦେବାରେ ବିଫଳ ହୋଇଥିଲେ । ଫଳରେ ଭ୍ରମଣକାରୀ ଦଳ ବଡ଼ ସ୍କୋର କରିପାରିଥିଲା । ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୪ଟି ଓ୍ୱିକେଟ୍ ନେଇଥିବା ବେଳେ ରବୀନ୍ଦ୍ର ଜାଡ଼େଜା ଦୁଇଟି ଓ୍ୱିକେଟ୍ ହାସଲ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜସପ୍ରିତ ବୁମରାହ ଓ ମହମ୍ମଦ ସିରାଜ ଦୁଇଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ତେବେ ପ୍ରଥମ ଇନିଂସରେ ଭାରତ ପାଇଁ ପଡିଆକୁ ଓହ୍ଲାଇଥିଲେ ଯଶସ୍ୱୀ ଜୟସ୍ୱାଲ ଏବଂ କେଏଲ ରାହୁଲ । କେଏଲ ରାହୁଲ ଭଲ ଷ୍ଟାର୍ଟ ଦେଇ ଶୀଘ୍ର ଆଉଟ୍ ହୋଇଥିଲେ । ଏହାପରେ ଭଲ ସର୍ଟ ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ ଯଶସ୍ୱୀ । ୫୮ ରନର ପାଳି ଖେଳି ସେ ମଧ୍ୟ ଆଉଟ୍ ହୋଇଥିଲେ । ତାଙ୍କ ପରେ ସାଇ ସୁଦର୍ଶନ ପ୍ୟାଭିଲିୟନ ଫେରିଥିଲେ । ସହିପରି ଧ୍ରୁବ ଜୁରେଲ ମଧ୍ୟ କିଛି କରିସ୍ମା ନକରି ଆଉଟ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଋଷଭ ପନ୍ତ ଏବଂ ରବୀନ୍ଦ୍ର ଜାଡ଼େଜା ବିପକ୍ଷ ଦଳର ବୋଲିଂକୁ ମୁକାବିଲା କରିପାରିନଥିଲେ । କିନ୍ତୁ ଶେଷ ଆଡ଼କୁ ଲଢ଼ିଥିଲେ ଓ୍ୱାସିଂଟନ ସୁନ୍ଦର । ତାଙ୍କୁ ସାଥ ଦେଇଥିଲେ କୁଲଦୀପ ଯାଦବ । ଉଭୟେ କିଛି ସମୟ ଧରି ଦକ୍ଷିଣ ଆଫ୍ରିକା ବୋଲରଙ୍କ ମୁକାବିଲା କରିଥିଲେ । ଫଳରେ ଭାରତ ୨୦୧ ରନ୍ ସ୍କୋର୍ କରିପାରିଥିଲା ଏବଂ ପ୍ରଥମ ଇନିଂସରେ ଦଳ ୨୮୮ ରନରେ ପଛୁଆ ରହିଥିଲା ।




ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ ମଧ୍ୟ ଦମ୍‌ଦାର ଆରମ୍ଭ କରିଥିଲେ ଦକ୍ଷିଣ ଆଫ୍ରିକା ବ୍ୟାଟର । ଓପନର ଏଡେନ୍ ମାରକ୍ରମ୍ ଏବଂ ରିୟାନ ରିକେଲଟନ୍ ଭଲ ଷ୍ଟାର୍ଟ ଦେଇଥିଲେ । ଷ୍ଟବସ୍ ମଧ୍ୟ ଭଲ ବ୍ୟାଟିଂ କରି ହାଫ୍ ସେଞ୍ଚୁରୀ ହାସଲ କରିଥିଲେ । ଫଳରେ ଦଳ ୫୪୯ ରନର ବିଜୟ ଲକ୍ଷ୍ୟ ଠିଆ କରିପାରିଥିଲା ।

ତେବେ ବିଜୟ ଲକ୍ଷ୍ୟକୁ ଚେଜ୍ କରୁଥିବା ଭାରତ ଆରମ୍ଭରୁ ଖରାପ ଖେଳିଥିଲା । ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଏବଂ କେଏଲ ରାହୁଲ ସହଜରେ ଆଉଟ ହୋଇଥିଲେ । ତିନି ନମ୍ବର ସ୍ଥାନରେ ବ୍ୟାଟିଂ ପାଇଁ ଆସିଥିବା କୁଲଦୀପ ଯାଦବ ମଧ୍ୟ ଅଧିକ ବଲ ଖେଳିପାରିନଥିଲେ । ସେହିପରି ଧ୍ରୁବ୍ ଜୁରେଲ ସଅଳ ଆଉଟ ହୋଇଥିଲେ । ପନ୍ତଙ୍କ ବ୍ୟାଟ୍ ବି ଚାଲି ନଥିଲା । ଏମିତି ଜଣଙ୍କ ପରେ ଜଣେ ବ୍ୟାଟର ପ୍ୟାଭିଲିୟନ ଫେରିଥିଲେ । କିନ୍ତୁ ରବୀନ୍ଦ୍ର ଜାଡ଼େଜା ଶେଷ ଯାଏଁ ଲଢ଼ି ଅର୍ଦ୍ଧଶତକ ହାସଲ କରିଥିଲେ । ଗୋଟିଏ ଦିଗରେ ତାସ ଘର ଭଳି ବ୍ୟାଟର ଆଉଟ ହୋଇଥିବା ବେଳେ ଜାଡେଜା ଠିଆ ହୋଇ ରହିଥିଲେ । ଫଳରେ ଦଳ ଦ୍ୱିତୀୟ ଇନିଂସରେ ୧୪୦ ରନ୍ କରିବାରେ ସକ୍ଷମ ହୋଇଥିଲା । ଏହାସହ ବିଜୟଠୁ ୪୦୯ ରନ ଦୂରରେ ରହିଯାଇଥିଲା ।

ଦକ୍ଷିଣ ଆଫ୍ରିକା ପକ୍ଷରୁ ଦ୍ୱିତୀୟ ଇନିଂସରେ ସିମନ୍ ହାର୍ମର ୬ଟି ଓ୍ୱିକେଟ୍ ନେଇଥିବା ବେଳେ କେଶବ ମହାରାଜ ଦୁଇଟି ଏବଂ ମାର୍କୋ ଜାନସେନ୍ ଗୋଟିଏ ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ ।

# ଗୌତମ ଗମ୍ଭୀର ‘ହାଏ ହାଏ’ : ଭାରତର ଭୟଙ୍କର ପରାଜୟ’ ପରେ ପ୍ରଶଂସକଙ୍କ ତୀବ୍ର ପ୍ରତିକ୍ରିୟା

**ଗୌହାଟୀ**

ଦକ୍ଷିଣ ଆଫ୍ରିକା ଠାରୁ ଭାରତ ୪୦୮ ରନର ବୃହତ୍ ବ୍ୟବଧାନରେ ପରାଜିତ ହେବା ପରେ ବୁଧବାର ଗୌହାଟିର ବର୍ସାପାରା ଷ୍ଟାଡିୟମ୍ ବାହାରେ କ୍ରୋଧିତ ପ୍ରଶଂସକମାନେ ‘ଗୌତମ ଗମ୍ଭୀର ହାଏ ହାଏ’ ନାରା ଦେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଟେଷ୍ଟ କ୍ରିକେଟ୍ ଇତିହାସରେ ରନ୍ ଆଧାରରେ ଭାରତର ଏହା ସବୁଠାରୁ ବଡ଼ ପରାଜୟ ଥିଲା ଏବଂ ଏହି ବିଜୟ ସହିତ ଦକ୍ଷିଣ ଆଫ୍ରିକା ୨୫ ବର୍ଷ ପରେ ଭାରତରେ ପ୍ରଥମ ଥର ପାଇଁ ଟେଷ୍ଟ ସିରିଜ୍ ଜିତିଛି । ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ନେତୃତ୍ୱରେ ଭାରତ ଏପର୍ଯ୍ୟନ୍ତ ଘରୋଇ ମାଟିରେ ପାଞ୍ଚଟି ଟେଷ୍ଟ୍ ହାରିଛି ଏବଂ ଦଳର ରଣନୀତି ଓ କାର୍ଯ୍ୟକାରିତାକୁ ନେଇ ସମସ୍ୟା ଦେଖାଦେଇଛି । ପ୍ରଶଂସକଙ୍କ ଏହି ଅସନ୍ତୋଷ ଏବେ ବୃଦ୍ଧି ପାଇବାରେ ଲାଗିଛି ।

# ଅହମ୍ମଦାବାଦରେ ହେବ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

## ଶତକୀୟ ସଂସ୍କରଣର ଆୟୋଜକ ହେଲା ଭାରତ

**ଗ୍ଲାସ୍‌ଗୋ**

୨୦୩୦ ଶତକୀୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଅହମ୍ମଦାବାଦକୁ ଆନୁଷ୍ଠାନିକ ଭାବରେ ଆୟୋଜକ ସହର ଭାବରେ ଘୋଷଣା କରାଯାଇଛି । ୨୦୧୦ରେ ଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପରେ ଭାରତରେ ଏହା ହେଉଛି ପ୍ରଥମ ପ୍ରମୁଖ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା । ଗ୍ଲାସ୍‌ଗୋରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଭାରେ ୭୪ଟି ସଦସ୍ୟ ରାଷ୍ଟ୍ର ଓ ଅଞ୍ଚଳର ପ୍ରତିନିଧିମାନେ ଭାରତର ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ।




୨୦୩୦ ଗେମ୍ସ ପାଇଁ ଭାରତର ଯୋଜନା ଅହମ୍ମଦାବାଦକୁ ଏକ ଆଧୁନିକ ଓ ସାଂସ୍କୃତିକ ସହର ଭାବରେ ପ୍ରତିପାଦିତ କରିଛି, ଯାହା ଶତକୀୟ ସଂସ୍କରଣକୁ ସ୍ମରଣୀୟ କରିପାରିବ । ଏହି ଘୋଷଣା ପରେ ସାଧାରଣ ସଭା ଗୃହରେ କୋଡ଼ିଏ ଜଣ ଗରବା ନୃତ୍ୟଶିଳ୍ପୀ ଓ ତିରିଶ ଜଣ ଢୋଲ ବାଦକଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ପ୍ରଦର୍ଶନ ଗୁଜରାଟର ଐତିହ୍ୟକୁ ଉତ୍ସବ ପାଳନ କରିବା ସହ ୨୦୩୦ରେ ଆଥଲେଟ୍ ଓ ପ୍ରଶଂସକଙ୍କ ପାଇଁ ଏକ ଝଲକ ପ୍ରଦାନ କରିଥିଲା ।

ଶତକୀୟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୧୫ରୁ ୧୭ଟି ଇଭେଣ୍ଟ ରହିବ । ଅହମ୍ମଦାବାଦ ୨୦୩୦ ଦଳ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଆନ୍ତର୍ଜାତୀୟ ଫେଡେରେସନ ସହ ମିଶି ଏକ ଗତିଶୀଳ ଓ ଆକର୍ଷଣୀୟ କ୍ରୀଡ଼ା କାର୍ଯ୍ୟକ୍ରମ ପ୍ରସ୍ତୁତ କରିବ ।

ବିଚାରାଧୀନ କ୍ରୀଡ଼ା ମଧ୍ୟରେ ତୀରନ୍ଦାଜୀ, ବ୍ୟାଡମିଣ୍ଟନ, ଟି-୨୦ କ୍ରିକେଟ, ହକି, ଜୁଡୋ, ଶୁଟିଂ ଏବଂ କୁସ୍ତି ଭଳି ଇଭେଣ୍ଟ ରହିଛି । ଆୟୋଜକ ମଧ୍ୟ ଦୁଇଟି ନୂତନ କିମ୍ବା ପାରମ୍ପରିକ କ୍ରୀଡ଼ା ଅନ୍ତର୍ଭୁକ୍ତ କରିପାରିବେ । ସମସ୍ତ କ୍ରୀଡ଼ା ତାଲିକା ଆସନ୍ତା ବର୍ଷ ଘୋଷଣା କରାଯିବ ।

କମନଓ୍ୱେଲଥ୍ ଗେମ୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ଡକ୍ଟର ପି.ଟି. ଉଷା କହିଛନ୍ତି, “୨୦୩୦ ଗେମ୍ସ କେବଳ ରାଜ୍ୟଗୋଷ୍ଠୀ ଆନ୍ଦୋଳନର ଶହେ ବର୍ଷ ପାଳନ କରିବ ନାହିଁ, ବରଂ ପରବର୍ତ୍ତୀ ଶତାବ୍ଦୀ ପାଇଁ ମୂଳଦୁଆ ପକାଇବ ।” ପ୍ରଥମ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୧୯୩୦ରେ କାନାଡାର ହାମିଲଟନରେ ଅନୁଷ୍ଠିତ ହୋଇଥିଲା ।

# କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ମୁକୁନ୍ଦପ୍ରସାଦ ଓ ମଞ୍ଚେଶ୍ୱର୍ ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡ଼ିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ମୁକୁଣ୍ଡପ୍ରସାଦ ଦଳ ସୁଆଙ୍ଗ ଦଳକୁ ୩ ଓ୍ୱିକେଟରେ ପରାସ୍ତ କରିଛି । ସୁଆଙ୍ଗ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୨୩ ରନ୍ ସଂଗ୍ରହ କରି ଅଲଆଉଟ୍ ହୋଇଯାଇଥିଲା । ମୁକୁନ୍ଦପ୍ରସାଦର ଅସଲମ୍ ଖାନ ୫ଟି ଓ୍ୱିକେଟ ଦଖଲ କରିଥିଲେ । ଜବାବରେ ମୁକୁନ୍ଦପ୍ରସାଦ ଦଳ ୧୫ ଓଭର ରେ ଆବଶ୍ୟକ ୧୨୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ଶ୍ରେଷ୍ଠ ଖେଳାଳି ଅସଲମ୍ ଖାନଙ୍କୁ ସମାଜସେବୀ ରବୀନ୍ଦ୍ର ପ୍ରଧାନ ପୁରସ୍କୃତ କରିଥିଲେ । ଦ୍ୱିତୀୟ ମ୍ୟାଚ୍ (ନନ ଆଧାର) ଟସ୍ ଜିତି ମଞ୍ଚେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ମଞ୍ଚେଶ୍ୱର୍ ଦଳ ନିର୍ଦ୍ଧାରିତ ୨୦ ଓଭରରୁ ୭ ଓ୍ୱିକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅରବିନ୍ଦ ସିଂହ ୪୬ ରନ୍ ସଂଗ୍ରହ କରିଥିଲେ । ଜବାବରେ ଅଟ୍ରି ଦଳ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୧୨୭ ରନ୍‌ରେ ସିମିତ ରହିଥିଲା । ମଞ୍ଚେଶ୍ୱର୍ ଦଳ ମ୍ୟାଚ୍‌କୁ ୭୨ ରନ୍‌ରେ ଜିତିନେଇ ଥିଲା । ଦଳ ପକ୍ଷରୁ ବିବେକ ସାହୁ ୩ ଟି ଓ୍ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ପ୍ରିତିରଞ୍ଜନ ବିଜୟସିଂଙ୍କଠୁ ପୁରସ୍କାର ଗ୍ରହଣ କରିଥିଲେ । ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ତୁଷାର କାନ୍ତ ସୁନ୍ଦରାୟ ଓ ରିୟାଜତ ଅଲି । ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ, ଅଭିଜିତ ସାମନ୍ତରାୟ, ସୂର୍ଯ୍ୟପ୍ରତାପ ଗଜେନ୍ଦ୍ର ଓ ତାରାପ୍ରସାଦ ରାଉତରାୟ ରହିଥିଲେ । ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ । କାଜଲ ବଳିୟାର ସିଂ ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇ ଥିଲେ । ପ୍ରଥମ ମ୍ୟାଚ୍ ଯାଆଁଳା ବନାମ ଯଦୁପୁର ଏବଂ ଦ୍ୱିତୀୟ ମ୍ୟାଚ୍ ମେଣ୍ଢାଶାଳ ବନାମ କୁମାରବସ୍ତ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ପରିଡ଼ା ଜଣାଇଛନ୍ତି ।







# ବାରବାଟୀ ଷ୍ଟାଡିୟମ୍‌ରେ ବିଦ୍ୟୁତ୍ ବିଭ୍ରାଟ ଏଡ଼ାଇବାକୁ ଉଦ୍ୟମ : ସଫ୍ଟୱେର ଦ୍ୱାରା ପରିଚାଳିତ ହେବ ଫ୍ଲଡ୍‌ଲାଇଟ୍

**କଟକ**

ଗତ ଫେବୃୟାରୀରେ ୯ରେ ଭାରତ-ଇଂଲଣ୍ଡ ଦିନିକିଆ ସମୟରେ ଫ୍ଲଡ୍‌ଲାଇଟ୍ ତ୍ରୁଟି ଯୋଗୁଁ ବାରବାଟୀ ଷ୍ଟାଡିୟମ୍ ନିନ୍ଦା ମୁଣ୍ଡାଇଥିଲା । ଏ ତ୍ରୁଟିର ପୁନଃରାବୃତ୍ତି ଯେମିତି ନହେବ ସେଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ୍(ଓସିଏ) ତରଫରୁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯାଉଛି । ପ୍ରଥମଥର ବାରବାଟୀ ଷ୍ଟାଡିୟମ୍‌ରେ ଫ୍ଲଡ୍‌ଲାଇଟ୍ ସଫ୍ଟୱେର୍ ଦ୍ୱାରା ପରିଚାଳିତ ହେବ । ଫ୍ଲଡ୍‌ଲାଇଟ୍ ପ୍ରତିଟି ବଲ୍‌ବ ଉକ୍ତ ସଫ୍ଟୱେର୍ ସହ ସଂଯୁକ୍ତ ହେବ । ଯେଉଁଠି ତ୍ରୁଟି ଦେଖାଯିବ ତୁରନ୍ତ ଏହି ସଫ୍ଟୱେରରେ ନୋଟିଫିକେସନ୍ ବା ସୂଚନା ଆସିବ । ଫଳରେ ସେହି ସଫ୍ଟୱେର୍ ମାଧ୍ୟମରେ ହିଁ ଏହାକୁ ଠିକ୍ କରାଯିବ । ଆଗାମୀ ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି ମ୍ୟାଚ୍‌କୁ ଆଉ ଅଳ୍ପ ଦିନ ବାକି ରହିଛି । ମ୍ୟାଚ୍‌କୁ ଶୃଙ୍ଖଳିତ ଭାବେ ପରିଚାଳନା କରାଯିବା ସହ ପୂର୍ବ ତ୍ରୁଟିକୁ ନଦୋହରାଇବା ଦିଗରେ ଓସିଏ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି । ଫ୍ଲଡ୍‌ଲାଇଟ୍ ତ୍ରୁଟିକୁ ଏଡ଼ାଇବା ନିମନ୍ତେ ଆଗାମୀ ମ୍ୟାଚରେ ସ୍ୱତନ୍ତ୍ର ରୂପେ ଏକ ସଫ୍ଟୱେର୍ ବ୍ୟବହାର କରାଯିବ ବୋଲି ଓସିଏ କନସଲଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି ।

ବାରବାଟୀରେ ୮ଟି ଫ୍ଲଡଲାଇଟ୍ ରହିଛି । ପ୍ରତ୍ୟେକ ଖୁଣ୍ଟିରେ ରହିଛି ୪୮ଟି ବଲ୍‌ବ । ସମୁଦାୟ ୩୮୪ଟି ଯାକ ବଲ୍‌ବ ଏବେ ଯାଞ୍ଚ କରାଯାଉଛି । ପ୍ରତ୍ୟେକ ଖୁଣ୍ଟକୁ ସଫ୍ଟୱେର୍ ଜରିଆରେ ମନିଟରିଂ କରାଯିବ । ଯେକୌଣସି ସ୍ଥାନରେ ତ୍ରୁଟି ରହିଥିବ ତାହାର ସୂଚନା ଆଗୁଆ ମିଳିପାରିବ । ପ୍ରଥମଥର ନିମନ୍ତେ ଓସିଏ ଏହି ପଦକ୍ଷେପ ନେଇଛି ବୋଲି ବିଷ୍ଣୁପ୍ରସାଦ କହିଛନ୍ତି । ସେହିପରି ପ୍ରତ୍ୟେକ ଫ୍ଲଡଲାଇଟ୍ ୨ଟି ଲେଖାଏଁ ଡିଜି ସେଟ୍ ସଂଯୋଗ କରାଯିବ । ମ୍ୟାଚ ସମୟରେ ଉଭୟ ଚାଲୁ ରହିବ । ଯଦି ଗୋଟିଏ ଡିଜି ସେଟ୍ ତ୍ରୁଟି ଦେଖାଗଲା ଦ୍ୱିତୀୟ ସେଟ୍‌ରୁ ତୁରନ୍ତ ପାଓ୍ୱାର୍ ଲୋଡ୍ ହୋଇପାରିବ । ଏଥିପାଇଁ ମାତ୍ର ୨ ସେକେଣ୍ଡରେ ସମୟ ଲାଗିବ ।

ଆଗାମୀ ମ୍ୟାଚ୍ ପାଇଁ ଭିଭିଆଇପି ଲାଉଞ୍ଜ୍‌କୁ ସ୍ଥାନାନ୍ତର କରାଯିବା ପାଇଁ ଯୋଜନା ହୋଇଛି । ଲାଉଞ୍ଜ୍ ସମ୍ମୁଖରେ ସାଇଟ୍ ସ୍କ୍ରିନ୍ ରହି ବାଧା ସୃଷ୍ଟି କରୁଛି । ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ ହାଇକୋର୍ଟର ମୁଖ୍ୟ ବିଚାରପତି ଲାଉଞ୍ଜରେ ବସି ମ୍ୟାଚର ଉପଭୋଗ କରିବେ । ପଦ୍ମ ଉପାଧି ବିଜେତା ଏବଂ ରାଜ୍ୟର ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଲାଉଞ୍ଜ ହେବ । ମ୍ୟାଚ୍ ଆରମ୍ଭ ପୂର୍ବରୁ ବାରବାଟୀରେ ଏଥର ଆକର୍ଷଣୀୟ ଲାଇଟ୍ ସୋ’ ହେବ ବୋଲି ଓସିଏ ସୂତ୍ରରୁ ଖବର ମିଳିଛି । ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ ବାରବାଟୀ ଷ୍ଟାଡିୟମ୍ ଯାଇ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଓସିଏ କାର୍ଯ୍ୟକର୍ତ୍ତାଙ୍କ ସହ ପଡ଼ିଆରେ ବୁଲି ସମସ୍ତ ପ୍ରସ୍ତୁତି ସମୀକ୍ଷା କରିଥିଲେ । ଏଡିଏମ୍ ଶ୍ରୀ ଟପ୍ପୋ କହିଛନ୍ତି, ଗ୍ୟାଲେରୀଗୁଡ଼ିକୁ ନେଇ ଟିକେ ସମସ୍ୟା ଥିଲା । ନିକଟରେ ଆଇଆଇଟି ବିଶେଷଜ୍ଞମାନେ ଆସି ସ୍ଥିତି ଅନୁଧ୍ୟାନ କରି ଯାଇଥିଲେ । ଯେଉଁଠି ସମସ୍ୟା ରହିଥିଲା ଓସିଏକୁ କୁହାଯାଇଛି ସେଗୁଡ଼ିକ ମରାମତି କରାଯିବ ।’ ଅନ୍ୟପକ୍ଷରେ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ମଧ୍ୟ ଷ୍ଟାଡିୟମ୍‌ର ବିଭିନ୍ନ ଟିକେଟ କାଉଣ୍ଟର ବୁଲି ଦେଖିଛନ୍ତି । ବ୍ୟାରିକେଡିଂ କେଉଁଠାରୁ କେଉଁଠିକୁ କରାଯିବ ତା’ର ବିସ୍ତୃତ ବ୍ଲୁପ୍ରିଣ୍ଟ୍ କରାଯାଇଛି । ଯେତିକି ଟିକେଟ ବିକ୍ରି ଲାଗି ଉଦ୍ଦିଷ୍ଟ ରହିବ ସେହି ତୁଳନାରେ ଦର୍ଶକ ଟିକେଟ କାଉଣ୍ଟରକୁ ଆସିବାକୁ ଅନୁରୋଧ କରିଛନ୍ତି ।

# ବାସ୍କେଟବଲ୍ ପୋଲ୍ ପଡ଼ି ୧୬ ବର୍ଷୀୟ ଜାତୀୟ ସ୍ତରର ଖେଳାଳିଙ୍କ ମୃତ୍ୟୁ

**ନୂଆଦିଲ୍ଲୀ**

ହରିଆଣାର ରୋହତକରେ ଏକ ଅଭାବନୀୟ ଦୁର୍ଘଟଣାରେ ଜଣେ ୧୬ ବର୍ଷୀୟ ଜାତୀୟ ସ୍ତରର ବାସ୍କେଟବଲ୍ ଖେଳାଳିଙ୍କ ମୃତ୍ୟୁ ଘଟିଛି । ମଙ୍ଗଳବାର ଅଭ୍ୟାସ ସମୟରେ ବାସ୍କେଟବଲ୍ ହୁପ୍‌ର ଲୁହା ପୋଲ୍ ତାଙ୍କ ଉପରେ ପଡ଼ିଯିବା ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ଗୁରୁତର ଅବସ୍ଥାରେ ଖେଳାଳିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା, କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାଟି ଲାଖନ୍ ମାଜରା ଗାଁର କ୍ରୀଡ଼ା ପଡ଼ିଆରେ ସକାଳ ପ୍ରାୟ ୧୦ଟା ସମୟରେ ଘଟିଥିଲା, ଯେଉଁଠାରେ ଖେଳାଳି ଜଣକ ଏକାକୀ ଅଭ୍ୟାସ କରୁଥିଲେ । ସମସ୍ତ ଦୁର୍ଘଟଣା ସିସିଟିଭି ଫୁଟେଜରେ କଏଦ ହୋଇଛି । ଫୁଟେଜରେ ଦେଖାଯାଉଛି ଯେ ଖେଳାଳି ଜଣକ ହୁପ୍‌କୁ ଡଙ୍କ୍ କରିବାକୁ ଚେଷ୍ଟା କରୁଥିବାବେଳେ ପୋଲ୍‌ରେ ଝୁଲିବାରୁ ଲୁହା ଏହା ଭାଙ୍ଗି ପଡ଼ିଥିଲା ଏବଂ ହୁପ୍‌ର ରିମ୍ ତାଙ୍କ ଛାତିରେ ବାଜିଥିଲା । ପରେ ଅନ୍ୟ ଖେଳାଳିମାନେ ଦୌଡ଼ି ଆସି ପୋଲ୍ ଉଠାଇବାରେ ସାହାଯ୍ୟ କରୁଥିବା ଦେଖାଯାଇଥିଲା ।




ମୃତ ୧୬ ବର୍ଷୀୟ ଖେଳାଳି ଜଣକ କାଙ୍ଗ୍ରାରେ ୪୭ତମ ସବ୍-ଜୁନିଅର ଜାତୀୟ ଚାମ୍ପିଅନସିପ୍, ହାଇଦ୍ରାବାଦରେ ୪୯ତମ ସବ୍-ଜୁନିଅର ଜାତୀୟ ଚାମ୍ପିଅନସିପ୍ ଏବଂ ପୁଡୁଚେରୀରେ ୩୯ତମ ଯୁବ ଜାତୀୟ ଚାମ୍ପିଅନସିପ୍ ସମେତ ଅନେକ ଜାତୀୟ ସ୍ତରର ପ୍ରତିଯୋଗିତାରେ ପଦକ ଜିତିଥିଲେ ।

ଦୁଇ ଦିନ ପୂର୍ବେ ବାହାଦୁରଗଡ଼ରେ ସମାନ ଧରଣର ଏକ ଘଟଣା ରିପୋର୍ଟ ହେବା ପରେ ଏହି ଘଟଣା ହରିଆଣାର କ୍ରୀଡ଼ା ଭିତ୍ତିଭୂମିର ଅବସ୍ଥା ଉପରେ ଚିନ୍ତା ବଢ଼ାଇଛି । ଏହି ଦୁର୍ଘଟଣା ପରେ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ଗୌରବ ଗୌତମ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଜିଲା କ୍ରୀଡ଼ା ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି ଏବଂ ସମ୍ପୃକ୍ତ ବାସ୍କେଟବଲ୍ କୋର୍ଟକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି । ମନ୍ତ୍ରୀ ଏହି ବିଷୟରେ ଆଲୋଚନା କରିବାକୁ ନଭେମ୍ବର ୨୮ରେ ତାଉ ଦେବୀଲାଲ ଷ୍ଟାଡିୟମରେ ଏକ ଉଚ୍ଚ ସ୍ତରୀୟ ବୈଠକ ଡାକିଛନ୍ତି, ଯେଉଁଥିରେ ସମସ୍ତ ବରିଷ୍ଠ ଓ ଜିଲ୍ଲା ଅଧିକାରୀଙ୍କୁ ଡକାଯାଇଛି ।

ଝାରସୁଗୁଡ଼ା ପୌରପାଳିକା କାର୍ଯ୍ୟାଳୟ
Jharsuguda Municipality
ମଙ୍ଗଳ ବଜାର, ଝାରସୁଗୁଡ଼ା-୭୬୮୨୦୧
Mangal Bazaar, Jharsuguda-768201
Mail: jsgmunicipality@yahoo.com, Ph: 06645-272236
C-1578
L.No.4534 / JM
Date: 25.11.2025

**Tender for Leasing of LED Display Boards**

Jharsuguda Municipality invites sealed Expressions of Interest (EOI) from interested and eligible agencies/firms for leasing of LED Display Boards at 10 prominent locations within Jharsuguda town for a period of three (3) years. The LED display boards will serve as a medium for commercial advertisements as well as for dissemination of public information, awareness messages, and government initiatives. Interested agencies/firms may purchase the tender document from Jharsuguda Municipality between 27.11.2025 and 10.12.2025, up to 5:00 PM, on payment of Rs. 10,000 per document. The last date for receipt of the filled-In application is 11.12.2025 up to 5:00 PM. Detailed terms and conditions are available in document.

Sd/- Executive Officer
Jharsuguda Municipality

OFFICE OF THE SUPERINTENDING ENGINEER,
PORTS & INLAND WATER TRANSPORT, CIVILDIVISION,
NEAR STPI, AMBAPUA, BERHAMPUR-11
Phone-0680-2404455/ E-Mail-ees.piwt@yahoo.in
JJ-69

**"e" PROCUREMENT NOTICE**

| Sl. No. | Name of work | Approximate value of work (In Rs.) |
|---|---|---|
| 01. | Improvement of the existing jetty and public rain shelter at Nimtala in Bhadrak District, vide Bid ID No-05/2025-26 | 59,80,770.00 |

2. No. of Covers :- Double Cover
3. Bid Cost :- Rs. 10,000.00
4. Period of Completion :- 4 (Four) Calendar Months
5. Date & Time of availability of bid document in the portal :- From 28.11.2025 to 08.12.2025 upto 5.00 PM.
6. Last date & time for receipt of bids in the portal :- 08/12.2025 Up to 5.00 PM
7. Date of opening of bid document (Cover-I) :- 09.12.2025 from 12 Noon onwards
8. Date of transparent lottery process (If situation arises) :- Intimation will be given through online
9. Class of Contractor :- "B" Class Contractor only
10. Name and address of officer inviting Tender (OIT) :- Superintending Engineer, Ports & Inland Water Transport, Civil Division, Berhampur, Pin- 760010, Phone-0680-2404455, e-Mail- ees.piwt@yahoo.in

Further details can be seen from the e-Procurement market place, https//tendersodisha.gov.in. The Addendum / Corrigendum if any will be hosted in the website only.

Sd/- Superintending Engineer
Ports & IWT, Civil Division, Berhampur

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BHADRAK.
ee_rwbdk2@yahoo.co.in
O-1586

*"e" Procurement Notice for Building Works*
*identification Online Tender 20/RWD/BDK-II / 2025-26 ,Dtd. 21.11.2025*

1. Name of the Work :- Building Works as per Annexure
2. Total Number of Works :- 3 Nos
3. Approximate Estimated Cost :- Rs. 65.77 to Rs 77.31 lakhs
4. Class of Contractor :- As Per Annexure
5. Period of Completion :- As Per Annexure
5. Other details :- The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer ,R.W. Division-II, Bhadrak | 20 | 27.11.2025 At 11.30 A.M. | 04.12.2025 up to 5.00 P.M | 04.12.2025 up to 3.00 P.M | 05.12.2025 at 11.00 AM | Will be intimated latter |

7. Further details can be seen from the e-procurement portal "https:// www.tendersorissa.gov.in"
8. Any other changes / Corrigendum may be seen only in website www.tendersorissa.gov.in

Sd/- Executive Engineer
R.W. Division-II, Bhadrak

# ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ସମ୍ବିଧାନ ଦିବସ ପାଳିତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରତିବର୍ଷ ୨୬ ନଭେମ୍ବରକୁ ‘ସମ୍ବିଧାନ ଦିବସ’ ଭାବରେ ପାଳନ କରିବା ପାଇଁ ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଗୁରୁତ୍ୱ ଏବଂ ଗର୍ବର ସହିତ ସମ୍ବିଧାନ ଦିବସ ପାଳନ କରିଛି । ଏହି ପାଳନର ଲକ୍ଷ୍ୟ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଏବଂ ଭାରତୀୟ ସମ୍ବିଧାନର ଗୁରୁତ୍ୱ ବିଷୟରେ ଗଭୀର ସଚେତନତା ସୃଷ୍ଟି କରିବା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଭାରତର ସମ୍ବିଧାନ ପ୍ରସ୍ତାବନାର ସାମୂହିକ ପାଠ । ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ରେଳମଣ୍ଡଳ ମୁଖ୍ୟାଳୟରେ ଏହି ପାଳନର ନେତୃତ୍ୱ ନେଇଥିବାବେଳେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ପି.କେ. ବେହେରା ଏବଂ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସହିତ ସମସ୍ତ ବରିଷ୍ଠ ଶାଖା ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ ।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ, ବିଭାଗ, କ୍ଷେତ୍ର ୟୁନିଟ୍, ଷ୍ଟେସନ, ଡିପୋ ଏବଂ ଦୂରବର୍ତ୍ତୀ କାର୍ଯ୍ୟସ୍ଥଳରେ ଏକକାଳୀନ ସମ୍ବିଧାନ ଦିବସ ପାଳନ କରାଯାଇଥିଲା । ବିଭିନ୍ନ ଷ୍ଟେସନ ଏବଂ କାର୍ଯ୍ୟସ୍ଥଳରେ ନିୟୋଜିତ ରେଳ ଅଧିକାରୀ ଏବଂ କର୍ମଚାରୀମାନେ ସେମାନଙ୍କ ନିଜ ନିଜ ସ୍ଥାନରେ ପ୍ରସ୍ତାବନା ପାଠ କରି ସକ୍ରିୟ ଭାବରେ ଅଂଶଗ୍ରହଣ କରି ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ଆଦର୍ଶକୁ ବଜାୟ ରଖିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଧାରଣ କରିଥିଲେ । ପ୍ରସ୍ତାବନା ପାଠ ସହିତ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଭାରତୀୟ ସମ୍ବିଧାନର ମୌଳିକତାକୁ ବୁଝିବାରେ ନାଗରିକ ଏବଂ ରେଳ କର୍ମଚାରୀମାନଙ୍କୁ ନିୟୋଜିତ କରି ସଚେତନତା କରାଇବା ପାଇଁ ଆଲୋଚନା, ଓ୍ୱେବିନାର ଏବଂ ‘ପ୍ରସ୍ତାବନା ପଠନ’ କାର୍ଯ୍ୟକଳାପରେ ଅନଲାଇନ୍ ଅଂଶଗ୍ରହଣ ଭଳି ସଚେତନତା ପଦକ୍ଷେପକୁ ଉତ୍ସାହିତ କରିଥିଲା ।

ରେଳମଣ୍ଡଳ ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର.ଏନ.ଏ. ପରିଡ଼ାଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା । ଏହି ପାଳନ ସମ୍ବିଧାନର ମାର୍ଗଦର୍ଶକ ନୀତିଗୁଡ଼ିକୁ ସମ୍ମାନ ଦେବା ଏବଂ ଦୈନନ୍ଦିନ ପ୍ରଶାସନିକ ଏବଂ ସାଧାରଣ ସେବା ଅଭ୍ୟାସରେ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ରେଳମଣ୍ଡଳର ସଂକଳ୍ପକୁ ପ୍ରତିଫଳିତ କରିଥିଲା ।

# ହସ୍ପିଟାଲରୁ ଡିସଚାର୍ଜ ହେଲେ ସ୍ମୃତି ମନ୍ଧାନାଙ୍କ ବାପା

**ନୂଆଦିଲ୍ଲୀ**



ମନ୍ଧାନା ପରିବାର ପାଇଁ ଏକ ବଡ଼ ଆଶ୍ୱସ୍ତି ଆସିଛି । ଭାରତୀୟ ମହିଳା କ୍ରିକେଟ ଦଳର ତାରକା ସ୍ମୃତି ମନ୍ଧାନାଙ୍କ ପିତା ଶ୍ରୀନିବାସଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି । ସ୍ମୃତିଙ୍କ ପିତାଙ୍କୁ ହୃଦ୍‌ଘାତ ପରେ ରବିବାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରିବାରର ଜରୁରୀକାଳୀନ ଚିକିତ୍ସା ଯୋଗୁଁ, ସ୍ମୃତି ଏବଂ ତାଙ୍କ ହେବାକୁ ଥିବା ବର ପଲାଶ ମୁଛଲ ରବିବାର ହେବାକୁ ଥିବା ସେମାନଙ୍କର ବିବାହକୁ ସ୍ଥଗିତ ରଖିଛନ୍ତି । ଡାକ୍ତରମାନେ ଶ୍ରୀନିବାସକୁ ‘ବିପଦମୁକ୍ତ’ ଘୋଷଣା କରିଛନ୍ତି ଏବଂ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରିଛନ୍ତି ।

ଏକ ରିପୋର୍ଟ ଅନୁଯାୟୀ, ହସ୍ପିଟାଲ ପରିଚାଳନା କହିଛି ଯେ ସ୍ମୃତିଙ୍କ ପିତାଙ୍କ ଅବସ୍ଥା ଏବେ ସମ୍ପୂର୍ଣ୍ଣ ସ୍ଥିର । ଡାକ୍ତରମାନେ ଶ୍ରୀନିବାସଙ୍କ ଆଞ୍ଜିଓଗ୍ରାଫି ମଧ୍ୟ କରିଥିଲେ, ଯାହା କୌଣସି ଅବରୋଧ ପ୍ରକାଶ କରିନଥିଲା ଏବଂ ତାଙ୍କୁ ଡିସଚାର୍ଜ କରାଯାଇଥିଲା ।

ସ୍ମୃତି ଏବଂ ପଲାଶ ମୁଛଲଙ୍କ ବିବାହର ଭବିଷ୍ୟତ ତାରିଖ ଅସ୍ପଷ୍ଟ ରହିଛି । ଶ୍ରୀନିବାସଙ୍କ ହସ୍ପିଟାଲରେ ଭର୍ତ୍ତି ହେବା ପରଠାରୁ, ଉଭୟ ପରିବାରର ବିଭିନ୍ନ ସଦସ୍ୟଙ୍କ ଠାରୁ ଅନେକ ଅପଡେଟ୍ ନିଶ୍ଚିତ କରିଛି ଯେ ବିବାହ ଉତ୍ସବ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି ।

ତେବେ ସ୍ମୃତି ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ବିବାହ ପୂର୍ବ ଉତ୍ସବର ସମସ୍ତ ଫଟୋ ଏବଂ ଭିଡିଓ ଡିଲିଟ କରିଦେଇଛନ୍ତି । ଏପରିକି ତାଙ୍କ ଟିମ୍ ଇଣ୍ଡିଆର ସାଥୀ ଜେମିମାହ ରଡ୍ରିଗ୍ସ ଏବଂ ଅନ୍ୟମାନେ ସୋସିଆଲ ମିଡିଆରେ ଶେୟାର କରିଥିବା ବିଭିନ୍ନ ବିବାହ ପୂର୍ବ ଉତ୍ସବର କିଛି ଭିଡିଓ ଡିଲିଟ କରିଦେଇଛନ୍ତି । ପରିବାର ଏପର୍ଯ୍ୟନ୍ତ ସଂଶୋଧିତ ବିବାହ ତାରିଖ ନିଶ୍ଚିତ କରିନାହାନ୍ତି, ଯାହା କିଛି ପ୍ରଶଂସକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି ।





# ଆଦିବାସୀ ଆରୋଗ୍ୟକାରୀଙ୍କ ଚିକିତ୍ସା ଜ୍ଞାନ ଅମୂଲ୍ୟ ଓ ପ୍ରଶଂସନୀୟ: ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଦିବାସୀ ଆରୋଗ୍ୟକାରୀଙ୍କ ସହ ଭାବ ବିନିମୟ କରିଛନ୍ତି ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି ଓ ଆଦିବାସୀ ଆରୋଗ୍ୟକାରୀଙ୍କ ସହିତ ଆଲୋଚନା ସମୟରେ ସେମାନଙ୍କ ଚିକିତ୍ସା ଜ୍ଞାନ ଅମୂଲ୍ୟ ଓ ପ୍ରଶଂସନୀୟ ବୋଲି ରାଜ୍ୟପାଳ କହିଛନ୍ତି ଓ ପାରମ୍ପରିକ ଆଦିବାସୀ ଚିକିତ୍ସା ପ୍ରଣାଳୀର ସଂରକ୍ଷଣ, ବୈଜ୍ଞାନିକ ଗବେଷଣାକୁ ପ୍ରୋତ୍ସାହିତ କରିବା ଏବଂ ଭବିଷ୍ୟତ ପିଢ଼ିକୁ ଜ୍ଞାନ ପ୍ରଦାନ କରିବା ପାଇଁ ସଠିକ୍ ଭାବରେ ଡକ୍ୟୁମେଣ୍ଟେସନ୍ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟପାଳ କହିଥିଲେ ଯେ ଦୁର୍ଗମ ଅଞ୍ଚଳ ଯେଉଁଠାରେ ଆଧୁନିକ ସ୍ୱାସ୍ଥ୍ୟସେବା ସୁବିଧା ସୀମିତ ସେଠାରେ ପାରମ୍ପରିକ ଚିକିତ୍ସା ପ୍ରଣାଳୀ ପଦ୍ଧତି ଶହ ଶହ ବର୍ଷ ଧରି ବିକଶିତ ହୋଇ ଆସିଛି ଓ ଆଦିବାସୀ ସମ୍ପ୍ରଦାୟ ସ୍ଥାନୀୟ ଉଦ୍ଭିଦ, ଔଷଧୀୟ ବୃକ୍ଷ ଏବଂ ପ୍ରାକୃତିକ



ସମ୍ପଦରୁ ସେମାନଙ୍କର ନିଜସ୍ୱ ଔଷଧୀୟ ପ୍ରଣାଳୀ ବିକଶିତ କରିଛନ୍ତି। ଏହି ଜ୍ଞାନ ଅମୂଲ୍ୟ ଏବଂ ଏହା ଲୋପ ପାଇବା ପୂର୍ବରୁ ଏହାକୁ ସଂରକ୍ଷଣ କରାଯିବା ଉଚିତ । ଆରୋଗ୍ୟକାରୀମାନଙ୍କୁ ସେମାନଙ୍କର ଚିକିତ୍ସା ପ୍ରକ୍ରିୟା, ଚିକିତ୍ସା କରାଯାଇଥିବା ନିର୍ଦ୍ଦିଷ୍ଟ ରୋଗ ଏବଂ ଔଷଧୀୟ ଉପଚାର ପ୍ରସ୍ତୁତିରେ ବ୍ୟବହୃତ ଔଷଧୀୟ ବୃକ୍ଷ ରେକର୍ଡ କରିବାକୁ ରାଜ୍ୟପାଳ ପ୍ରୋତ୍ସାହିତ କରିଥିଲେ। ବ୍ୟବସ୍ଥିତ ଦସ୍ତାବିଜୀକରଣ ଦ୍ୱାରା ବନ ବିଭାଗ ସହିତ ଉତ୍ତମ ସମନ୍ୱୟ ରକ୍ଷା କରାଯାଇ ଆବଶ୍ୟକୀୟ ଔଷଧୀୟ ବୃକ୍ଷ, ମୂଳ, ପତ୍ର ଏବଂ ଅନ୍ୟାନ୍ୟ ପ୍ରାକୃତିକ ସାମଗ୍ରୀକୁ ବର୍ଷସାରା ଆରୋଗ୍ୟକାରୀମାନଙ୍କୁ ଉପଲବ୍ଧ କରାଯାଇପାରିବ ବୋଲି ରାଜ୍ୟପାଳ କହିଥିଲେ । ପାରମ୍ପରିକ ଔଷଧର ବିଶ୍ୱସ୍ତରୀୟ ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ ଚୀନ ଔଷଧୀୟ ବୃକ୍ଷ ଏବଂ ଔଷଧୀୟ ଉତ୍ପାଦ ରପ୍ତାନି କରି ପ୍ରଚୁର ଆୟ କରୁଛି । ଏ ଦିଗରେ ଭାରତ ଏହାର ସମୃଦ୍ଧ ଜୈବ ବିବିଧତା ଏବଂ ଦୃଢ଼ ପାରମ୍ପରିକ ଜ୍ଞାନ ହେତୁ ଏହି କ୍ଷେତ୍ରରେ ବିପୁଳ ସମ୍ଭାବନା ରଖିଛି ବୋଲି ରାଜ୍ୟପାଳ କହିଥିଲେ । ଆଦିବାସୀ ଚିକିତ୍ସା ପଦ୍ଧତି ଉପରେ ଗବେଷଣା ଏବଂ ସ୍ୱଦେଶୀ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରିବା ଉପରେ ଆୟୁଷ ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଛି ବୋଲି ମଧ୍ୟ ରାଜ୍ୟପାଳ କହିଥିଲେ । ଆଲୋଚନା ସମୟରେ ଆଦିବାସୀ ଆରୋଗ୍ୟକାରୀମାନେ ନିଜର ଅଭିଜ୍ଞତା, ଚିକିତ୍ସା ପଦ୍ଧତି ଏବଂ ପାରମ୍ପରିକ ଚିକିତ୍ସା ପ୍ରଣାଳୀକୁ ବଜାୟ ରଖିବାରେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁଧାକର ଶବର ଓ ରାଜଭବନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୂର୍ବତଟ ରେଳପଥ ଦ୍ୱାରା ସମ୍ବିଧାନ ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ମୁଖ୍ୟାଳୟ ରେଳ ସଦନ ଠାରେ ବୁଧବାର ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ଏହି ଉତ୍ସବରେ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ନେତୃତ୍ୱରେ ଭାରତ ସମ୍ବିଧାନର ମୁଖବନ୍ଧ ସାମୂହିକ ପଠନରେ ଅଂଶଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମହାପ୍ରବନ୍ଧକ ବି ଏସ କେ ରାଜକୁମାରଙ୍କ ସହିତ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଏହି ଉତ୍ସବର ଏକ ଅଂଶ ଭାବରେ ପୂର୍ବତଟ ରେଳପଥ ଅଧୀନରେ ଥିବା ସମସ୍ତ ରେଳ ମଣ୍ଡଳରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ସମ୍ବିଧାନ ଦିବସ





ପୂର୍ବତଟ ରେଳପଥର ବିଭିନ୍ନ ରେଳ ଷ୍ଟେସନରେ ମଧ୍ୟ ପାଳନ ହୋଇଥିଲା। ସୁଦୂର ସ୍ଥାନରେ ଅବସ୍ଥିତ ରେଳ କର୍ମଚାରୀମାନେ ମଧ୍ୟ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଭାରତୀୟ ସମ୍ବିଧାନର ମୁଖବନ୍ଧ ପଠନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରେଳପଥର ପ୍ରମୁଖ କାର୍ମିକ ଅଧିକାରୀଙ୍କ ଦ୍ୱାରା ସଂଯୋଜନା କରାଯାଇଥିଲା। ପୂର୍ବତଟ ରେଳପଥରେ ସମ୍ବିଧାନ ଦିବସ ପାଳନ କରିବା ଦ୍ୱାରା ସମ୍ବିଧାନରେ ଦର୍ଶାଯାଇଥିବା ମୂଲ୍ୟବୋଧ ପ୍ରତି ସଂଗଠନର ଗଭୀର ସମ୍ମାନ ଏବଂ ଦୈନନ୍ଦିନ ଜୀବନ ଏବଂ କାର୍ଯ୍ୟରେ ଏହାର ନୀତି ରକ୍ଷା କରିବାର ଗୁରୁତ୍ୱକୁ ପ୍ରତିଫଳିତ କରାଯାଇଥିଲା । ଏହି ପଦକ୍ଷେପ ଭାରତୀୟ ସମ୍ବିଧାନର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ କର୍ମଚାରୀ ଏବଂ ହିତାଧିକାରୀଙ୍କ ମଧ୍ୟରେ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ପୂର୍ବତଟ ରେଳପଥର ପ୍ରତିବଦ୍ଧତାର ଏକ ଅଂଶ।

## ଶଙ୍ଖ ଭବନରେ ହେଲା ବିଜେଡି ବିଧାୟକଦଳ ବୈଠକ

# ଲୋକଙ୍କ ସମସ୍ୟା ଓ ସରକାରଙ୍କ ଅପାରଗତା ଉପରେ ବିଧାନସଭାରେ ସ୍ୱର ଉଠାଇବ ବିଜେଡି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେଡି ବିଧାୟକ ଦଳର ବୈଠକ ବୁଧବାର ଶଙ୍ଖ ଭବନଠାରେ ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ସାଂପ୍ରତିକ ରାଜନୈତିକ ପରିସ୍ଥିତି ଓ ଲୋକଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଉଦ୍‌ବୋଧନ ଦେଇ ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ଆଇନ ଶୃଙ୍ଖଳା ଭୁସୁଡି ପଡିଛି । ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ କେନ୍ଦୁଝର ସଦର ଠାରୁ ଆରମ୍ଭ କରି ଖୋର୍ଦ୍ଧା, ବାଘମାରୀ ଓ କଟକ ଏସ୍‌ସିବି ମେଡିକାଲ୍ କଲେଜରେ ନିକଟରେ ଘଟି ଯାଇଥିବା ନାରୀ ନିର୍ଯ୍ୟାତନା ଘଟଣା ଅତ୍ୟନ୍ତ ପୀଡା ଦାୟକ। ଏଭଳି ସମ୍ବେଦନଶୀଳ ଘଟଣା ସରକାରଙ୍କର ଅପାରଗତାକୁ ପଦାରେ ପକାଇଛି । ଏତେ ଘଟଣା ପରେ ଏ ସରକାରର ନିଦ କେବେ ଭାଙ୍ଗିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ । ସେହିପରି ଶାନ୍ତି ଓ ସଦ୍‌ଭାବ ପାଇଁ ସୁନାମ ଥିବା ଓଡିଶାରେ ସାଂପ୍ରଦାୟିକ ଉତ୍ତେଜନା ବଢି ଚାଲିଥିବା ବେଦନା ଦାୟକ । ଗତ ୧୮ ମାସ ଭିତରେ ରାଜ୍ୟରେ ସ୍ଥିତିରେ ଅବନତି ଘଟିଛି । ନିକଟରେ କଟକ ସହରରେ ଦୁର୍ଗାପୂଜା ସମୟରେ ଘଟି ଯାଇଥିବା ଦଙ୍ଗା ଓଡିଶାର ମୁଣ୍ଡ ତଳକୁ କରିଦେଇଛି ବୋଲି ଶ୍ରୀ ପଟ୍ଟନାୟକ ଖେଦୋକ୍ତି ପ୍ରକାଶ କରିଥିଲେ । ଶ୍ରୀ ପଟ୍ଟନାୟକ କହିଲେ ଯେ ଆଜି ରାଜ୍ୟରେ ଚାଷୀ ଓ ମହିଳାମାନେ ସବୁଠାରୁ ଅଧିକ ଦୁଃଖରେ ଅଛନ୍ତି । ସରକାର ନା ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଇ ପାରୁଛନ୍ତି ନା ମିଶନ ଶକ୍ତି ମା'ମାନଙ୍କୁ ଋଣ ସହାୟତା ଦେଇ ପାରୁଛନ୍ତି । ଚାଷୀ ଓ ମିଶନ ଶକ୍ତି ମା' ମାନଙ୍କ ପ୍ରତି ସରକାରଙ୍କର ଉଦାସୀନତାର ଦୃଢ ବିରୋଧ କରାଯିବ ବୋଲି ସେ କହିଥିଲେ। ରାଜ୍ୟରେ ଚାଲିଥିବା ବିଜେପି ସରକାରକୁ ଚାଷୀ, ମହିଳା ଓ ଯୁବ ବର୍ଗର ବିରୋଧୀ ବୋଲି ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଏ ପର୍ଯ୍ୟନ୍ତ ଗୋଟିଏ ବି ନିଯୁକ୍ତି ପରୀକ୍ଷା ତ୍ରୁଟି ଶୂନ୍ୟ ଭାବରେ ପରିଚାଳନା କରିପାରି ନାହାନ୍ତି । ଯାହାକି ଯୁବ ବର୍ଗ ମଧ୍ୟରେ ହତାଶା ସୃଷ୍ଟି କରିଛି। ତେଣୁ ଜନସାଧାରଣ ସମ୍ମୁଖୀନ ହେଉଥିବା ଏହି ସବୁ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତରଦାୟୀ ହେବାକୁ ପଡିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ବିରୋଧୀ ଦଳ ଉପନେତା ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ପଶ୍ଚିମ ଓଡିଶାରେ ଧାନ ସଂଗ୍ରହ ନେଇ ଦେଖା ଦେଇଥିବା ସମସ୍ୟା ବିଷୟ ଉଠାଇଥିଲେ। କେନ୍ଦ୍ରାପଡା ବିଧାୟକ ଶ୍ରୀ ଗଣେଶ୍ୱର ବେହେରା ବିଭିନ୍ନ ଆଳରେ ଗରିବ ଲୋକଙ୍କ ରାସନ କାର୍ଡ କାଟିବା ପାଇଁ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ବିରୋଧୀ ଦଳ ନେତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଗୃହରେ ବିରୋଧୀ ଦଳର ରଣନୀତି ଉପରେ ଆଲୋକପାତ କରିବା ସହିତ ଗୁରୁବାର ରାଷ୍ଟ୍ରପତିଙ୍କ ବିଧାନସଭା କାର୍ଯ୍ୟକ୍ରମ ସମ୍ପର୍କରେ ସଭ୍ୟମାନଙ୍କୁ ଅବଗତ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବରିଷ୍ଠ ଓଏଏସ୍ ଅଧିକାରୀଙ୍କ...

ବିଭାଗର ସ୍ୱତନ୍ତ୍ର ସଚିବ ହୋଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ହୋଇଛନ୍ତି ଲୋପାମୁଦ୍ରା ମହାପାତ୍ର। ରାଜ୍ୟ ଖଣି ବିଭାଗର ସିଭିଓ ହେଲେ ନାରାୟଣ ଚନ୍ଦ୍ର ଧଳ। ଅନୁସୂଚିତ ଜନଜାତି ବିଭାଗର ଅତିରିକ୍ତ ସଚିବ ହେଲେ ଦେବେନ୍ଦ୍ର ନନ୍ଦ। ସେହିପରି ପ୍ରୀତିପର୍ଣ୍ଣା ମିଶ୍ର ରାଜସ୍ୱ ବିଭାଗର ଡ଼େପୁଟି ସେକ୍ରେଟାରୀ ହୋଇଥିବାବେଳେ ବାଲେଶ୍ୱର ଜିଲ୍ଲାର ଡିଏଚ୍‌ଏଚ୍ ପ୍ରଶାସନିକ ଅଧିକାରୀ ହୋଇଛନ୍ତି ଅନୀତା ନାୟକ।

### ସର୍ବଦଳୀୟ ବୈଠକରେ ସମସ୍ତଙ୍କ...

ରହିବ । ଏଥିପାଇଁ ୩୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବା ସହ ଷ୍ଟ୍ରାଇକିଂ ଫୋର୍ସ, ଏସ୍‌ଟିଏଫ୍, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କାଇଡ୍ ଓ ଅଗ୍ନିଶମ ବିଭାଗ ମଧ୍ୟ ଦାୟିତ୍ୱରେ ରହିବେ। ଡିସିପି ସୁରକ୍ଷା ତଦାରଖ ଦାୟିତ୍ୱରେ ଥିବାବେଳେ ତାଙ୍କ ଅଧୀନରେ ୭ ଜଣ ଅତିରିକ୍ତ ଡିସିପି, ୨୩ ଜଣ ଏସିପି, ୨୬ ଜଣ ଇନ୍ସପେକ୍ଟର, ୮୮ ଜଣ ଏସଆଇ ଓ ଏଏସଆଇ ଦାୟିତ୍ୱରେ ରହିବେ। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି ଖଞ୍ଜା ଯାଇଛି। ୫ଟି ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ୍ ରୁମ୍ ମଧ୍ୟ ଖୋଲାଯାଇଛି। କଣ୍ଟ୍ରୋଲ୍ ରୁମ୍‌ରେ ପ୍ରତିଟି ଦିଗ ଉପରେ ନଜର ରଖାଯାଇ ସ୍ଥିତି ନିୟନ୍ତ୍ରଣ କରାଯିବ। ୨୨୫ ଅଧିକାରୀ ଦାୟିତ୍ୱରେ ରହି ସ୍ଥିତି ଉପରେ ନଜର ରଖିବେ।

### ଜଳସମ୍ପଦ ବିଭାଗୀୟ ବ୍ୟୟ ଯୋଜନାର...

କରିଥିଲେ । ଉନ୍ନୟନ କମିଶନର ନିୟୋଜିତ ଜଳ ପ୍ରଭାରୀ ଓ ଅଧିକାରୀମାନଙ୍କୁ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ତଦାରଖ କରିବା ଏବଂ କ୍ଷେତ୍ର ପରିଦର୍ଶନ ପରାମର୍ଶ କରିଥିଲେ। ସେ ଆହୁରି ମଧ୍ୟ କାନୁପୁର, ବୃତଙ୍ଗ, ଓଙ୍ଗ ଏବଂ ଭୀମକୁଣ୍ଡ ପ୍ରକଳ୍ପ ଭଳି ପ୍ରାଥମିକତା ପ୍ରକଳ୍ପଗୁଡ଼ିକର ନିୟମିତ ସମୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ।

### ସରକାର ଏବଂ ୟୁଜିସିକୁ ତଥ୍ୟ ମାଗିଲେ...

ପ୍ରକୋଷ୍ଠ ରହିବା ନେଇ ସରକାର ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

### ୩ ବର୍ଷ ପାଇଁ ଓଡ଼ିଶା...

ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, କୋରେଇ ବିଧାୟକ ଆକାଶ ଦାସ ନାୟକ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ।

### ଓଡ଼ିଶା ପାଭିଲିୟନ୍ ଶ୍ରେଷ୍ଠ...

ଡିଜାଇନରେ କେବଳ ପ୍ରାଚୀନ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ଭାସ୍କର୍ଯ୍ୟ କଳା ପ୍ରତିଫଳିତ ହୋଇନାହିଁ, ବରଂ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ନିମନ୍ତେ ପ୍ରସ୍ତୁତ ଭିଜନ୍ ଡକ୍ୟୁମେଣ୍ଟ ଆଧାରରେ 'ଏକ ଭାରତ, ଶ୍ରେଷ୍ଠ ଭାରତ' ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରାଯାଇଛି। ଏହି ମଣ୍ଡପ ମାଧ୍ୟମରେ ମଧ୍ୟ, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ନିମନ୍ତେ ପ୍ରତିଟି ସ୍ତରରେ ହେଉଥିବା ଉଦ୍ୟମକୁ ଦେଶର ଅନ୍ୟାନ୍ୟ ରାଜ୍ୟ ଏବଂ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବାକୁ ପ୍ରୟାସ କରାଯାଇଛି। ନିଜର ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହିତ ସମାନ୍ତରାଳ ଭାବେ ପ୍ରଗତି ଓ ଆଧୁନିକତାକୁ ଆଦରି ନେଇ ସବୁ ବର୍ଗର ଲୋକମାନଙ୍କ ସାମଗ୍ରୀକ ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଏହି ସୁଦୃଶ୍ୟ ମଣ୍ଡପରେ ସ୍ଥାନିତ ହୋଇଛି। ବିଭିନ୍ନ କୃଷି ଉତ୍ପାଦ ସମେତ ଉତ୍କୃଷ୍ଟ ହସ୍ତତନ୍ତ, ହସ୍ତଶିଳ୍ପ କଳା ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବହୁ ସାମଗ୍ରୀ ମଧ୍ୟ ଏଥିରେ ପ୍ରଦର୍ଶିତ ହୋଇଛି। ଗତ ୧୪ ତାରିଖରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଦୃଶ୍ୟ ଓଡ଼ିଶା ପାଭିଲିୟନ୍ ଉଦଘାଟନ କରିଥିଲେ। ବିଭିନ୍ନ ଦିବସରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ତ୍ରିପୁରାର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ସନ୍ତନା ଚକମା, ମଣିପୁରର ଅତିରିକ୍ତ ଶାସନ ସଚିବ ଅନୁରାଗ ବାଜପେୟୀ, ପୂର୍ବତନ କ୍ରିକେଟର ତଥା ପଶ୍ଚିମବଙ୍ଗ ବହରମପୁରର ସାଂସଦ ୟୁସୁଫ ପଠାନ, ଓଡ଼ିଶା ଆସ୍କାର ସାଂସଦ ଅନୀତା ଶୁଭଦର୍ଶିନୀ, ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ, ରାଜ୍ୟ ସଭା ସାଂସଦ ସୁଜିତ କୁମାର, ରାଜ୍ୟସଭାର ପୂର୍ବତନ ସାଂସଦ ଅମର ପଟ୍ଟନାୟକ ପ୍ରମୁଖ ଓଡ଼ିଶା ମଣ୍ଡପ ପରିଦର୍ଶନ କରିଥିଲେ। ଏପରିକି ଗତ ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ରାଜ୍ୟ ଦିବସର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଲଗାତାର ଭାବେ ଗତ ୩ ବର୍ଷ ଧରି ଓଡ଼ିଶା ପାଭିଲିୟନ୍ ପୁରସ୍କୃତ ହୋଇଆସୁଛି। ଗୁରୁବାର ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ଚତୁର୍ଥ ଥର ପାଇଁ ପୁରସ୍କାର ଗ୍ରହଣ କରିବ । ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ପାଭିଲିୟନର ଆୟୋଜନ ଦାୟିତ୍ୱ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପରେ ରହିଛି ।

### ୨୬/୧୧ ଆକ୍ରମଣକୁ...

କୌଣସି ଅପ୍ରିୟ ଘଟଣାକୁ ଏଡାଇବା ପାଇଁ ମୁମ୍ବାଇ ପୋଲିସ ପୂରା ସହରରେ ସୁରକ୍ଷା ବ୍ୟବସ୍ଥାକୁ ହାଇ ଆଲର୍ଟରେ ରଖିଛି। ମୁମ୍ବାଇର ଲୋକାଲ ଟ୍ରେନ୍ ପାଇଁ ସବୁଠାରୁ ବ୍ୟସ୍ତ ଷ୍ଟେସନ ହେଉଛି ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ । ପ୍ରାୟ ୫ ଲକ୍ଷ ଯାତ୍ରୀ ପ୍ରତିଦିନ ଯାତ୍ରା କରନ୍ତି ଏବଂ ପ୍ରାୟ ୧୮୩୦ ଲୋକାଲ୍ ଟ୍ରେନ୍ ଏବଂ ୨୦୦ରୁ ଅଧିକ ଦୂରଗାମୀ ଏକ୍ସପ୍ରେସ ମେଲ୍ ଏଠାରୁ ଛାଡ଼ିଥାଏ। ତଥାପି ଯାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ ସୁରକ୍ଷା ବ୍ୟବସ୍ଥା କେବଳ ଏକ ଔପଚାରିକତା। ଅଧିକାଂଶ ଷ୍ଟେସନରେ ସ୍ଥାପିତ ମେଟାଲ୍ ଡିଟେକ୍ଟର ଏବଂ ବ୍ୟାଗେଜ୍ ସ୍କାନରଗୁଡ଼ିକ ଅଚଳ, ନିଖୋଜ କିମ୍ବା ସମ୍ପୂର୍ଣ୍ଣ ଅଦରକାରୀ। ସେପଟେ ସାମୁଦ୍ରିକ ସୁରକ୍ଷା ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। ୨୬/୧୧ ଆକ୍ରମଣକୁ ଦୃଷ୍ଟିରେ ରଖି ଭାରତୀୟ ନୌସେନା ଏବଂ ଜୋରଦାର କରିଛନ୍ତି।

# ବାଫ୍ଲିମାଳି ପକ୍ଷରୁ ଖଣି ସୁରକ୍ଷା ସପ୍ତାହ -୨୦୨୫ ପାଳିତ

**ରାୟଗଡ଼ା, ନ୍ୟୁଜ ବ୍ୟୁରୋ**

ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ୪୩ତମ ଓଡ଼ିଶା ଖଣି ସୁରକ୍ଷା ସପ୍ତାହ-୨୦୨୫ ପାଳିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ରାଜ୍ୟ ଖଣି ସୁରକ୍ଷା ନିର୍ଦ୍ଦେଶାଳୟ ନିଷ୍ପତ୍ତି କ୍ରମେ ବାଫ୍ଲିମାଳି ଖଣି ପକ୍ଷରୁ ସାତଦିନ ବ୍ୟାପି ଏହି ଖଣି ସୁରକ୍ଷା ସପ୍ତାହ ପାଳନ ହୋଇଛି। ଏହି ଉପଲକ୍ଷେ ଖଣି ସୁରକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଗଠିତ ୪ ଜଣିଆ ପ୍ରତିନିଧି ଦଳ ବାଫ୍ଲିମାଳି ଖଣିକୁ ପରିଦର୍ଶନରେ ଆସି ସୁରକ୍ଷା ନିୟାମକ ଅନୁଧ୍ୟାନ କରିବା ସହ ସମସ୍ତ ସୁରକ୍ଷା ସମ୍ବନ୍ଧୀୟ ବିଷୟକୁ ନେଇ ତର୍ଜମା କରିଥିଲେ। ଏହି ଦଳକୁ ନବୀନ କୁମାର ସିଂ ଅଧ୍ୟକ୍ଷତା କରିଥିବାବେଳେ ମୋହନ ରେଡ୍ଡୀ, ସଚିନ୍ଦ୍ର ପଣ୍ଡା, ସାଇଥାଳ ଅପଲରାଜୁ ପ୍ରମୁଖ ସଦସ୍ୟ ଥିଲେ। ଉକ୍ତ ଦଳ ବାଫ୍ଲିମାଳି ଖଣି ଅଞ୍ଚଳ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବା ପରେ ଖଣି ସୁରକ୍ଷା ମାନଦଣ୍ଡକୁ ନେଇ ଏହି ଦଳ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ସ୍ଥାନୀୟ ନୂଆପଡ଼ା ସ୍ଥିତ ଟାଉନସିପ କ୍ଲବ୍ ହାଉସ୍ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ରଙ୍କ ସମେତ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ସୁରକ୍ଷା ବିଭାଗ ମୁଖ୍ୟ ଅଜୟ ଠାକୁର, ବାଫ୍ଲିମାଳୀ ଖଣି ମୁଖ୍ୟ ବିଜୟ ଚୌହାନ, ସୁରକ୍ଷା ବିଭାଗ ମୁଖ୍ୟ ବିଶ୍ୱଜିତ୍ ଯୋଉରଦାର ପ୍ରମୁଖ ଯୋଗ ଦେଇଥିଲେ। ୟୁନିଟ୍ ମୁଖ୍ୟ ଶ୍ରୀ ମିଶ୍ର ଉଦବୋଧନ ଦେଇ କହିଛନ୍ତି ଯେ, ସୁରକ୍ଷା ଦୃଷ୍ଟିକୋଣରୁ ବାଫ୍ଲିମାଳି ଖଣି ଉନ୍ନତ ସ୍ତରର ସୁରକ୍ଷା ମାନଦଣ୍ଡକୁ ଅନୁସରଣ କରିଛି। ଖଣିରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ତଦାରଖ କରାଯାଇଥିବା ସ୍ଥଳେ ଆଗାମୀ ଦିନରେ ମଧ୍ୟ ଅନୁରୂପ ପଦକ୍ଷେପ ବଜାୟ ରହିବ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ତେବେ ସୁରକ୍ଷା ସପ୍ତାହ ପାଳନ ଅବସରରେ ଉତ୍କଳ ଆଲୁମିନା ପ୍ରତ୍ୟେକ କର୍ମଚାରୀ ଓ ସେମାନଙ୍କର ପରିବାର ବର୍ଗ ସାମିଲ ହୋଇଥିବାରୁ ଶ୍ରୀ ମିଶ୍ର ଖୁସି ବ୍ୟକ୍ତ କରିଛନ୍ତି। ସେହିପରି ହିଣ୍ଡାଲକୋ ଖଣି ସୁରକ୍ଷା ମୁଖ୍ୟ ଅଜୟ ଠାକୁର୍ କହିଛନ୍ତି ଯେ, ବ୍ୟକ୍ତି ଜନ୍ମ ହେବା ପରେ ଜୀବନ ଅତିବାହିତ ପାଇଁ ନିଜ ମାଙ୍କ ଠାରୁ ସୁରକ୍ଷା କୌଶଳ ଶିଖିଥାଏ। ଏହା ସାରା ଜୀବନ ଅତିବାହିତ ପାଇଁ ଜରୁରୀ । ସେହିପରି କର୍ମକ୍ଷେତ୍ରରେ ମଧ୍ୟ ଆମକୁ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ଆବଶ୍ୟକ ବୋଲି ଶ୍ରୀ ଠାକୁର୍ କହିଛନ୍ତି। ଅନୁରୂପ ବିଶ୍ୱଜିତ୍ ଯୋବରଦାରଙ୍କ ସମେତ ଉକ୍ତ ପ୍ରତିନିଧି ଦଳ ଦୈନାନ୍ଦିନ ଜୀବନରେ ସୁରକ୍ଷା ନିୟମ ଅନୁପାଳନ କରି ଜୀବନଶୈଳୀରେ ଏହାକୁ ଅବଲମ୍ବନ କରି ସୁରକ୍ଷିତ ରଖିବା ପାଇଁ କହିଥିଲେ। ଏହି ଉପଲକ୍ଷେ ସପ୍ତାହେ ବ୍ୟାପି ଉତ୍କଳ ଆଲୁମିନା କର୍ମଚାରୀ, ପରିବାର ସଦସ୍ୟ ଏବଂ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୋଷ୍ଟର, ସ୍ଲୋଗାନ ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିସହିତ କାର୍ଯ୍ୟକ୍ରମରେ ବାଫ୍ଲିମାଳି ଖଣିରେ ବ୍ୟବହୃତ ସମସ୍ତ ଆଧୁନିକ ସୁରକ୍ଷା ଉପକରଣ ତଥା ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଥିଲା। ଅନ୍ୟପକ୍ଷେ ଖଣି ସିଏସଆର ଅନ୍ତର୍ଗତ ସ୍ଥାନୀୟ ତଥା ପ୍ରଭାବିତ ଗ୍ରାମାଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଅନ୍ତର୍ଗତ ଉତ୍ପାଦିତ ଦ୍ରବ୍ୟ ତଥା ସାମଗ୍ରୀ ଗୁଡ଼ିକ ପ୍ରଦର୍ଶନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ବାଫ୍ଲିମାଳି ଖଣି କର୍ମଚାରୀଙ୍କ ପ୍ରତ୍ୟେକ୍ଷ ସହଯୋଗରେ ସଫଳ ହୋଇଥିଲା।



# ପାରିପାର୍ଶ୍ୱିକ ପଞ୍ଚାୟତର ପ୍ରତିନିଧିମାନଙ୍କୁ ନେଇ ଆଦିତ୍ୟ ବିର୍ଲା ସ୍କିଲ୍ ସେଣ୍ଟର ପରିଦର୍ଶନ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଆଦିତ୍ୟ ଅଲୁମିନିୟମ, ଲପଙ୍ଗା ଦ୍ୱାରା ସ୍ଥାନୀୟ ନେତାମାନେ ଓ ପ୍ରଭାବଶାଳୀ ସଦସ୍ୟମାନେ, ଲପଙ୍ଗା, ଜଙ୍ଗଲା ଓ କତରବଗା ପଞ୍ଚାୟତରୁ ଆଦିତ୍ୟ ବିର୍ଲା ସ୍କିଲ୍ ସେଣ୍ଟର ସମ୍ବଲପୁରକୁ ଏକ ପରିଦର୍ଶନ ବ୍ୟବସ୍ଥା କରିଥିଲେ, ଯାହା ସେମାନଙ୍କର ଯୁବ ସ୍କିଲିଂ ଓ ଜୀବନ-ଯାପନ ବିକାଶ ପ୍ରତି ପ୍ରତିବଦ୍ଧତାର ଅଙ୍ଗ। ଆଦିତ୍ୟ ବିର୍ଲା ସ୍କିଲ୍ ସେଣ୍ଟର ଅତି କମ ଆୟ ଥିବା ଯୁବକମାନଙ୍କୁ ବିଦ୍ୟାଳୟ ଓ କଲେଜ ଛାଡ଼ିଥିବା ବ୍ୟକ୍ତିମାନେ, ଏବଂ ଆର୍ଥିକ ସମସ୍ୟା କାରଣରୁ ଶିକ୍ଷା ଆଗକୁ ବଢ଼ାଇ ପାରିନଥିବା ଯୁବକମାନେ, ସେମାନେ ସ୍ୱତନ୍ତ୍ର ଭାବେ କ୍ଷେତ୍ର ଗତ କୌଶଳ ଶିକ୍ଷା ଓ ପ୍ଲେସମେଣ୍ଟ ସହିତ ମାଗଣା ଶିକ୍ଷା ପ୍ରଦାନ କରୁଛି । ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଯୁବକମାନଙ୍କୁ ଅର୍ଥପୂର୍ଣ୍ଣ କୌଶଳରେ ସମ୍ପୂର୍ଣ୍ଣ କରିବା ଏବଂ ସେମାନଙ୍କର ଏମ୍ପ୍ଲୋୟମେଣ୍ଟ କ୍ଷମତା ବୃଦ୍ଧି କରିବା। ପରିଦର୍ଶନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ସମୁଦାୟ ସ୍ତରରେ ସୂଚନା ଓ ଚେତନା ସୃଷ୍ଟି କରିବା, ଯେଉଁଠାରେ ସ୍ଥାନୀୟ ନେତାମାନେ ସେଣ୍ଟର ରେ ମିଳୁଥିବା ପ୍ରଶିକ୍ଷଣ ସାଧନ, ବିଭିନ୍ନ କୋର୍ସ ଓ ପ୍ଲେସମେଣ୍ଟ ସୁଯୋଗ ଗୁଡ଼ିକୁ ବୁଝିପାରିବେ। ସେମାନଙ୍କର ଯୋଗଦାନ ନିକଟତମ ପଞ୍ଚାୟତ ଗୁଡିକରୁ ପ୍ରାପ୍ତ ବୟସ୍କ ଯୁବକ ମାନଙ୍କୁ ପ୍ରୋଗ୍ରାମ ମାଧ୍ୟମରେ ସହଯୋଗ କରିବାକୁ ସହାୟକ ହେବ। କୌଶଳ ପ୍ରଶିକ୍ଷଣ ଓ ଚାକିରୀ ସୁଯୋଗରେ ପ୍ରବେଶ କୁ ପ୍ରୋତ୍ସାହିତ କରି, ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ତାର ପାରିପାର୍ଶ୍ୱିକ ଅଞ୍ଚଳ ରୁ ବେକାରୀ ଯୁବକ ଦୁରକରିବ ଓ ଗ୍ରାମ୍ୟ ଯୁବକମାନେ ଆତ୍ମ ନିର୍ଭର ଶିଳ ହେବା ପାଇଁ ସହଯୋଗ କରିବାପାଇଁ ସମ୍ପୂର୍ଣ୍ଣ ପ୍ରତି ବଦ୍ଧ।





# ପୁରୁଣା ବସ୍‌ଷ୍ଟାଣ୍ଡ ୟୁନିଟ୍-୨ ବ୍ୟବସାୟୀ ସଂଘ ତରଫରୁ ସଂପାଦକଙ୍କୁ ଶ୍ରଦ୍ଧାଞ୍ଜଳୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁରୁଣା ବସ୍‌ଷ୍ଟାଣ୍ଡ ୟୁନିଟ୍-୨ ବ୍ୟବସାୟୀ ସଂଘର ଆଜୀବନ ସଂପାଦକ ଭଗବାନ ଜେନାଙ୍କର ଗତ ତା୨୨.୧୧.୨୦୨୫ ରିଖ ଅପରାହ୍ନ ୪.୩୫ ମିନିଟ୍ ସମୟରେ ଭୁବନେଶ୍ୱର ପଦାସାହି ସାନବାରିପଡା ଗ୍ରାମରେ ଇହଲୀଳା ସମ୍ବରଣ କରିଛନ୍ତି। ଏହିପରିପ୍ରେକ୍ଷିରେ ପୁରୁଣା ବସ୍‌ଷ୍ଟାଣ୍ଡ ବ୍ୟବସାୟୀ କର୍ମକର୍ତ୍ତା ତରଫରୁ ପୁରୁଣା ବସଷ୍ଟାଣ୍ଡ, ୟୁନିଟ୍-୨ଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଦଳବଳ ନିର୍ବିଶେଷରେ





ଆର୍ଟିଷ୍ଟ ଭାବରେ ଏକାମ୍ର ବିଧାୟକ ବାବୁ ସିଂ, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ଓଡିଶା ଖଦୀ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ଭାରତୀୟ ଜନତା ପାର୍ଟିର ଯୁବ ନେତା ତଥା ସମାଜସେବୀ ଜଗନ୍ନାଥ ପ୍ରଧାନ, ଭଗବାନ ଜେନାଙ୍କର ପୁତ୍ର ଅମୀୟ କୁମାର ଜେନା, କର୍ପୋରେଟର ଅସୀୟା ବେଗମ୍, ସମାଜସେବୀ ପାୟଲ ପଲ୍ଲବୀ, ପୁରୁଣା ବସଷ୍ଟାଣ୍ଡ ବ୍ୟବସାୟୀ ସଂଘର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ତାଙ୍କ ଫଟୋରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଘର ସଭାପତି ଶିବପ୍ରସାଦ ପଣ୍ଡା ସଭାପତିତ୍ୱ କରିବା ସହିତ ଡକ୍ଟର ଶ୍ରୀନିବାସ ଘଟୁଆରୀ ଶ୍ରଦ୍ଧାଞ୍ଜଳୀ ସଭାରେ ସଂଯୋଜନା କରିଥିଲେ ।

# ସ୍ୱାସ୍ଥ୍ୟ ଓ ନିଯୁକ୍ତି କ୍ଷେତ୍ରରେ ବହୁ କାଳରୁ କାମ କରିଆସୁଛି 'ଜୟ ଓଡ଼ିଶା'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ବହୁ ପରିଚିତ ସ୍ୱେଚ୍ଛାସେବୀ ସଙ୍ଗଠନ ଜୟ ଓଡ଼ିଶା। ସମାଜସେବାରେ ଲିପ୍ତ, ରୁଦ୍ର ନାରାୟଣ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି ସଂଘ ଯେକୌଣସି ପରିସ୍ଥିତିରେ ମଧ୍ୟ ଏହାର ଯୋଜନା ଓ କାର୍ଯ୍ୟକ୍ରମ ଗୁଡିକରେ ବିରତି ଦେଇନାହାନ୍ତି। ତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସମସ୍ତ କାର୍ଯ୍ୟ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଅବିରତ ରହିଛି। ଏପରି ଅନେକ ଯୋଜନା ମଧ୍ୟରୁ ଦୁଇଟି ଜ୍ୱଳନ୍ତ ଉଦାହରଣ ହେଉଛି 'ଶେଷସାଥୀ ସ୍ୱର୍ଗରଥ' ଏବଂ 'ରକ୍ତଦାନ'। ଭିନ୍ନ ଭିନ୍ନ ସଂଗଠନ, ସଂଘ ତଥା ଆସୋସିଏସନ ସହ ମିଶି କ୍ରମାଗତ ଭାବେ ୧୦୦ଟି ରକ୍ତଦାନ ଶିବିରର ଆୟୋଜନ କରିବାକୁ ଲକ୍ଷ୍ୟ ରଖିଥିବା ଜୟ ଓଡ଼ିଶା ବୁଧବାର ଏହାର ୨୩ତମ ଶିବିର ଖାଓଗଲି ଓନର୍ ଆସୋସିଏସନର ମିଳିତ ଆନୁକୁଲ୍ୟରେ ରେଡକ୍ରସ ଭବନ ଠାରେ ଆୟୋଜିତ ହୋଇଯାଇଛି। ବହୁବର୍ଷ ଧରି ଭୁବନେଶ୍ୱରର ବାସିନ୍ଦାଙ୍କୁ ସ୍ୱାଦିଷ୍ଟ ଖାଦ୍ୟ ପରଶି ଦେଉଥିବା ଖାଓଗଲିର ସଦସ୍ୟ ମାନେ ସମାଜସେବାରେ ନିଜକୁ ନିୟୋଜିତ କରିବା ନିମନ୍ତେ ଜୟ ଓଡ଼ିଶା ସହ ହାତ ମିଳାଇଛନ୍ତି ଯାହାକି ଅତ୍ୟନ୍ତ ପ୍ରସଂଶାଯୋଗ୍ୟ। ଆସୋସିଏସନର ସଭାପତି ତଥା ଅନ୍ୟାନ୍ୟ ସଦସ୍ୟଙ୍କ ସହଯୋଗରେ ଶିବିର ସୂଚାରୁ ରୂପେ ସଞ୍ଚାଳିତ ହୋଇଥିଲା। ସେହିପରି ବୁଧବାର ବାୟା ବାବା କଲୋନୀର ୭୬ ବର୍ଷୀୟ ବରିଷ୍ଠ ବାସିନ୍ଦାଙ୍କ ଅକାଳ ବିୟୋଗରେ ତାଙ୍କ ଶେଷ ସମୟର ସାଥୀ ସାଜିଥିଲା ଜୟ ଓଡ଼ିଶା। ତାଙ୍କ ମୃତ ଶରୀରକୁ ଜୟ ଓଡ଼ିଶାର 'ଶେଷସାଥୀ' ବାହାନ ଦ୍ୱାରା ହାଇ ଟେକ୍ ମେଡିକାଲରୁ ତାଙ୍କ ବାସସ୍ଥାନ ଓ ସତ୍ୟ ନଗର ଶ୍ମଶାନକୁ ନିଶୁଳ୍କରେ ସ୍ଥାନାନ୍ତର କରାଯାଇଥିଲା, ଯାହା ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ଖୁବ୍ ଆଦୃତ ହୋଇଥିଲା। ଶ୍ରୀ ସାମନ୍ତରାୟଙ୍କ ମନ୍ତବ୍ୟ ଅନୁସାରେ, ତାଙ୍କର ମୁଖ୍ୟଲକ୍ଷ୍ୟ ସ୍ୱାସ୍ଥ୍ୟ, ଶିକ୍ଷା ଓ ନିଯୁକ୍ତି ରହିଛି। ସ୍ୱାସ୍ଥ୍ୟ ଓ ନିଯୁକ୍ତି କ୍ଷେତ୍ରରେ ଜୟ ଓଡ଼ିଶା ବହୁ କାଳରୁ କାମ କରିଆସୁଥିବା ବେଳେ ଆଉ ଅଳ୍ପଦିନ ମଧ୍ୟରେ ସେମାନେ ଶିକ୍ଷା କ୍ଷେତ୍ରରେ ଅନେକ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ପ୍ରତ୍ୟେକ ଶ୍ରେଣୀୟ ପରିବାର ନିଜ ଶିଶୁଙ୍କୁ କିପରି ପ୍ରାଥମିକ ଶିକ୍ଷା ପ୍ରଦାନ କରିପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ଯେକୌଣସି ସଂଗଠନ ବା ସଂଘ ଜୟ ଓଡ଼ିଶା ସହ ମିଶି ରକ୍ତଦାନ ଶିବିର ଆୟୋଜନ କରିବାକୁ ଚାହୁଁଥିଲେ ତଥା ଯେକୌଣସି ଅସହାୟ ବ୍ୟକ୍ତିଙ୍କ ମୃତ ଶରୀରକୁ ଭୁବନେଶ୍ୱରର ଯେକୌଣସି ସ୍ଥାନରୁ ସତ୍ୟ ନଗର ଶ୍ମଶାନ ପର୍ଯ୍ୟନ୍ତ ସ୍ଥାନାନ୍ତର କରିବା ନିମନ୍ତେ ସହଯୋଗ ପାଇବା ନିମନ୍ତେ ୯୮୫୩୨୨୦୦୨୩ ନମ୍ବରରେ ଯୋଗାଯୋଗ କରିବା ନିମନ୍ତେ ସେ କହିଛନ୍ତି।







ଭୁବନେଶ୍ୱର
୨୭ ନଭେମ୍ବର, ଗୁରୁବାର, ୨୦୨୫
RNI Regd. No. : 52640/94
Postal Regd. No. : BN/60/25-27

# ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର : ପ୍ରବେଶ ଶୁଳ୍କ ୧୦ ଟଙ୍କା



**ପୁରୀ, ୨୬/୧୧ ନ୍ୟୁଜ ବ୍ୟୁରୋ**

ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରବେଶ ଶୁଳ୍କ ୧୦ ଟଙ୍କା। ଆସନ୍ତା ଡିସେମ୍ବର ୧ତାରିଖରୁ ଭକ୍ତଙ୍କ ପାଇଁ ପରୀକ୍ଷାମୂଳକ ଭାବେ ଖୋଲିବ ଗୁଣ୍ଡିଚା ମନ୍ଦିର । ଦୀର୍ଘ ୬ବର୍ଷ ପରେ ମହାପ୍ରଭୁଙ୍କ ଜନ୍ମବେଦି ଦେଖିବାର ସୌଭାଗ୍ୟ ପାଇବେ ଶ୍ରଦ୍ଧାଳୁ । ଏପରି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ । ଡ. ପାଢୀ ଆହୁରି କହିଛନ୍ତି, କରୋନା ମହାମାରୀ ପରଠାରୁ ଗୁଣ୍ଡିଚା ମନ୍ଦିର ବନ୍ଦ ହୋଇ ରହିଥିଲା । ଏବେ ଭକ୍ତଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର । ଭକ୍ତମାନେ ଟିକେଟ କରି ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିବେ । ଜଣେ ଭକ୍ତଙ୍କ ପିଛା ଟିକେଟ ମୂଲ୍ୟ ୧୦ଟଙ୍କା ରହିଥିବାବେଳେ ୫ବର୍ଷରୁ କମ, ୮୦ବୟସରୁ ଅଧିକ ଓ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ପ୍ରବେଶ ନିଃଶୁଳ୍କ ରହିଛି। ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭକ୍ତମାନେ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିପାରିବେ । କେବଳ ଶୀତଦିନେ ନଭେମ୍ବର ମାସରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ସକାଳ ୬ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର । ଗୁଣ୍ଡିଚା ମନ୍ଦିରର ଉନ୍ନତି ମୂଳକ କିଛି କାମ ବାକି ରହିଥିବାରୁ ସିଂହଦ୍ୱାର ଦେଇ ଭକ୍ତମାନଙ୍କ ପ୍ରବେଶ ପ୍ରସ୍ଥାନ କରିବାର ବ୍ୟବସ୍ଥା ହୋଇଛି । ସେପଟେ ଭକ୍ତମାନଙ୍କ ଜୋତା ଓ ମୋବାଇଲ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଶୁଳ୍କ କରାଯାଇଛି । ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ରାମ୍ପ ବ୍ୟବସ୍ଥା କରାଯାଇଛି । ଦିବ୍ୟାଙ୍ଗ ଭକ୍ତମାନଙ୍କ ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯିବ । ତ୍ରୁଟି ଶୂନ୍ୟ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯିବା ପାଇଁ ନିଷ୍ପତି ହୋଇଛି । ପରିଚାଳନା କମିଟିର ସଦସ୍ୟ ମାନେ ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି । ଭକ୍ତମାନେ ଶୃଙ୍ଖଳିତ ସୁରକ୍ଷିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଦୀର୍ଘ ୬ ବର୍ଷ ପରେ ଖୋଲିବ ଗୁଣ୍ଡିଚା ମନ୍ଦିର। ଡିସେମ୍ବର ୧ ତାରିଖରୁ ସର୍ବସାଧାରଣଙ୍କ ପାଇଁ ମନ୍ଦିର ଖୋଲାଯିବ। ଦର୍ଶନ ପାଇଁ କିଭଳି ବ୍ୟବସ୍ଥା ରହିବ ସେନେଇ ଆଲୋଚନା ଚାଲିଛି। କୋଭିଡ୍ ମହାମାରୀ ଠାରୁ ଗୁଣ୍ଡିଚା ମନ୍ଦିର ବନ୍ଦ ରହିଥିଲା। ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ଟେଣ୍ଡର ନଦେଇ ଶ୍ରୀମନ୍ଦିର ପ୍ରଶାସନ ନିଜେ ଏହାକୁ ପରିଚାଳନା କରିବ। ଦର୍ଶନ ପାଇଁ କିଭଳି ବ୍ୟବସ୍ଥା ରହିବ ସେନେଇ ଆଲୋଚନା ଚାଲିଛି ବୋଲି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଥିଲେ।

# ଶ୍ରୀମନ୍ଦିରରେ ଶୀତରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ପିନ୍ଧିଲେ ଶୀତବସ୍ତ୍ର

**ପୁରୀ ୨୬/୧୧ ନ୍ୟୁଜ ବ୍ୟୁରୋ**

ବୁଧବାର ମାର୍ଗଶୀର ଶୁକ୍ଳ ଷଷ୍ଠୀ ବା ପ୍ରାବରଣ ଷଷ୍ଠୀ। ଶ୍ରୀମନ୍ଦିରରେ ଏହି ଅବସରରେ ଅନୁଷ୍ଠିତ ହେଉଛି ଓଢ଼ଣ ଷଷ୍ଠୀ ନୀତି। ଶୀତର ପ୍ରକୋପରୁ ବଞ୍ଚିବା ପାଇଁ ମହାପ୍ରଭୁ ଘୋଡ଼ ଲାଗି ବା ଶୀତବସ୍ତ୍ର ପରିଧାନ କରିଥାନ୍ତି। ମହାପ୍ରଭୁଙ୍କ ସକାଳଧୂପ ସହ ମଇଲମ ବଢ଼ିବା ପରେ ପାଗ ଓ ଘୋଡଲାଗି ସହ ଛଅ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥାଏ। ଦରଜୀ ସର୍ଦ୍ଦାରଙ୍କ ଦ୍ୱାରା ପ୍ରସ୍ତୁତ ପତନି, ଗୀତଗୋବିନ୍ଦ ପାଟ ଓ ସୂତା ପାଟ ଶୀତବସ୍ତ୍ର ବା ଘୋଡ଼ ପରିଧାନ କରିଥାନ୍ତି ମହାପ୍ରଭୁ। ଏହି ଘୋଡ଼ଲାଗି ଆସନ୍ତା ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ଭିନ୍ନ ଭିନ୍ନ ରଙ୍ଗର ଘୋଡ଼ ପରିଧାନ କରିଥାନ୍ତି ମହାପ୍ରଭୁ। ମା ବିମଳା, ଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନଙ୍କ ପାଇଁ ପ୍ରସ୍ତୁତ ଘୋଡ଼ ଅଧିବାସ ହୋଇଥାଏ। ଓଢ଼ଣୀ ଷଷ୍ଠୀ ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ। ଘୋଡ ଲାଗି ବେଶ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତି ହୋଇଥିବାରୁ ଏହି ବେଶ ଦର୍ଶନ ଦ୍ୱାରା କୋଟି ଜନ୍ମର ପୁଣ୍ୟଫଳ ମିଳିଥାଏ ବୋଲି ବିଶ୍ୱାସ ଥିବାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଛି।



## ସମ୍ବିଧାନ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

# ‘ସମ୍ବିଧାନର ମୂଲ୍ୟବୋଧକୁ ସମ୍ମାନ ଜଣାଇ ରାଷ୍ଟ୍ର ଗଠନରେ ନିଜର କର୍ତ୍ତବ୍ୟ ପାଳନ କରିବା’

**ଭୁବନେଶ୍ୱର, ୨୬/୧୧ ନ୍ୟୁଜ ବ୍ୟୁରୋ**



ନଭେମ୍ବର ୨୬ ଭାରତ ପାଇଁ ଏକ ସ୍ୱତନ୍ତ୍ର ଦିନ। କାରଣ ବୁଧବାର ସମ୍ବିଧାନ ଦିବସ। ୧୯୪୯ ମସିହା ଏହି ଦିନରେ ସ୍ୱାଧୀନ ଭାରତର ସମ୍ବିଧାନ ସଭା ବର୍ତ୍ତମାନର ସମ୍ବିଧାନକୁ ବିଧିବଦ୍ଧ ଭାବେ ଆପଣାଇଥିଲେ। ଏହାର ୨ ମାସ ପରେ ୧୯୫୦ ଜାନୁଆରୀ ୨୬ରେ ସମ୍ବିଧାନ କାର୍ଯ୍ୟକାରୀ ହେଲା। ସମ୍ବିଧାନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟ୍ୱିଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ, ‘୧୯୪୯ ମସିହା ଆଜିର ଦିନରେ ଭାରତୀୟ ସମ୍ବିଧାନକୁ ବିଧିବଦ୍ଧ ଭାବେ ଗ୍ରହଣ କରାଯାଇଥିଲା। ଏହି ଶୁଭ ଅବସରରେ, ଆସନ୍ତୁ ଆମ ସମ୍ବିଧାନର ମୂଲ୍ୟବୋଧକୁ ସମ୍ମାନ ଜଣାଇ ରାଷ୍ଟ୍ର ଗଠନ ଦିଗରେ ନିଜର କର୍ତ୍ତବ୍ୟ ପାଳନ କରିବା ଓ ମା ଭାରତୀର ସେବାରେ ନିଜକୁ ସମର୍ପଣ କରିବା ପାଇଁ ସଂକଳ୍ପ ନେବା।’ ଭାରତୀୟ ସମ୍ବିଧାନ ପ୍ରସ୍ତୁତି କରିବା ଲାଗି ୨ ବର୍ଷ, ୧୧ ମାସ, ୧୮ ଦିନ ସମୟ ଲାଗିଥିଲା । ୨୬ ନଭେମ୍ବର ୧୯୪୯ରେ ସମ୍ବିଧାନ ପ୍ରସ୍ତୁତ କାମ ସମାପ୍ତ ହୋଇଥିଲା । ୧୯୫୦ ଜାନୁଆରୀ ୨୬ରେ ସମ୍ବିଧାନ ପ୍ରଣୟନ ହେଲା। ୨୦୧୫ରେ ସମ୍ବିଧାନର ଜନକ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ୧୨୫ତମ ଜୟନ୍ତି ଅବସରରେ ପ୍ରଥମ ଥର ପାଇଁ ସମ୍ବିଧାନ ଦିବସ ପାଳିତ ହୋଇଥିଲା। ସମ୍ବିଧାନରେ ଦିଆଯାଇଥିବା ମୌଳିକ କର୍ତ୍ତବ୍ୟ ଆମକୁ ଆମ ଦାୟିତ୍ୱକୁ ମନେ ପକାଇଥାଏ। ପୂର୍ବରୁ ସମ୍ବିଧାନରେ ମୋଟ ୩୯୫ ଅନୁଚ୍ଛେଦ ଥିବା ବେଳେ ଏବେ ମୋଟ ୪୭୦ ଅନୁଚ୍ଛେଦ ରହିଛି । ସମ୍ବିଧାନ ଉଭୟ ଇଂରାଜୀ ଓ ହିନ୍ଦୀ ଭାଷାରେ ଲେଖାଯାଇଥିବା ବେଳେ ଏଥିରେ ମୋଟ ୨୫୧ ପୃଷ୍ଠା ରହିଛି । ଭାରତୀୟ ସମ୍ବିଧାନର ମୂଳ ସଂରଚନା ଭାରତ ସରକାର ଅଧିନିୟମ ୧୯୩୫ ଉପରେ ଆଧାରିତ । ସେହିପରି ୨୬ ନଭେମ୍ବର ୨୦୦୮ ରାତିରେ ମୁମ୍ବାଇରେ ଆତଙ୍କର ଲହରୀ ଖେଳିଯାଇଥିଲା। ଯାହା ସମଗ୍ର ଦେଶକୁ ଥରାଇ ଦେଇଥିଲା। ଏହି ଆକ୍ରମଣରେ ୧୫୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୦ରୁ ଅଧିକ ଗୁରୁତର ଆହତ ହୋଇଥିଲେ ।

## ଖ୍ରୀଷ୍ଟିଆନ ସେନା ଅଧିକାରୀଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ‘ସେନା ପାଇଁ ଯୋଗ୍ୟ ନୁହଁ’

**ନୂଆଦିଲ୍ଲୀ,୨୬/୧୧**

ଭାରତୀୟ ସେନାର ଜଣେ ପୂର୍ବତନ ଖ୍ରୀଷ୍ଟିଆନ ଅଧିକାରୀ ସାମୁଏଲ କମଲେସନ ଗୁରୁଦ୍ୱାରରେ ପ୍ରବେଶ କରିବାକୁ ମନା କରିବାକୁ ନେଇ ସୁପ୍ରିମକୋର୍ଟ ତାଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି । ଏଥିସହ ତାଙ୍କୁ ବରଖାସ୍ତ କରାଯିବାକୁ ଚ୍ୟାଲେଞ୍ଜ କରି ସେ କରିଥିବା ପିଟିସନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । ସାମୁଏଲ ସାପ୍ତାହିକ ରେଜିମେଣ୍ଟାଲ ଧାର୍ମିକ ପରେଡ୍ରେ ଭାଗ ନେବାକୁ ଲଗାତର ମନା କରିବାରୁ ତାଙ୍କୁ ସେନାରୁ ବରଖାସ୍ତ କରାଯାଇଥିଲା । ତାଙ୍କୁ ବରଖାସ୍ତ କରାଯିବା ନିଷ୍ପତ୍ତିକୁ ଦିଲ୍ଲୀ ହାଇକୋର୍ଟ ବଜାୟ ରଖିଥିଲେ। ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସାମୁଏଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍ଚୀଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ଆଦେଶରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି । ଜଣେ ସେନା ଅଧିକାରୀଙ୍କ ଏପରି ଆଚରଣ ଗମ୍ଭୀର ଅନୁଶାସନହୀନତା ଏବଂ ସେନା ଭଳି ଏକ ଧର୍ମନିରପେକ୍ଷ ଅନୁଷ୍ଠାନ ଲାଗି ଏଭଳି ବ୍ୟକ୍ତି ଯୋଗ୍ୟ ନୁହଁନ୍ତି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଭାରତୀୟ ସେନା ନିଜ ଧର୍ମନିରପେକ୍ଷ ସେନା ଏବଂ ଅନୁଶାସନ ପାଇଁ ଜଣା । ଏପରି କରି ସାମୁଏଲ ନିଜ ଯବାନଙ୍କ ଭାବନାକୁ ଆଘାତ ଦେଇଥିବା ସିଜେଆଇ ସୂର୍ଯ୍ୟକାନ୍ତ କହିଥିଲେ । ଏହି ମାମଲା ୨୦୧୭ ମସିହାର । ସାମୁଏଲ ଥାର୍ଡ କାଭାଲରି ରେଜିମେଣ୍ଟର ଲେଫ୍ଟନାଣ୍ଟ ଥିବାବେଳେ ତାଙ୍କ ୟୁନିଟ୍ ମନ୍ଦିର ଏବଂ ଗୁରୁଦ୍ୱାରା ଥିଲା, ଯେଉଁଠି ପ୍ରତି ସପ୍ତାହରେ ଧାର୍ମିକ ପରେଡ୍ ହେଉଥିଲା। ସେ ନିଜ ସୈନିକଙ୍କ ସହ ସେପର୍ଯ୍ୟନ୍ତ ଯାଉଥିଲେ, କିନ୍ତୁ ମନ୍ଦିରରେ ପୂଜା, ହୋମ ଆଦି କାର୍ଯ୍ୟକ୍ରମ ବେଳେ ସେ ସେଠାକୁ ଯିବାକୁ ମନା କରୁଥିଲେ । ସେ କହିଥିଲେ ଯେ, ତାଙ୍କ ଖ୍ରୀଷ୍ଟିଆନ ଧର୍ମ ତାଙ୍କୁ ଏଥିଲାଗି ଅନୁମତି ଦିଏନାହିଁ। ସେନାର ଶୀର୍ଷ ଅଧିକାରୀ ତାଙ୍କୁ ବାରମ୍ବାର ବୁଝାଇବା ସତ୍ତ୍ୱେ ସେ ରେଜିମେଣ୍ଟାଲ ପରେଡ୍ରେ ସମ୍ପୂର୍ଣ୍ଣ ଭାବେ ଭାଗ ନେଇ ନ ଥିଲେ, ଯାହା କି ସ୍ପଷ୍ଟ ଭାବେ ଅନୁଶାସନହୀନତାକୁ ଦର୍ଶାଏ ବୋଲି ସେନା ପକ୍ଷରୁ କୁହାଯାଇଥିଲା। ଦୀର୍ଘ ସମୟ ଧରି ମାମଲାର ଯାଞ୍ଚ ପରେ ୨୦୨୨ରେ ସାମୁଏଲଙ୍କୁ ୨୦୨୨ରେ ସେବାରୁ ବରଖାସ୍ତ କରାଯାଇଥିଲା । ଶୁଣାଣିବେଳେ ସିଜେଆଇ ସୂର୍ଯ୍ୟକାନ୍ତ କହିଥିଲେ, ଏହା କିପରି ଆଚରଣ । ଜଣେ ସେନା ଅଧିକାରୀ ହୋଇ ଆପଣ ଯବାନଙ୍କ ଭାବନାକୁ ସମ୍ମାନ କରୁନାହାନ୍ତି। ଏହା ଅନୁଶାସନ ବିରୋଧୀ ନୁହେଁ ତ ଆଉ କ’ଣ? ଆପଣଙ୍କୁ କୌଣସି ପୂଜା କରିବାକୁ କୁହାଯାଇ ନ ଥିଲା । ଆପଣ କେବଳ ନିଜ ସୈନିକଙ୍କ ସହ ଛିଡ଼ା ହୋଇ ରହିଥାନ୍ତେ । କିନ୍ତୁ ଆପଣଙ୍କ ଧାର୍ମିକ ଭାବନା ଏତେ ବଡ଼ କିପରି ହୋଇଗଲା? ଆପଣଙ୍କ ଚର୍ଚ୍ଚର ପାଦ୍ରୀ ମଧ୍ୟ କହିଥିଲେ ଯେ ସବୁ ଧର୍ମ ସ୍ଥଳକୁ ଯିବା ଖ୍ରୀଷ୍ଟିଆନ ଧର୍ମ ବିରୋଧୀ ନୁହେଁ। କିନ୍ତୁ ଆପଣ ତାଙ୍କୁ ମଧ୍ୟ ମାନିନାହାନ୍ତି । ନିଜ ଇଚ୍ଛାକୁ ଆପଣ ୟୁନିଫର୍ମ ଉପରେ ରଖିପାରିବେ ନାହିଁ। ପୂର୍ବରୁ ହାଇକୋର୍ଟ ମଧ୍ୟ ମାନିଥିଲେ ଯେ, ସାମୁଏଲଙ୍କ ଏଭଳି ବ୍ୟବହାର ଯୋଗୁ ରେଜିମେଣ୍ଟର ଏକଜୁଟତା, ଅନୁଶାସନ ଏବଂ ଧର୍ମ ନିରପେକ୍ଷ ଭାବନାକୁ ଆଘାତ ପହଞ୍ଚିଛି । ସେନାର ଏପରି ବ୍ୟବହାର ଯୁଦ୍ଧ ସ୍ଥିତିରେ ଦେଶ ପାଇଁ କ୍ଷତିକାରକ ବୋଲି ହାଇକୋର୍ଟ କହିଥିଲେ ।



# ଭୂ-ସମ୍ପଦ ତଥ୍ୟାବଳୀ ରଥର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୬/୧୧ ନ୍ୟୁଜ ବ୍ୟୁରୋ**

ଭୂସମ୍ପଦ ତଥ୍ୟାବଳୀ ରଥ ବା ଲ୍ୟାଣ୍ଡ ରିସୋର୍ସ ଇନଭେଣ୍ଟରିର ଶୁଭାରମ୍ଭ ବୁଧବାର କୃଷି ଭବନ ଠାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ଏଲ.ଆର.ଆଇ ଯାତ୍ରା ରିୱାର୍ଡ ପାଇଲଟ ପ୍ରକଳ୍ପ ଅନ୍ତର୍ଗତ ୫ଟି ଜିଲ୍ଲା (ନୟାଗଡ଼, କୋରାପୁଟ, ସମ୍ବଲପୁର, ଢେଙ୍କାନାଳ ଏବଂ ଦେବଗଡ଼)ର ବିଭିନ୍ନ ପଞ୍ଚାୟତରେ ଆରମ୍ଭ ହେବ । ଏଥିରେ ଦେବଗଡ଼ ଜିଲ୍ଲାର ୮ଟି, ଢେଙ୍କାନାଳର ୧୪ଟି, କୋରାପୁଟର ୧୬ଟି, ନୟାଗଡ଼ର ୧୯ଟି ଏବଂ ସମ୍ବଲପୁରର ୨୨ଟି ପଞ୍ଚାୟତ ଅନ୍ତର୍ଭୁକ୍ତ ଅଟେ । ଉପରୋକ୍ତ ଜିଲ୍ଲାମାନଙ୍କରେ ଭୂସମ୍ପଦ ତଥ୍ୟାବଳୀ ରଥ ବୁଧବାରଠାରୁ ଆରମ୍ଭ ହେଇ ଏକ ମାସ ପର୍ଯ୍ୟନ୍ତ ଚାଲିବ। ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଲେ ଯେ, ଭୂସମ୍ପଦ ତଥ୍ୟକୁ ବ୍ୟବହାର କରି ଏଲ.ଆର.ଆଇ କାର୍ଡ଼ ପ୍ରସ୍ତୁତ କରାଯାଇଛି। ଏହି କାର୍ଡ଼ ବ୍ୟବହାର କରି ଚାଷୀ ଭାଇ ଓ ଭଉଣୀମାନେ ଜମିର ଉପାଦେୟତା, ଉପଯୁକ୍ତ ଫସଲ, ମାଟିର ସମସ୍ୟା ଓ ପ୍ରସ୍ତାବିତ ଉପଚାର ସମ୍ପର୍କରେ ଜାଣିପାରିବେ । ଏହି କାର୍ଡର ବ୍ୟବହାର ଦ୍ୱାରା ଚାଷୀ ଭାଇ ଓ ଭଉଣୀ ମାନେ ନିଜ ଜମିର ବିଭିନ୍ନ ଭୌତିକ ଓ ରାସାୟନିକ ଗୁଣବତ୍ତା ବିଷୟରେ ଜାଣିବା ସହ ଫସଲ ଚୟନ, ସାର ପରିଚାଳନା, ମୃତ୍ତିକା ସଂରକ୍ଷଣ ଉପାୟ ଓ ଉପଯୁକ୍ତ ଜଳ ସଂରକ୍ଷଣ ପଦ୍ଧତି ଆଦି ନିର୍ଦ୍ଧାରଣ କରିପାରିବେ। ଏଲ.ଆର.ଆଇ ତଥା ବିଜ୍ଞାନଭିତ୍ତିକ ଜଳ ବିଭାଜିକା ପରିଚାଳନା ସମ୍ବନ୍ଧରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତ କରାଇବା ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଏହି ଯାତ୍ରା ମାଧ୍ୟମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅନ୍ତର୍ଗତ ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ନିର୍ଦ୍ଦେଶାଳୟ ଦ୍ୱାରା ଆବଣ୍ଟିତ ଏଲଆରଆଇ କାର୍ଡ଼ର ଉପାଦେୟତା ସମ୍ପର୍କରେ ଚାଷୀମାନେ ବିଶେଷ ଭାବରେ ଅବଗତ ହୋଇପାରିବେ । ଏତଦ୍ ବ୍ୟତୀତ ଉପ ଜଳବିଭାଜିକା ଅନ୍ତର୍ଗତ ନୂତନ କାର୍ଯ୍ୟର ଶୁଭାରମ୍ଭ ଓ ଭୂମି ପୂଜନ, ଏଲଆରଆଇ ମହୋତ୍ସବ, ଶ୍ରମଦାନ, ପାନୀ କି ପାଠଶାଳା ତଥା ପୂର୍ବ ସମ୍ପାଦିତ କାର୍ଯ୍ୟାବଳୀର ଲୋକାର୍ପଣ ମଧ୍ୟ ହେବ। ସଂପୃକ୍ତ ଜଳ ବିଭାଜିକା ଅଞ୍ଚଳ ଅନ୍ତର୍ଗତ ଚାଷୀ ସମୂହଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଅଟେ । ଏଲ.ଆର.ଆଇ କାର୍ଡ଼ର ତଥ୍ୟାବଳୀକୁ ବ୍ୟବହାର କରି ଲାଭବାନ ହୋଇଥିବା ଚାଷୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବାର ପରିକଳ୍ପନା କରାଯାଇଛି ବୋଲି କୃଷି ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ କହିଥିଲେ । ତତ୍ ସହିତ ଆଗାମୀ ପିଢ଼ିକୁ ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ପରିଚାଳନା ସମ୍ବନ୍ଧରେ ଅବଗତ କରାଇବା ପାଇଁ ପଞ୍ଚାୟତ ସ୍ତରରେ ବିଦ୍ୟାଳୟମାନଙ୍କରେ କୁଇଜ ପ୍ରତିଯୋଗିତା ଆୟୋଜନ ହେବ। ଏହି ଯାତ୍ରାରେ ନିୟୋଜିତ ଭୂସମ୍ବଳ ତଥ୍ୟାବଳୀ ରଥର ଗତିବିଧି ଏମଆଇଏସ୍ ମୋବାଇଲ ଆପ୍ଲିକେସନ୍ ମାଧ୍ୟମରେ ପର୍ଯ୍ୟବେକ୍ଷଣ କରାଯିବ। ଏହାର ସୁବ୍ୟବହାର ଦ୍ୱାରା ଜଳ ବିଭାଜିକା ଅଞ୍ଚଳରେ ଫସଲ ଅମଳ ବୃଦ୍ଧି ହେବାସହ ମୃତ୍ତିକା ଓ ଜଳ ସଂରକ୍ଷଣ ହୋଇପାରିବ ଯାହାକି ଜଳ ଛାୟା ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ଶ୍ରୀ ସୁବ୍ରତ କୁମାର ପଣ୍ଡା, କୃଷି ଅଧିକାରୀ, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଅଧିକାରୀମାନେ ଏହି ଅବସରରେ ଉପସ୍ଥିତଥିଲେ ।

## ଖଣି ଚୋରିରେ ପଡ଼ିବ ପୂର୍ଣ୍ଣଚ୍ଛେଦ : ଖଣି ମନ୍ତ୍ରୀ

**ଭୁବନେଶ୍ୱର, ୨୬/୧୧ ନ୍ୟୁଜ ବ୍ୟୁରୋ**

ସାବାଡ୍ ହେବେ ଲଘୁ ଖଣିଜ ଚୋର। ନିଶ୍ଚିହ୍ନ ହେବେ ବାଲି ମାଫିଆ। ଖଣି ଚୋରିରେ ପଡ଼ିବ ପୂର୍ଣ୍ଣଚ୍ଛେଦ। ମାଫିଆଙ୍କ ମୂଳପୋଛ ନହେବା ଯାଏଁ ସରକାର ଜାରି ରଖିବେ ଆକ୍ସନ୍। ବୁଧବାର ଏଭଳି ଚରମ ବାଣୀ ଶୁଣାଇଛନ୍ତି ଖଣି ମନ୍ତ୍ରୀ ବିଭୂତି ଜେନା। ଖଣି ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଗାଡି ଜବତ କରାଯାଇଛି। ବାଲି ମାଫିଆଙ୍କୁ ଦମନ କରିବା ପାଇଁ ତହସିଲଦାର, ଉପ ଜିଲ୍ଲାପାଳ ଓ ଜିଲ୍ଲାପାଳ ଏବଂ ପୁଲିସ ପ୍ରଶାସନ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସମ୍ପତ୍ତି ଜନ ସାଧାରଣଙ୍କର। ଯାକୁ ଲୁଟ୍ ହେବାକୁ ସରକାର ଦେବେ ନାହିଁ। ବେତନଟୀ ଥାନାରେ ଗୋଟେ ଅଘଟଣ ଘଟିଛି । ସେଥିପାଇଁ କେସ୍ କରାଯାଇଛି । ତିନି ଜଣଙ୍କୁ ଗିରଫ କରାଯାଇଛି । ଆଉ ଯେଉଁମାନେ ସମ୍ପୃକ୍ତ ସମସ୍ତଙ୍କୁ ଦମନ କରାଯିବ । ରାସଗୋବିନ୍ଦପୁରରେ ବି ପୂର୍ବରୁ ଗୋଟେ ଘଟଣା ଘଟିଥିଲା । ସବୁ କେସରେ ରାଜ୍ୟ ସରକାରଙ୍କ ତୁରନ୍ତ ଆକ୍ସନ ନେଇଛନ୍ତି। ବାଲି ମାଫିଆ ଯଦି ଭାବୁଛନ୍ତି ଆମେ ସରକାରଙ୍କୁ ଡ଼ରେଇ ଦେବୁ ତାହା ସେମାନଙ୍କ ଭ୍ରାନ୍ତ ଧାରଣା । କେହି ବି ସରକାରଙ୍କ ନଜରରୁ ବର୍ତ୍ତି ପାରିବେ ନାହିଁ। ଦୃଢ଼ କାର୍ଯ୍ୟାନୁଷ୍ଠାନ ଜାରି ରହିବ ।



ଭୁବନେଶ୍ୱର : ରାଷ୍ଟ୍ରପତି ଗ୍ରସ୍ତ ପୂର୍ବରୁ କମିଶନରେଟ ପୋଲିସ ପକ୍ଷରୁ କାରକେଡ଼ ରିହଲସେଲ। (ଫଟୋ : ସମ୍ବାଦ କଳିକା)

# ‘ବୀରେନ୍ ମିତ୍ର ଥିଲେ ଜନ କଲ୍ୟାଣର ନିରହଂକାର କର୍ମଯୋଗୀ’

**ଭୁବନେଶ୍ୱର,୨୬/୧୧ ନ୍ୟୁଜ ବ୍ୟୁରୋ**

ସାଧାରଣ ଜନତା, କୃଷକ, ଶ୍ରମିକ ଓ ଅସହାୟ ମଣିଷଙ୍କର ଉତ୍ଥାନ ପାଇଁ ଯେଉଁ କେତେଜଣ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ସେମାନଙ୍କ ମଧ୍ୟରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ଅନ୍ୟତମ। ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ଜନ କଲ୍ୟାଣର ନିରହଂକାର କର୍ମଯୋଗୀ ଓ ସମାଜ-ସଂସ୍କାରକ ଭାବେ ସାଧାରଣ ମଣିଷ ଓ ସମାଜର ନିମ୍ନବର୍ଗରେ ରହୁଥିବା ଲୋକମାନଙ୍କ ବିଶ୍ୱାସଭାଜନ ହୋଇ ପାରିଥିଲେ । ସେ ସରଳ ଜୀବନ, ପରୋପକାର, ଅନ୍ୟାୟର ପ୍ରତିବାଦ, ସଫଳ ସଂଗଠକ, ଜାତିଭେଦର ବିରୋଧ, ନିର୍ଭୀକତା ଇତ୍ୟାଦି ବିଶେଷଗୁଣର ଅଧିକାରୀ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ବୀରେନ୍ ମିତ୍ର ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ଜନଗଣର ନେତା ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଏବଂ ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ମାନବାଧିକାର କମିଶନ ସଦସ୍ୟ, ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟ ବିଚାରପତି, ନ୍ୟାୟମୂର୍ତ୍ତି ଡ. ବି. ଆର. ଷଡ଼ଙ୍ଗୀ କହିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ଥିଲେ ଜନ କଲ୍ୟାଣର ନିରହଂକାର କର୍ମଯୋଗୀ । ସେ ଥିଲେ ଜନଗଣର ନେତା ଓ ସାଧାରଣ ମଣିଷର ବନ୍ଧୁ । ତାଙ୍କ ସମୟରେ ଗଠିତ ଜନତା ଜନାର୍ଦ୍ଦନ ଦରବାର ତାଙ୍କ ଦରଦୀ ହୃଦୟର ପ୍ରମାଣ ଦିଏ। ତାଙ୍କର ସମଗ୍ର ଜୀବନକାଳ ଲୋକସେବାରେ ସମର୍ପିତ ଥିଲା। ଜଣେ ଦକ୍ଷ ଛାତ୍ରସଂଗଠକ ଭାବେ ବିଚକ୍ଷଣ ନେତୃତ୍ୱର ପରାକାଷ୍ଠା ପ୍ରତିପାଦନ କରିଥିବା ବୀରେନ୍ ମିତ୍ର ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ପ୍ରଗତିକୁ ଏକ ନୂତନ ଦିଶା ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର କାର୍ଯ୍ୟାବଳୀ ବେଶ ଉଲ୍ଲେଖଯୋଗ୍ୟ ଥିଲା । ତାଙ୍କର ଜନପ୍ରିୟତାକୁ ପ୍ରମାଣ କରି ସେ କଟକ ଆସନରୁ କ୍ରମାଗତ ୪ ଥର ବିଧାନସଭାକୁ ନିର୍ବାଚିତ ହୋଇ ପାରିଥିଲେ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ । ବୀରେନ୍ ମିତ୍ର ସରଳ ଜୀବନ, ପରୋପକାର, ସଫଳ ସଂଗଠକ ଓ ନିର୍ଭୀକତା ପାଇଁ ତାଙ୍କୁ ଏ ଜାତି ସବୁଦିନ ପାଇଁ ମନେ ରଖିବ । ସେହିପରି ଭାରତୀୟ ସମ୍ବିଧାନକୁ “ଦେଶର ସର୍ବୋଚ୍ଚ ଆଇନ” ବୋଲି କହିବା ସହିତ ଏହାକୁ କେବଳ ଏକ ଆଇନର ପୁସ୍ତକ ଭାବେ ନୁହେଁ ବରଂ ଭାରତର ଗଣତନ୍ତ୍ର ଓ ଭାରତୀୟଙ୍କ ମୂଲ୍ୟବୋଧର ପ୍ରତୀକ ଭାବେ ଆମେ ସମସ୍ତେ ସମ୍ମାନ ଦେବା ଉଚିତ ବୋଲି ନ୍ୟାୟମୂର୍ତ୍ତି ଡ଼ ଷଡ଼ଙ୍ଗୀ ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ ବୀରେନ୍ ମିତ୍ରଙ୍କ ପ୍ରତିଭା ଓ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଲେ ଯେ ବୀରେନ୍ ମିତ୍ର ଜଣେ ଲୋକପ୍ରିୟ ଜନପ୍ରତିନିଧି ଏବଂ ନିଃସ୍ୱାର୍ଥପର ଜନସେବକ ଥିଲେ । ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ ପୂର୍ବକ ଜେଲ ବରଣ କରିଥିଲେ। ବୟସ ନିର୍ବିଶେଷରେ ସମସ୍ତେ ତାଙ୍କୁ ‘ଦାଦା’ ବୋଲି ଡାକିବା ଥିଲା ତାଙ୍କର ଶ୍ରେଷ୍ଠ ପରିଚୟ। ଜଣେ ହୃଦୟବାନ, ନିଃସ୍ୱାର୍ଥପର ସାମାଜସେବୀ ତଥା ନିରହଙ୍କାରୀ ମଣିଷ ଭାବେ ସେ ଓଡ଼ିଶାବାସୀଙ୍କ ନିକଟରେ ଚିରସ୍ମରଣୀୟ ରହିବେ ବୋଲି ଶ୍ରୀ କାନୁନଗୋ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ବ୍ରଜକିଶୋର ତ୍ରିପାଠୀ ଏବଂ ପୂର୍ବତନ ବିଧାୟକ ତଥା ବୀରେନ୍ ମିତ୍ର ଫାଉଣ୍ଡେସନ୍‌ର ସଭାପତି ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ ବୀରେନ୍ ମିତ୍ରଙ୍କୁ ଏକାଧାରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସଂଗଠକ, ରାଜନେତା, ସାମ୍ବାଦିକ, ସଂସ୍କୃତିପ୍ରେମୀ, ସମାଜ ସଂସ୍କାରକ ଭାବେ ଅଭିହିତ କରିଥିଲେ । ଭାରତୀୟ ସମ୍ବିଧାନ କେବଳ ଏକ ଲିଖିତ ଆଇନ ନୁହେଁ ବରଂ ଏହା ଏକ ଜୀବନ୍ତ ଦଲିଲ, ଯାହା ସମୟ ଓ ପରିସ୍ଥିତି ଅନୁଯାୟୀ ଅନୁକୂଳିତ ହେବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଅତିଥିମାନଙ୍କୁ ସ୍ୱାଗତ ଭାଷଣ ପ୍ରଦାନ କରି ବିରେନ ମିତ୍ରଙ୍କ ବ୍ୟକ୍ତିଗତ ଜୀବନରେ ସରଳତା, ତ୍ୟାଗ, ସେବା, ରାଜନୈତିକ ଜୀବନରେ ଦକ୍ଷତା ଓ ନିର୍ଭୀକତା ଏବଂ ଛାତ୍ରବତ୍ସଳତା ନିମନ୍ତେ ସେ ଆମ ମାନଙ୍କ ନିକଟରେ ଚିରସ୍ମରଣୀୟ ରହିବେ ବୋଲି କହିଥିଲେ । ପ୍ରାରମ୍ଭରେ ଅତିଥିମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ସମ୍ବିଧାନ ଦିବସ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ତଥା କୃତୀ ବ୍ୟକ୍ତିତ୍ୱଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା । ବୀରେନ ମିତ୍ର ଫାଉଣ୍ଡେସନ୍‌ର ସଂପାଦକ ଅମିତ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟଦେବ ଭବନର ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।




